READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୪୦ ୧୬ - ୨୨ ଅକ୍ଟୋବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-40 16th - 22nd OCTOBER, 2023 BHUBANESWAR ₹ 5/- (8 Pages)

## ସରକାରୀ ହସ୍ପିଟାଲରୁ ମୁହଁ ଫେରାଉଛନ୍ତି ଡାକ୍ତର



**ଭୁବନେଶ୍ୱର :** ସରକାରୀ ହସ୍ପିଟାଲରୁ ମୁହଁ ଫେରାଉଛନ୍ତି ଡାକ୍ତର। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠ ଖୋଲି ଦେଇଛି ସରକାରଙ୍କ ଗୁମର। ସତ୍ୟପାଠ ଅନୁଯାୟୀ ୨୦୧୮ ଡିସେମ୍ବର ୧୪ ତାରିଖରେ ୧୯୫୦ ମେଡ଼ିକାଲ ଅଫିସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ହେଲେ ପ୍ରକ୍ରିୟା ଶେଷ ହେବା ପରେ ୯୩୮ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ମିଳିଥିଲା। ସେହିପରି ୨୦୧୯ ଅକ୍ଟୋବର ୨୮ ରେ ୩୨୭୮ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୧୪୦୩ ଜଣ ପ୍ରାର୍ଥୀ ନିଯୁକ୍ତିପତ୍ର ପାଇଥିଲେ। ୨୦୨୧ ଜାନୁଆରୀ ୧୮ ରେ ବି ୨୪୫୨ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୭୬୩ ଜଣ ପ୍ରାର୍ଥୀ ନିଯୁକ୍ତିପତ୍ର ପାଇଥିଲେ। ୨୦୨୧ ଜୁନ ୧୧ରେ ଅନୁସୂଚିତ ଜାତି ଓ ଜନଜାତି ସ୍ପେଶାଲ ଡ୍ରାଇଭ ମାଧ୍ୟମରେ ୧୫୮୬ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୮୧ ଜଣ ପ୍ରାର୍ଥୀ ନିଯୁକ୍ତିପତ୍ର ପାଇଥିଲେ। ୨୦୨୧ ଅକ୍ଟୋବର ୦୭ରେ ୧୮୭୧ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୩୫୮ ଜଣ ପ୍ରାର୍ଥୀ ନିଯୁକ୍ତିପତ୍ର ପାଇଥିଲେ। ୨୦୨୨ ନଭେମ୍ବର ୨୩ରେ ୩୪୮୧ ମେଡ଼ିକାଲ ଅଫିସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ➤ ପୃ-୬

## 'ଦିଲ୍ଲୀ ଯିବା କଥା ଶୁଣି ବିଜେଡି ଛାନିଆ'



**ଭୁବନେଶ୍ୱର :** ବିଜେପି ବିଧାୟକମାନେ ଦିଲ୍ଲୀ ଯିବା କଥା ଶୁଣିବା ପରଠୁ ବିଜେଡି ନେତାମାନେ ଭୟଭୀତ ହୋଇପଡ଼ିଛନ୍ତି। କାଳିଆ ଯୋଜନା, ଲକ୍ଷ୍ମୀ, ପିଠା ଭଳି ଅନ୍ୟ ଯୋଜନାରେ ଦୁର୍ନୀତି ପଦାରେ ପଡ଼ିଯିବାର ଭୟ ବିଜେଡିକୁ ଘାରିଛି। ସେଥିପାଇଁ ଦିଲ୍ଲୀରେ ରହି ମନ୍ତବ୍ୟ ଦେଉଥିବା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଆଖିରୁ ନୀଳ ଚଷମା କାଢ଼ି ଓଡ଼ିଶାର ଅବ୍ୟବସ୍ଥିତ ବାସ୍ତବ ଚିତ୍ରକୁ ପରଖନ୍ତୁ ବୋଲି ବିଜେପି କହିଛି। ଧାମନଗରର ବିଜେପି ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେଡି ସତକୁ ସାମ୍ନା ନ କରି ମିଛର ପ୍ରହେଳିକା ତିଆରି କରୁଛି। ବିଜେଡିର ବିଭ୍ରାନ୍ତିକର ମନ୍ତବ୍ୟ ଲୋକଙ୍କୁ ବୋକା ବନାଇ ପାରିବ ନାହିଁ। ବିଜେପି ବିଧାୟକ ଦିଲ୍ଲୀ ଯିବା କଥାରେ ବିଜେଡି ନେତା ଭୟ କରିଗଲେ କି ? କାଳିଆ ଯୋଜନା, ଲକ୍ଷ୍ମୀ, ପିଠା ଭଳି ଅନ୍ୟ ଯୋଜନାରେ ଦୁର୍ନୀତି ପଦାରେ ପଡିଯିବାର ଭୟ ବିଜେଡିକୁ ଘାରିଛି କି ? ଜାତୀୟ ରାଜପଥ ପ୍ରକଳ୍ପ ନେଇ ବିଜେପି ପକ୍ଷରୁ ବିସ୍ତୃତ ତଥ୍ୟ ଦେଇ ପ୍ରଶ୍ନ କରାଯିବା ପରେ ମଧ ବିଜେଡି ତାହାର ଉତ୍ତର ରଖୁନାହିଁ। ବିଜେଡି ମୁଖପାତ୍ର ଓଡ଼ିଶାରେ କମ୍ ରହିବା କାରଣରୁ ସେ ରାଜ୍ୟରେ ମୋଦି ସରକାରଙ୍କ କାର୍ଯ୍ୟକୁ ଦେଖିପାରୁନାହାନ୍ତି। ସେ ନିଜେ ସଂସଦର ସଦସ୍ୟ ଅଛନ୍ତି। ନିଜ ସାଂସଦ ମାନଙ୍କୁ ନେଇ ଆମର କେନ୍ଦ୍ରମନ୍ତ୍ରୀ ମାନଙ୍କୁ ଦେଖା କରନ୍ତୁ, ତେବେ ଯାଇ ଓଡ଼ିଶାରେ କେଉଁ କାର୍ଯ୍ୟ କମ୍ ହୋଇଛି, ତାହାର ଉତ୍ତର ଜାଣିଯିବେ। ତାଙ୍କ ମୁଖ୍ୟମନ୍ତ୍ରୀ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ➤ ପୃ-୬

# ବୃଦ୍ଧି ପାଇବ ତାପମାତ୍ରା; ବଢ଼ିବ ତାତି



**ନୂଆଦିଲ୍ଲୀ :** ତାପମାତ୍ରା ବୃଦ୍ଧି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ଚଳିତ ବର୍ଷ ଅଗଷ୍ଟରେ ସର୍ବାଧିକ ଉତ୍ତାପ ଅନୁଭବ ଆଉ ଅକ୍ଟୋବରରେ ଯେଉଁପରି ଭାବେ ଗରମ ହେଉଛି ତାହା ଜଳବାୟୁ ପରିବର୍ତ୍ତନର ଏକ ବିପଦଜନକ ସଙ୍କେତ ନିଶ୍ଚୟ। ଏସବୁ ମଧ୍ୟରେ ବୈଜ୍ଞାନିକମାନେ ତାପମାତ୍ରା ବୃଦ୍ଧିକୁ ନେଇ ଗୋଟିଏ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁସାରେ, ଆଗକୁ ଯଦି ବିଶ୍ୱ ତାପମାତ୍ରା ପୂର୍ବ-ଶିଳ୍ପ ସ୍ତର ଅପେକ୍ଷା ଆଉ ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଏ, ତେବେ ଉତ୍ତର ଭାରତ ଓ ପୂର୍ବ ପାକିସ୍ତାନର ସିନ୍ଧୁ ନଦୀ ଉପତ୍ୟକାରେ ରହୁଥିବା ପ୍ରାୟ ୨୨୦ କୋଟି ଲୋକ ଉତ୍ତାପ ବୃଦ୍ଧିଜନିତ ଗଭୀର ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏହି ତାପମାତ୍ରା ବୃଦ୍ଧି ମାନବ ସହନଶୀଳତାଠାରୁ ଖୁବ୍ ଅଧିକ ହେବ, ଯାହା ଫଳରେ ଲୋକଙ୍କଠାରେ ହାର୍ଟଷ୍ଟ୍ରୋକ୍ ଓ ହାର୍ଟ ଆଟାକ୍ ଭଳି ଗମ୍ଭୀର ରୋଗ ବିପଦ ଦେଖାଯାଇପାରେ। ପ୍ରୋସିଡିଙ୍ଗସ୍ ଅଫ୍ ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସ (ପିଏନ୍ଏସ୍) ପତ୍ରିକାରେ ଏହି ଗବେଷଣାର ରେଜଲ୍ଟ ପ୍ରକାଶ ପାଇଛି। ଗବେଷଣାରେ ରିପୋର୍ଟରେ କୁହାଯାଇଛି ଯେ ତାପମାତ୍ରାର ଏପରି ପରିବର୍ତ୍ତନ ଘଟିଲେ ଉତ୍ତର ଭାରତ, ପୂର୍ବ ପାକିସ୍ତାନ, ପୂର୍ବ ଚାଇନା ଓ କିଛି ସାହାରା ଆଫ୍ରିକାର ଦେଶରେ ଅତ୍ୟଧିକ ତାପମାତ୍ରା ସହ ଆଦ୍ରତା (ଶୁଷ୍କ) ଅନୁଭୂତ ହେବ। ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଯଦି ତାପମାତ୍ରା ବୃଦ୍ଧି ସାଙ୍ଗକୁ ଶୁଷ୍କତା ସମସ୍ୟା ସୃଷ୍ଟି ହୁଏ ତେବେ ଏହା ବିପଦଜନକ ହୋଇପଡ଼ିବ। କାରଣ ବାୟୁ(ପବନ) ଅତ୍ୟଧିକ ଆଦ୍ରତାକୁ ଗ୍ରହଣ କରିପାରେ ନାହିଁ। ଯଦି ଲୋକମାନେ ଖରା ସାଙ୍ଗକୁ ଶୁଷ୍କତା ଅନୁଭବ କରିବେ, ତେବେ ମାନବ ଶରୀରର ଝାଳ ଶୁଖିବା କ୍ଷମତା ବାଧାପ୍ରାପ୍ତ ହେବ। ଏଥିସହ ଫ୍ୟାନ୍, ଏସି, କୁଲର୍ ଭଳି ଝାଳ ଶୁଖାଉଥିବା ଯନ୍ତ୍ରପାତିର କ୍ଷମତା ହ୍ରାସ ପାଇବ। ଏସବୁ ଉପକରଣରେ ବି ଶୀଘ୍ର ଝାଳ ଶୁଖାଇପାରିବ ନାହିଁ। ଲୋକମାନେ ଅସହ୍ୟ ତାତିର ଶିକାର ହେବେ। ଏପରି ହେଲେ ଏସି, ଫ୍ୟାନ୍, କୁଲରର ଅଭାବ ମଧ୍ୟ ଦେଖାଯିବ। ଏହାର ପ୍ରଭାବ ବିଶେଷ କରି ନିମ୍ନ କିମ୍ବା ମଧ୍ୟବିତ୍ତ ଆୟକାରୀ ଦେଶମାନଙ୍କ ଉପରେ ଅଧିକ ପଡ଼ିବ। କାରଣ ଲୋକମାନେ ଗରମରୁ ରକ୍ଷା ପାଇବା ପାଇଁ ବୈଦ୍ୟୁତିକ ଉପକରଣ କିଣିବାରେ ଅକ୍ଷମ ହେବେ। ଜଣେ ବ୍ୟକ୍ତି ଉତ୍ତାପ ଓ ଆର୍ଦ୍ରତାର ନିର୍ଦ୍ଦିଷ୍ଟ ମିଶ୍ରଣକୁ ସହ୍ୟ କରିପାରେ, କିନ୍ତୁ ଯେତେବେଳେ ଏହି ➤ ପୃ-୬

## ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ପାଇଁ ଡ୍ରେସ୍ କୋଡ



**ପୁରୀ :** ଶ୍ରୀମନ୍ଦିରକୁ ଯିବାକୁ ହେଲେ କେଉଁ ପୋଷାକ ପିନ୍ଧିବେ ଓ କେଉଁ ପୋଷାକକୁ ବାରଣ କରାଯାଇଛି ଏନେଇ ବିସ୍ତୃତ ଭାବେ ଜାରି ହୋଇଛି ଗାଇଡ଼ଲାଇନ୍। ଏ ସମ୍ପର୍କରେ ଶ୍ରୀମନ୍ଦିର ସୂଚନା କେନ୍ଦ୍ରରୁ ଭକ୍ତଙ୍କୁ ଅବଗତ କରାଯାଇଛି। ମାଇକ୍ ଯୋଗେଁ ଘୋଷଣା କରି ଭକ୍ତଙ୍କୁ କ'ଣ ପିନ୍ଧିବେ ସେସମ୍ପର୍କରେ ସୂଚନା ଦିଆଯାଇଛି। ଏଥିସହ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ପରାମର୍ଶରେ ଦର୍ଶାଯାଇଛି ଯେ, ମନ୍ଦିରକୁ ଯିବା ବେଳେ ପୁରୁଷମାନେ ପ୍ୟାଣ୍ଟ ସାର୍ଟ, ଚୁଡ଼ିଦାର ପଞ୍ଜାବୀ, ଧୋତି ଆଦି ପାରମ୍ପାରିକ ପୋଷାକ ପିନ୍ଧିପାରିବେ। ସେହିପରି ମହିଳାମାନେ ଶାଢ଼ୀ, ଶାଲଓ୍ୱାର ଭଳି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ। ତେବେ ହାଫ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସକୁ ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ବୋଲି କୁହାଯାଇଛି। ଅନାବଶ୍ୟକ ଭାବେ ଶରୀର ପ୍ରଦର୍ଶନ କରୁଥିବା ପୋଷାକ କିମ୍ବା ଧାର୍ମିକ ଭାବନକୁ କୁଠାରଘାତ କଲା ଭଳି ପୋଷାକ ବର୍ଜନୀୟ ବୋଲି ଗାଇଡ଼ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ପ୍ରତ୍ୟେକ ସ୍ତରରେ ଏବେଠୁ ସଚେତନତା ସୃଷ୍ଟି ସହ ଆସନ୍ତା ନୂଆବର୍ଷଠାରୁ ଏହି ନିୟମକୁ କଡ଼ାକଡ଼ି ଲାଗୁ ପାଇଁ ଦିଆଯାଇଛି ନିର୍ଦ୍ଦେଶ। ➤ ପୃ-୬

### ରାସ୍ତାଘାଟ ସମସ୍ୟା ନେଇ ବର୍ଷିଲେ ହାଇକୋର୍ଟ
## ୨୭ ସୁଦ୍ଧା କାମ ସାର



**କଟକ :** ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ ଓ ମରାମତି କାମ ଶେଷ କର। ବିଭାଗୀୟ କର୍ତ୍ତୃପକ୍ଷ ନିଜ ଇଚ୍ଛା ଅନୁସାରେ ସମୟସୀମା ଧାର୍ଯ୍ୟ କରିପାରିବ ନାହିଁ। ପ୍ରାୟ ୯ଟି ବିଭାଗର ଅଧିକାରୀଙ୍କୁ ଏପରି ଚେତାବନୀ ଦେଇଛନ୍ତି ହାଇକୋର୍ଟ ବିଚାରପତି। ଆଉ ମାତ୍ର ଅଳ୍ପ ଦିନ ପରେ ପଡ଼ିବ ଦୁର୍ଗା ପୂଜା। ➤ ପୃ-୬

# ନଭେମ୍ବର ୨୭ରୁ ଐତିହାସିକ ବାଲିଯାତ୍ରା



**କଟକ :** ଆସନ୍ତା ନଭେମ୍ବର ୨୭ରୁ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ବାଲିଯାତ୍ରା ନେଇ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ନଭେମ୍ବର ୨୭ ତାରିଖରୁ ଡିସେମ୍ବର ୪ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବ ଐତିହାସିକ ବାଲିଯାତ୍ରା। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷର ବାଲିଯାତ୍ରାକୁ ଅଧିକ ଚିତାକର୍ଷକ, ସୁରକ୍ଷିତ ଓ ଜନାଦୃତ କରିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ ପୂର୍ବକ ଚଳିତ ବାଲିଯାତ୍ରାର ପ୍ରଥମ ଆଭାସୀ ପ୍ରସ୍ତୁତି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧକ୍ଷତା କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଏସହ ସମ୍ପୃକ୍ତ ସମସ୍ତ କାର୍ଯ୍ୟ ସମ୍ପୃକ୍ତ ବିଭାଗ ଓ ବିଭାଗୀୟ କାର୍ଯ୍ୟାଳୟ, ରାଜ୍ୟ ସରକାରଙ୍କ ସାଧାରଣ ଆର୍ଥିକ ନିୟମାବଳୀ ଅନୁପାଳନ ପୂର୍ବକ ସମ୍ପାଦନ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେମାନଙ୍କୁ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସୂଚାରୁରୂପେ ପରିଚାଳନା କଲେ ତାହା ବାଲିଯାତ୍ରାକୁ ଏକ ଉତ୍କୃଷ୍ଟ ସଫଳ ଆୟୋଜନର ପରିଚୟ ଦେବ। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ବୈଠକରେ ଯୋଗଦେଇ ଏଭଳି ବୈଠକର ଯଥେଷ୍ଟ ଆବଶ୍ୟକତା ଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଯାତ୍ରାକୁ ଜାତୀୟ ଉତ୍ସବର ମାନ୍ୟତା ପ୍ରଦାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିଥିଲେ। ବିଗତ ବାଲିଯାତ୍ରା ସମୟରେ ଇଣ୍ଡୋନେସିଆର ବାଲିଦ୍ୱୀପରେ ଉପସ୍ଥିତଥିବା ପ୍ରଧାନମନ୍ତ୍ରୀ କଟକ ବାଲିଯାତ୍ରାର ଅବତାରଣା କରି ଭୂୟସୀ ପ୍ରଶଂସା କରିଥିଲେ। କଟକ ମହାନଗର ନିଗମ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'କାଗଜ ଡଙ୍ଗା ତିଆରି କାର୍ଯ୍ୟକ୍ରମ' ଗିନିଜ୍ ବୁକ୍ ଅଫ ୱାଲ୍ଡ ରେକର୍ଡରେ ସ୍ଥାନୀତ ହୋଇଥିବା ଏବଂ କଟକ ମହାନଗର ନିଗମର ଆୟୁକ୍ତ ନିଖିଲ ପଓ୍ୱନ କଲ୍ୟାଣ ବାଲିଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା, ଏକ ଆନନ୍ଦର ବିଷୟ। ଚଳିତ ବାଲିଯାତ୍ରାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡଃ. ଭବାନୀ ଶଙ୍କର ଚୟନୀଙ୍କ ଦ୍ୱାରା ଆହୂତ ଏହି ବୈଠକରେ ଅଧକ୍ଷ କଟକ ଉନ୍ନୟନ କର୍ତ୍ତୃପକ୍ଷ ଅନୀଲ କୁମାର ସାମଲ ବିଗତ ବର୍ଷର ଅନୁଭବକୁ ପାଥେୟ କରି ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ସରସ ସୁନ୍ଦର ଭାବରେ ସଂଗଠିତ କରିବା ନିମନ୍ତେ ➤ ପୃ-୬

## ଫେରିଗଲା ମୌସୁମୀ



**ଭୁବନେଶ୍ୱର :** ସମ୍ପୂର୍ଣ୍ଣ ଭାବେ ବିଦାୟ ନେଲା ମୌସୁମୀ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ମୁଖ୍ୟ ପାଣିପାଗ ବିଜ୍ଞାନୀ ଡକ୍ଟର ଏଚ୍.ଆର୍ ବିଶ୍ୱାସଙ୍କ କହିବା ଅନୁସାରେ ରାଜ୍ୟରେ ପାଗ ଶୁଖିଲା ରହିବ। ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବା ନାହିଁ। ତେବେ କେତେକ ସ୍ଥାନରେ ଦିନର ତାପମାତ୍ରା ସ୍ୱାଭାବିକଠାରୁ ➤ ପୃ-୬

## ବକ୍ରବାଣୀ



ସମ୍ପର୍କ ତୁଚ୍ଛ ମିଛ ଦୁନିଆରେ
ଓସ୍ତାଦ ସବୁ ପଟି ମାରିବାରେ
ପାଇଟି ସଇଲେ ସମ୍ପର୍କ ତୁଟେ
କିଏ ବା କାହାକୁ ଏଠି ପଚାରେ
ସ୍ୱାଭିମାନ ଏଠି ନିଲାମ ହୁଏ
ସ୍ୱାର୍ଥ ପାଇଁ ତାକୁ ପକାନ୍ତି ବଳି
ଡିଲ୍ ହେଇଗଲେ ତୁନି ପଡ଼ନ୍ତି
ଆଦର୍ଶ ଯେମିତି ନଖର ମଳି
ହେ ଗୋପବନ୍ଧୁ ଫେରି ଚାହଁ ଥରେ
ନିଜ ସ୍ୱାର୍ଥ ଲାଗି ଓଡ଼ିଆ ମରେ।

—— ଟୁଟୁ

## ଗାଁରେ ମିଳିବ ସହରୀ ସୁବିଧା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କର ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ, ପ୍ରତି ଗାଁ। ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପୁରୀ ଓ ନୟାଗଡ ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା। ଏଥିପାଇଁ ପୁରୀ ଜିଲ୍ଲାର ୬ଟି ନିର୍ବାଚନମଣ୍ଡଳୀକୁ ମିଳିଛି ୧୩୪ କୋଟି ଟଙ୍କା ଏବଂ ଏଥିରେ ୪୧୩୦ଟି ପ୍ରକଳ୍ପ ହେବ। ସେହିପରି ନୟାଗଡ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ ପାଇଁ ୯୭ କୋଟି ଟଙ୍କା ଏବଂ ଏଥିରେ ୨୯୨୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ, ଓଡିଶାର ସଂସ୍କୃତିର ମୂଳ ଭିତ୍ତିକୁ ସୁଦୃଢ଼ କରାଯିବା ସହିତ ଡିଜିଟାଲ ଭିତ୍ତିଭୂମିର ମଧ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତ୍ତି। ଆମର ସୁଦୃଢ଼ ସାଂସ୍କୃତିକ ଭିତ୍ତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍ବଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତାର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଞ୍ଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଏହି ଯୋଜନାରେ ସଂସ୍କୃତି ସହିତ ଆଧୁନିକତାର ହେବ ସମନ୍ୱୟ। ଏହି ସମନ୍ୱୟରେ ଗାଁ ଗାଁ ରେ ଆସିବ ସମୃଦ୍ଧି। ଏହି ହେଉଛି ଏକବିଂଶ ଶତାବ୍ଦୀର ଓଡିଶା ପାଇଁ ଆମର ସଂକଳ୍ପ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ➤ ପୃ-୬

## ଖୋଲିଲା ଶିମିଳିପାଳ ଜାତୀୟ ଉଦ୍ୟାନ



**ବାରିପଦା,(ବିଜୁ ସିଂ):** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚଳିତ ପର୍ଯ୍ୟଟନ ଋତୁ ନଭେମ୍ବର ୧ ପରିବର୍ତ୍ତେ ଅକ୍ଟୋବର ୧୪ ମହାଳୟାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ପ୍ରକାଶ କରିଥିଲେ। ଫଳରେ ଦୁର୍ଗାପୂଜାରେ ଏଥର ପର୍ଯ୍ୟଟକ ଶିମିଳିପାଳ ଭ୍ରମଣ ଓ ରାତ୍ରରହଣି ସୁବିଧା ପାଇପାରିବେ। ପୂର୍ବଭଳି ଦୈନିକ ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଗାଡି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବେଳେ, ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକ ମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ପର୍ଯ୍ୟଟକମାନେ ନେବା ଉପରେ କଟକଣା ଜାରି କରାଯାଇଛି। ଶିମିଳିପାଳରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀ ଯାପନ ପାଇଁ ପର୍ଯ୍ୟଟକ ମାନେ ୱେବସାଇଟରେ ଅଗ୍ରୀମ ବୁକିଂ କରି ପାରିବେ। ପ୍ରକାଶ ଥାଉ କି ପ୍ରତି ବର୍ଷ ବର୍ଷାଋତୁ ଯୋଗୁଁ ଜୁନ ମାସ ୧୫ ତାରିଖରେ ଶିମିଳିପାଳ ବନ୍ଦ ହୋଇଥାଏ ଏବଂ ନଭେମ୍ବର ପହିଲାରେ ଖୋଲିଥାଏ। ➤ ପୃ-୬

# ବିଦ୍ୟାଳୟର ହେବ ପ୍ରତିମାସରେ ସମୀକ୍ଷା



**ଭୁବନେଶ୍ୱର :** 'ମୋ ସ୍କୁଲ' ଅଭିଯାନ ଅଧୀନରେ ବିଦ୍ୟାଳୟର ଉନ୍ନତି ପାଇଁ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା ସଫଳତାର ସହ ଶେଷ ହୋଇଛି। ପ୍ରତି ବ୍ଲକରୁ ଗୋଟିଏ ଲେଖାଏଁ ବିଦ୍ୟାଳୟ ଏବଂ ୫ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପ କରାଯାଇଥିବା ୯୨୬ଟି ବିଦ୍ୟାଳୟରେ ଏହି ସମୀକ୍ଷା ସଫଳ ହୋଇଛି। ଏହାପରେ ପ୍ରତି ମାସରେ ମୋ ସ୍କୁଲ ପ୍ରକଳ୍ପ ଶେଷ ହେଇଥିବା ୧୦୦୦ଟି ଉଚ୍ଚ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯିବ। 'ମୋ ସ୍କୁଲ'ର ସାମାଜିକ ସମୀକ୍ଷକ ଭାବେ ପ୍ରକଳ୍ପର ଅଂଶୀଦାର, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ବିଇଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ/ଏବିଇଓ/ସିଆର୍ସିସି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ କରାଯାଇଥିବା ପ୍ରକଳ୍ପ ଗୁଡିକର ସମୀକ୍ଷା କରିବେ। ଗୁରୁବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧକ୍ଷତାରେ ଲୋକସେବା-ଭବନଠାରେ 'ମୋ ସ୍କୁଲ ଅଭିଯାନ'ର ୪୩ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଏହାସହ ବୈଠକରେ ଅନେକ କାର୍ଯ୍ୟକ୍ରମ ଓ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଉଚ୍ଚ ବିଦ୍ୟାଳୟର ଉତ୍ତମ ପରିଚାଳନା ସହ ଶୈକ୍ଷିକ ବିକାଶ ପାଇଁ ଚଳିତ ମାସରୁ ବ୍ଲକ୍‌ସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଆରମ୍ଭ ହୋଇଛି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମୁଣ୍ଡବିନ୍ଧା ରୋଗ ହୋଇପାରେ। ଅଦରକାରୀ ଖର୍ଚ୍ଚ ବଢ଼ିବ। ନୂଆ ଚାକିରୀ ମିଳିପାରେ। ଉପରିସ୍ଥ ଅଧିକାରୀଙ୍କ ସହ ମତଭେଦ ହୋଇପାରେ। ପତିପତ୍ନୀଙ୍କ ମଧ୍ୟରେ ଝଗଡା ହୋଇପାରେ। ଶୁଭ ତାରିଖ ୧୬, ୧୮, ଭାଗ୍ୟଫଳ-୮୦%। ପ୍ରତିକାର : ହରଡ ଡାଲି ଦାନ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲିକ୍ଷିତ ହେବ। ବ୍ୟବସାୟରେ ନୂଆ ସୁଯୋଗ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଅପମାନିତ ହୋଇପାରନ୍ତି। ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଦମ୍ପତ୍ତି ସୁଖଇ ହେବେ। ଶୁଭ ତାରିଖ ୧୬, ୧୯, ଭାଗ୍ୟଫଳ-୭୦%। ପ୍ରତିକାର : ତୁଳସୀ ମୂଳରେ ଦୀପ ଜାଳନ୍ତୁ ଓ ୨୧ଥର ପରିକ୍ରମା କରନ୍ତୁ।

**ମିଥୁନ** ପେଟରେ ସମସ୍ୟା ହୋଇପାରେ। ପୁରୁଣା ବ୍ୟବସାୟରୁ ଲାଭ ମିଳିବ। ଅନାବଶ୍ୟକ ବିଶ୍ୱାସ କାହାକୁ କରନ୍ତୁ ନାହିଁ। ଜୀବନସାଥୀଙ୍କ ସମ୍ବନ୍ଧରେ ତରବରିଆ ଭାବେ କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ। ଶୁଭ ତାରିଖ ୧୬, ୧୭, ଭାଗ୍ୟଫଳ : ୮୦%। ପ୍ରତିକାର : ସଂଧ୍ୟାରେ କ୍ଷୀର ଓ ଗଙ୍ଗାଜଳ ଚନ୍ଦ୍ରଙ୍କୁ ଅର୍ପଣ କରନ୍ତୁ।

**କର୍କଟ** ଦାନ୍ତରେ ସମସ୍ୟା ହୋଇପାରେ। ଆୟରେ ବୃଦ୍ଧି ହେବ କିନ୍ତୁ କଠିନ ପରିଶ୍ରମ କରିପାରନ୍ତି। ପଦୋନ୍ନତି ଯୋଗ ଅଛି। ଉଧାର ଦିଅନ୍ତୁ ନାହିଁ। ଜୀବନସାଥିଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ ୨୦, ୨୧, ଭାଗ୍ୟଫଳ :୬୦%। ପ୍ରତିକାର : ଶିବଚାଳିଶା ପାଠ କରନ୍ତୁ।

**ସିଂହ** ପାଟିରେ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଶୁଭ ସମାଚାର ପାଇବେ। ଆୟ ଓ ବ୍ୟୟ ବଢ଼ିବ। ଅତିଥିଙ୍କ ଆଗମନରେ ପରିବାରରେ ଆନନ୍ଦ ମିଳିବ। ଶୁଭ ତାରିଖ ୧୯, ୨୧, ଭାଗ୍ୟଫଳ :୭୦%। ପ୍ରତିକାର : ବରଗଛ ମୂଳରେ ଜଳ ଅର୍ପଣ କରନ୍ତୁ।

**କନ୍ୟା** କୋଷ୍ଠକାଠିନ୍ୟ ହୋଇପାରେ। ଆର୍ଥିକ ସ୍ଥିତି ବଦଳିବ। ମୂଳ ଚାକିରୀ ପାଇପାରନ୍ତି। ବ୍ୟୟରେ ସତର୍କ ରହନ୍ତୁ। ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଇପାରନ୍ତି। ଶୁଭ ତାରିଖ ୧୮, ୨୨, ଭାଗ୍ୟଫଳ : ୮୦%। ପ୍ରତିକାର : ଲକ୍ଷ୍ମୀନାରାୟଣ ଓ ଦକ୍ଷୀଣା ବର୍ତ୍ତୀ ଶଙ୍ଖର ପୂଜା କରନ୍ତୁ।

**ତୁଳା** ଜୀବନ ଶୈଳୀରେ ପରିବର୍ତ୍ତନ ଆଣନ୍ତୁ। କାହା ଠାରୁ ଉଧାର ନିଅନ୍ତୁ ନାହିଁ। ବ୍ୟୟ ବଢ଼ିବ। ଘର ଓ ବାହାନରେ ଲାଭ ମିଳିବ। ଜୀବନସାଥୀଙ୍କ ସହ ସମ୍ପର୍କ ଦୃଢ଼ ହେବ। ଉଧାର ନିଅନ୍ତୁ ନାହିଁ କି ଦିଅନ୍ତୁ ନାହିଁ। ଶୁଭ ତାରିଖ ୧୯, ୨୨, ଭାଗ୍ୟଫଳ : ୬୦%। ପ୍ରତିକାର : ମାତା ଲକ୍ଷ୍ମୀଙ୍କ ଖିରୀ ଭୋଗ ଲଗାନ୍ତୁ।

**ବିଛା** ଖାଦ୍ୟପେୟରେ ସାବଧାନ ରହନ୍ତୁ। ନୂଆ ଚାକିରୀ ପାଇପାରନ୍ତି। ମକଦ୍ଦମାରେ ବିଜୟୀ ହେବେ। ବ୍ୟବସାୟରେ ବଡ ଅର୍ଡର ପାଇପାରନ୍ତି। ଶୁଭ ତାରିଖ ୧୮, ୧୯, ଭାଗ୍ୟଫଳ : ୭୦%। ପ୍ରତିକାର : ସୂର୍ଯ୍ୟାସ୍ତ ପରେ ହନୁମାନଜୀଙ୍କୁ ପୂଜା କରନ୍ତୁ।

**ଧନୁ** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ଶୁଭ ସମାଚାର ପାଇବେ। ନିର୍ଣ୍ଣୟ ବିଚାର କରି ନିଅନ୍ତୁ। ଛାତ୍ରମାନେ ସଠିକ୍ ବନ୍ଧୁ ବାଛନ୍ତୁ ନଚେତ କଷ୍ଟ ପାଇପାରନ୍ତି। ଜୀବନସାଥୀଙ୍କୁ ଉପହାର ଦେବେ। ଶୁଭ ତାରିଖ ୨୦, ୨୧, ଭାଗ୍ୟଫଳ : ୭୦%। ପ୍ରତିକାର : ହନୁମାନଙ୍କୁ ପୂଜା କରନ୍ତୁ।

**ମକର** ଗୁରୁଜନଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ବ୍ୟବସାୟରେ ନୂଆ ଯୋଜନା କରିବେ। ଅଟକିଥିବା ଧନ ଫେରିବ। କଳା କ୍ଷେତ୍ରରେ ଛାତ୍ରମାନଙ୍କ ଉନ୍ନତି ହେବ। ବିବାହ ପ୍ରସ୍ତାବ ଆସିପାରେ। ଶୁଭ ତାରିଖ ୨୧, ୨୨, ଭାଗ୍ୟଫଳ : ୬୦%। ପ୍ରତିକାର : ମଙ୍ଗଳବାରଦିନ ହନୁମାନଜୀଙ୍କୁ ଲବଙ୍ଗ ଓ ଗୁଡ ପାନପତରରେ ଅର୍ପଣ କରନ୍ତୁ।

**କୁମ୍ଭ** ମାଂସପେଶୀରେ ଯନ୍ତ୍ରଣା ହେବ। ନିବେଶ ପାଇଁ ସମୟ ଅନୁକୂଳ। ଅନ୍ୟର କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଦାମ୍ପତ୍ୟ ଜୀବନରେ ତୃତୀୟ ବ୍ୟକ୍ତଙ୍କୁ ପୁରାନ୍ତୁ ନାହିଁ। ଶୁଭ ତାରିଖ ୧୭, ୨୨, ଭାଗ୍ୟଫଳ :୮୦%। ପ୍ରତିକାର : ହନୁମାନ ମନ୍ଦିରରେ ଲାଲ ପତାକା ଲଗାନ୍ତୁ।

**ମୀନ** ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରେ। ମନ ମୁତାବକ ଫଳ ପାଇବେ। ବ୍ୟବସାୟ ଲାଭ ବଢ଼ିବ। ଭ୍ରମଣରେ ଯାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ଦାମ୍ପତ୍ୟରେ ଉନ୍ନତି ହେବ। ଶୁଭ ତାରିଖ ୧୮, ୨୦, ଭାଗ୍ୟଫଳ : ୭୦%। ପ୍ରତିକାର : ଭଗବାନ ଶିବଙ୍କ ଜଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଗର୍ଭପାତ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ଟିପ୍ପଣୀ

## ଗର୍ଭସ୍ଥ ଶିଶୁର ଅଧିକାର ଛିନ୍ନ କରିହେବନି

**ନୂଆଦିଲ୍ଲୀ:** ଗର୍ଭପାତକୁ ନେଇ ଏବେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିଲା ବେଳେ ଗତକାଲି ଏହି ପ୍ରସଙ୍ଗରେ ଦୁଇ ଖଣ୍ଡପୀଠ ଭିନ୍ନ ମତ ପୋଷଣ କରିଥିଲେ। ତେବେ ଏହି ପ୍ରସଙ୍ଗରେ ଆଗତ ଆଉ ଏକ ଯାଚିକାକୁ ନେଇ ସୁପ୍ରିମ୍‌କୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଗର୍ଭସ୍ଥ ଶିଶୁର ଅଧିକାରକୁ ଛିନ୍ନ କରି ହେବ ନାହିଁ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଜଣେ ବିବାହିତ ମହିଳା ତାଙ୍କର ତୃତୀୟ ଗର୍ଭ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଯାଚିକା ଦାଏର କରିଥିଲେ। ବର୍ତ୍ତମାନ ତାଙ୍କର ଦୁଇଟି ସନ୍ତାନ ରହିଥିବା ବେଳେ ଆର୍ଥିକ ଦୃଷ୍ଟିକୋଣରୁ ସେ ତୃତୀୟ ସନ୍ତାନକୁ ଜନ୍ମ ଦେବାକୁ ଚାହୁଁ ନାହାନ୍ତି ବୋଲି ତାଙ୍କ ଯାଚିକାରେ ଦର୍ଶାଇଥିଲେ। କିନ୍ତୁ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି କହିଥିଲେ ଯେ, କୌଣସି ଗର୍ଭସ୍ଥ ଶିଶୁର ଅଧିକାରକୁ ନଷ୍ଟ କରିବା ସମ୍ଭବ ନୁହେଁ। ଆମେ ଏଥିପାଇଁ ସମ୍ମତି ଦେଇ କ'ଣ ଏକ ଗର୍ଭସ୍ଥ ଶିଶୁର ଅଧିକାର ଛିନ୍ନ କରିବାକୁ ଆଇନ ଆଣିବୁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

# 'ସଶକ୍ତ ଯୁବ ଶକ୍ତି ଦ୍ୱାରା ଦେଶ ଅଧିକ ଉନ୍ନତି କରେ'

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ବାର୍ତ୍ତା ମାଧ୍ୟମରେ କୌଶଳ ଦୀକ୍ଷାନ୍ତ ସମାରୋହରେ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଦକ୍ଷତା (କୌଶଳ) ବିକାଶର ଏକ ଉତ୍ସବ। ଏହା ଆପଣା ଢଙ୍ଗରେ ଅଦ୍ୱିତୀୟ। ଦେଶର ବିଭିନ୍ନ ଦକ୍ଷତା ବିକାଶ ଅନୁଷ୍ଠାନ ପକ୍ଷରୁ ଆଜି ଯେଉଁ ମିଳିତ ଦୀକ୍ଷାନ୍ତ ସମାରୋହ ଆୟୋଜନ କରାଯାଇଛି ତାହା ବେଶ୍ ସ୍ୱାଗତଯୋଗ୍ୟ। ଏହି କୌଶଳ ଦୀକ୍ଷାନ୍ତ ସମାରୋହ ଆଜିକାର ଭାରତର ଅଗ୍ରାଧିକାରକୁ ପ୍ରତିଫଳିତ କରୁଛି। ଏହି ସମାରୋହରେ ଭାଗ ନେଇଥିବା ହଜାର ହଜାର ଯୁବକ ଯୁବତୀଙ୍କୁ ସେ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଯୁବଶକ୍ତିର ଗୁରୁତ୍ୱ ଉପରେ ଅଧିକ ଜୋର୍ ଦେଇଛନ୍ତି। ସେ କହିଛନ୍ତି ଯେ ଯେଉଁ ଦେଶର ଯୁବଶକ୍ତି ଯେତେ ଅଧିକ ସଶକ୍ତ ଓ ଉନ୍ନତ ହେବ ସେ ଦେଶ ସେତେ ଉନ୍ନତି କରିବ। ଏହା ଦ୍ୱାରା ରାଷ୍ଟ୍ରର ପ୍ରାକୃତିକ ସମ୍ବଳର ସୁବିନିଯୋଗ ହୋଇ ଏ କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ପ୍ରଦାନ



କରିହେବ। ଦେଶର ଦୀର୍ଘ ବେଳାଭୂମି ଓ ଖଣିଜ ସମ୍ପଦ ସବୁର ଉପଯୁକ୍ତ ବିନିଯୋଗ ପାଇଁ କୁଶଳୀ ଓ ସୁଦୃଢ ଲୋକଶକ୍ତିର ବିଶେଷ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଭାରତ ଏବେ ଏଭଳି ବିଚାରକୁ ଗୁରୁତ୍ୱ ଦେଇ ଯୁବଶକ୍ତିକୁ ସୁଦୃଢ ତଥା କୁଶଳୀ କରୁଛି। ଏହା ଫଳରେ ସମଗ୍ର ବ୍ୟବସ୍ଥାରେ ଅଭୂତପୂର୍ବ ଉନ୍ନତି ପରିଲକ୍ଷିତ ହେଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଏ କ୍ଷେତ୍ରରେ ଦ୍ୱିମୁଖୀ ଆଭିମୁଖ୍ୟ ଗ୍ରହଣ କରି କାମ କରିଛନ୍ତି। ଦୀର୍ଘ ଚାଳିଶ ବର୍ଷ ପରେ ଦେଶରେ ନୂଆ ଶିକ୍ଷାନୀତି ଏଥି ପାଇଁ ସରକାର କାର୍ଯ୍ୟକାରୀ କରିଛନ୍ତି। ଦୀର୍ଘ ଚାଳିଶବର୍ଷ ପରେ ଦେଶରେ ନୂଆ ଶିକ୍ଷାନୀତି ପରିବର୍ତ୍ତିତ ସମୟର ଆବଶ୍ୟକତା ପୂରଣ ପାଇଁ ପ୍ରବର୍ତ୍ତିତ ହୋଇଛି। ସରକାର ଏବେ ଦେଶରେ ବହୁ ସଂଖ୍ୟାରେ ମେଡିକାଲ କଲେଜ, ଆଇଆଇଟି, ଆଇଆଇଏମ୍ ଓ ଆଇଟିଆଇ ଭଳି ଅନେକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରୁଛନ୍ତି। କୋଟି କୋଟି ଯୁବକ ଯୁବତୀଙ୍କୁ ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନାରେ ତାଲିମ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ପାରମ୍ପରିକ କ୍ଷେତ୍ର ଯାହା ଲୋକଙ୍କୁ ନିଯୁକ୍ତି ଦେଇଥାଏ ସେସବୁକୁ ସରକାର ସୁଦୃଢ କରୁଛନ୍ତି। ଏହାଛଡା ନୂଆ ନୂଆ କ୍ଷେତ୍ରଗୁଡିକୁ ପ୍ରୋତ୍ସାହିତ କରାଯାଉଛି। ନିଯୁକ୍ତି ସୃଷ୍ଟି ଓ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମିତାକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ବିଭିନ୍ନ ପ୍ରକାର ଜିନିଷ, ମୋବାଇଲ, ପ୍ରତିରକ୍ଷା ସାମଗ୍ରୀ, ମାନୁଫ୍ୟାକଚରିଂ ସାମଗ୍ରୀ ଭାରତ ଏବେ ଅଧିକ ରପ୍ତାନୀ କରୁଛି ବୋଲି ସେ କହିଛନ୍ତି। ଏବେ ଦେଶର ମହାକାଶ, ଷ୍ଟାର୍ଟଅପ୍, ଡ୍ରୋନ୍ସ, ଆନିମେସନ, ବୈଦ୍ୟୁତିକ ଯାନ ଓ ସେମିକଣ୍ଡକ୍ଟର ଆଦି କ୍ଷେତ୍ରରେ ବିପୁଳ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ୯୦ ବର୍ଷ ପରେ ନ୍ୟୁୟର୍କର ଏକ ଲାଇବ୍ରେରିକୁ ଫେରିଲା ପୁସ୍ତକ

**ନ୍ୟୁୟର୍କ:** ଇସ୍ୟୁ ହେବାର ଦୀର୍ଘ ୯୦ ବର୍ଷ ପରେ ନ୍ୟୁୟର୍କ ଲାଇବ୍ରେରିକୁ ଫେରାଇ ଦିଆଯାଇଛି। ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଖବର ଅନୁଯାୟୀ, ୧୯୨୫ ମସିହାରେ ଜୋସେଫ୍ କନରାଡ୍‌ଙ୍କ ଲିଖିତ ପୁସ୍ତକ 'ୟୁଥ୍ ଆଣ୍ଡ ଟୁ ଅଦର ଷ୍ଟୋରିଜ୍'କୁ ୧୯୩୩ ମସିହାରେ ଲାର୍ଚମଣ୍ଟ ପବ୍ଲିକ୍ ଲାଇବ୍ରେରିରୁ ଜଣଙ୍କୁ ଇସ୍ୟୁ ହୋଇଥିଲା। ଗତ ଜୁଲାଇ ମାସରେ ଭର୍ଜିନିଆର ଜୋନି ମୋର୍ଗାନ ତାଙ୍କ ସାବତ ବାପାଙ୍କ ଜିନିଷପତ୍ର ମଧ୍ୟରେ ପୁସ୍ତକଟି ପାଇବା ପରେ ପାଠାଗାର ସହ ଯୋଗାଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ସେପ୍ଟେମ୍ବର ଶେଷରେ ସେ ଏସଂପର୍କରେ ଏକ ମେଲ୍ କରିଥିଲେ ବୋଲି ଲାର୍ଚମଣ୍ଟର ଲାଇବ୍ରେରିଆନ୍ କାରୋଲିନ କନିଙ୍ଗହାମ୍ ଗଣମାଧ୍ୟମକୁ କହିଛନ୍ତି। ତେବେ, ଆଶ୍ଚର୍ଯ୍ୟର କଥା ହେଉଛି ପାଠାଗାର କେବଳ ବିଳମ୍ବ ଶୁଳ୍କ ବାବଦରେ ତାଙ୍କ ଠାରୁ ୫ ଡଲାର ଆଦାୟ କରିଥିଲା। ୧୯୨୬ ମସିହାରେ ଲାର୍ଚମଣ୍ଟ ଲାଇବ୍ରେରି ଖୋଲିବା ପରଠାରୁ ଏହା ବୋଧହୁଏ ସବୁଠାରୁ ଲମ୍ବା ଚେକ୍ ଆଉଟ୍ ବୋଲି ଲାଇବ୍ରେରିଆନ୍ କନିଙ୍ଗହାମ କହିଛନ୍ତି। ଏଥିସହ ଏହା ନିଶ୍ଚିତ ଭାବେ ଆମ ପାଇଁ ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି। ରିପୋର୍ଟରୁ ପ୍ରକାଶ, ଲାଇବ୍ରେରିରୁ ପୁସ୍ତକ ନେଇଥିବା ଜିମି ଏଲିସ୍ ତାଙ୍କ ପ୍ରଥମ ପତ୍ନୀ ଏବଂ ଦୁଇ ପିଲାଙ୍କ ସହ ଗାଁରେ ରହୁଥିଲେ। ୧୯୭୮ ମସିହାରେ ତାଙ୍କର ଦେହାନ୍ତ ହୋଇ ଯାଇଥିଲା। ସେମାନଙ୍କ ଘର ଲାର୍ଚମଣ୍ଟ ପବ୍ଲିକ୍ ଲାଇବ୍ରେରି ଠାରୁ ପ୍ରାୟ ଦୁଇ ବ୍ଲକ୍ ଦୂରରେ ଥିଲା। ଯେହେତୁ ଜିମି ନିଜେ ଜଣେ ଲେଖକ ଏବଂ ଉତ୍ସାହୀ ପାଠକ ଥିଲେ ତେଣୁ ନିଶ୍ଚିତ ଭାବରେ ସେ ତାଙ୍କ ପୁଅମାନଙ୍କୁ ପଢ଼ିବା ପାଇଁ ଉତ୍ସାହିତ କରିଥିଲେ। ତେଣୁ ସେମାନେ ସମ୍ଭବତଃ ନିୟମିତ ଭାବରେ ଲାର୍ଚମଣ୍ଟ ପବ୍ଲିକ ଲାଇବ୍ରେରିରୁ ପୁସ୍ତକ ନେଉଥିଲେ। ବିଳମ୍ବ ଶୁଳ୍କ ବାବଦରେ ଏତେ କମ୍ ଟଙ୍କା ଆଦାୟ ନିଷ୍ପତ୍ତି ନେଇ ଲାଇବ୍ରେରି ପକ୍ଷରୁ କୁହାଯାଇଛି ଯେ ପ୍ରତିଦିନ ଗୋଟିଏ ବହି ବକେୟା ଥିବା ବେଳେ ପୃଷ୍ଠପୋଷକଙ୍କୁ ୨୦ ପ୍ରତିଶତ ଶୁଳ୍କ ଦେବାକୁ ପଡୁଛି। କିନ୍ତୁ ସର୍ବାଧିକ ଜରିମାନା ହେଉଛି ୫ ଡଲାର। ୩୦ ଦିନ ପରେ ଲାଇବ୍ରେରି ବହି ଫେରସ୍ତ ନ ହେଲେ ତାହାକୁ 'ହଜିଯାଇଥିବା' ବୋଲି ବିବେଚନା କରାଯାଏ ଏବଂ ପୁସ୍ତକର ପ୍ରାରମ୍ଭିକ ମୂଲ୍ୟ ପାଇଁ ପୃଷ୍ଠପୋଷକଙ୍କୁ ବିଲ୍ ଦିଆଯାଏ। କିନ୍ତୁ ପୁସ୍ତକ ଫେରସ୍ତ ଆସିବା ପରେ ଏହା ସର୍ବାଧିକ ୫ ଡଲାର ଜରିମାନାକୁ ଫେରି ଆସିଥାଏ।

### ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ମାମଲା

# ଶୁଣାଣି ୬ ସପ୍ତାହ ଘୁଞ୍ଚିଲା, ସ୍ଥଗିତାଦେଶ ବଳବତ୍ତର

**ନୂଆଦିଲ୍ଲୀ:** ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ନେଇ ସୁପ୍ରିମକୋର୍ଟ ଚାଲିଥିବା ମାମଲାର ଶୁଣାଣି ଘୁଞ୍ଚିଛି। ଏହି ମାମଲାର ଶୁଣାଣି ବିଚାରପତି ଜଷ୍ଟିସ ହୃଷିକେଶ ରାୟ ଓ ଜଷ୍ଟିସ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠରେ ତାଲିକାଭୁକ୍ତ ହୋଇଥିଲା। ମାତ୍ର ଶୁଣାଣି ପୂର୍ବରୁ ଆବେଦନକାରୀ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ପକ୍ଷରୁ ମାମଲାର ଶୁଣାଣିକୁ ସ୍ଥଗିତ କରିବାକୁ ଲେଟର ସର୍କୁଲେଟ କରାଯାଇଥିବାରୁ ଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷ ଉପସ୍ଥାପନ କରିବା ପାଇଁ ନିୟୋଜିତ ହୋଇଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ ଖଣ୍ଡପୀଠଙ୍କୁ ଜଣାଇଥିଲେ ଯେ ଏହି ମାମଲା ଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟା ପ୍ରଭାବିତ



ହେଉଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ଆଦେଶ ଯୋଗୁଁ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଶିକ୍ଷାରେ ପ୍ରଭାବ ପଡିଛି। ସ୍ଥାୟୀ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଆଗେଇପାରୁ ନାହିଁ। ନିୟମିତ ପ୍ରଫେସର ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ବହୁ ପଦବି ଖାଲି ରହିଥିବାରୁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଅନୁମତି ଦେବାକୁ ଶ୍ରୀ ଦ୍ୱିବେଦୀ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ନିକଟରେ ଅନୁରୋଧ କରିଥିଲେ। ମାତ୍ର ମାମଲାର ଶୁଣାଣି କରୁଥିବା ଉକ୍ତ ଖଣ୍ଡପୀଠ ଅନୁରୋଧକୁ ପ୍ରତ୍ୟାଖାନ କରିବା ସହ ସ୍ଥଗିତାଦେଶକୁ ବଳବତ୍ତର ରଖିଥିଲେ। ଆସନ୍ତା ୬ ସପ୍ତାହ ପରେ ମାମଲାର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଖଣ୍ତପୀଠ ଦର୍ଶାଇଛନ୍ତି। ସୁପ୍ରିମକୋର୍ଟଙ୍କ ଚୂଡ଼ାନ୍ତ ରାୟ ଉପରେ ଓଡ଼ିଶାର ଉଚ୍ଚଶିକ୍ଷା ଭବିଷ୍ୟତ ନିର୍ଭର କରୁଛି। ଯଦି ମାମଲାରେ ଓଡ଼ିଶା ସରକାର ହାରିଯାଆନ୍ତି ତାହା ହେଲେ ବହୁ ପ୍ରଭାବିତ ହେବ। କାରଣ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ଆଧାରରେ ଗତ ଦୁଇ ବର୍ଷ ମଧ୍ୟରେ ଓପିଏସ୍ସି ଦ୍ୱାରା ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତ ହୋଇଛନ୍ତି। ଯଦି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଅଧିନିୟମକୁ ବେନିୟମ ଦର୍ଶାନ୍ତି ତାହା ହେଲେ ନିଯୁକ୍ତ ହୋଇଥିବା ପ୍ରଫେସରଙ୍କ ଭବିଷ୍ୟତ କ'ଣ ହେବ ? ସେମାନଙ୍କ ଚାକିରି ରହିବ ନା ଚାଲିଯିବ ? ଓପିଏସ୍‌ସି ନିଯୁକ୍ତି ପ୍ରକ୍ରିୟାରେ ଯେଉଁମାନଙ୍କ ଇଣ୍ଟରଭ୍ୟୁ ଅଧାରେ ଅଟକିଛି ସେମାନଙ୍କ ଭାଗ୍ୟ କ'ଣ ହେବ? ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯେଉଁ କୁଳପତି ନିଯୁକ୍ତ ହୋଇଛନ୍ତି ସେମାନଙ୍କ ଭବିଷ୍ୟତ କ'ଣ ହେବ? କାର୍ଯ୍ୟକାଳ ୪ ବର୍ଷ ରହିବ ନା ୩ ବର୍ଷରେ ଶେଷ ହୋଇଯିବ ? ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ରତା ଫେରିବ କି ନାହିଁ ? ଏଭଳି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

# 'ମେରା ଯୁବା ଭାରତ' ପ୍ରତିଷ୍ଠାକୁ କ୍ୟାବିନେଟର ଅନୁମୋଦନ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ ମେରା ଯୁବା ଭାରତ ପ୍ରତିଷ୍ଠାକୁ ମଞ୍ଜୁରି ମିଳିଛି। ଯୁବ ବିକାଶ ଏବଂ ଯୁବ ନେତୃତ୍ୱର ବିକାଶ ପାଇଁ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଏକ ବ୍ୟାପକ ସକ୍ଷମ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଏବଂ ସରକାରଙ୍କ ସମଗ୍ର କ୍ଷେତ୍ରରେ ଯୁବପିଢୀଙ୍କୁ ସେମାନଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ଲାଗି ସମାନ ସୁବିଧା ପ୍ରଦାନ କରିବା ଏବଂ ବିକଶିତ ଭାରତ ଗଠନ କରିବା ଉଦ୍ଦେଶ୍ୟରେ ଏହି ସଂସ୍ଥା ଗଠନ କରାଯିବ। ମେରା ଯୁବା ଭାରତର ମୂଳ ଉଦ୍ଦେଶ୍ୟ ହେଉଛି ଏହାକୁ ଯୁବ ବିକାଶ ପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ମଞ୍ଚ (ପ୍ଲାଟଫର୍ମ)ରେ ପରିଣତ କରିବା। ନୂତନ ବ୍ୟବସ୍ଥା ଅଧୀନରେ, ସମ୍ବଳର ଉପଲବ୍ଧତା ଏବଂ ସୁଯୋଗ ସହିତ ସଂଯୋଗ ଜରିଆରେ ଯୁବକମାନଙ୍କୁ ଗୋଷ୍ଠୀ ପରିବର୍ତ୍ତନ ଏଜେଣ୍ଟ ଏବଂ ରାଷ୍ଟ୍ର ନିର୍ମାତା ଭାବେ ପରିଣତ କରିବା ଲାଗି ପଦକ୍ଷେପ ନିଆଯିବ। ଯଦ୍ୱାରା ସେମାନେ ସରକାର ଏବଂ ନାଗରିକମାନଙ୍କ ମଧ୍ୟରେ ଯୁବ ସେତୁ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ। ଏଥିରେ ବିପୁଳ ଯୁବ ଶକ୍ତିକୁ ରାଷ୍ଟ୍ର ନିର୍ମାଣରେ ଉପଯୋଗ କରିବାକୁ ଚେଷ୍ଟା କରାଯାଇଛି। ଜାତୀୟ ଯୁବ ନୀତିରେ 'ଯୁବ'ର ସଂଜ୍ଞା ଅନୁଯାୟୀ ସ୍ୱାୟତ୍ତ ସଂସ୍ଥା ମେରା ଯୁବା ଭାରତ (ଏମୱାଇ ଭାରତ) ୧୫ରୁ ୨୯ ବର୍ଷ ବୟସର ଯୁବକମାନଙ୍କୁ ଉପକୃତ କରିବ। ବିଶେଷ କରି କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପାଦାନ କ୍ଷେତ୍ରରେ ୧୦ରୁ ୧୯ ବର୍ଷ ବୟସ ବର୍ଗର ହିତାଧିକାରୀମାନେ ଉପକୃତ ହେବେ। ମେରା ଯୁବା ଭାରତ (ଏମୱାଇ ଭାରତ) ପ୍ରତିଷ୍ଠା ଦ୍ୱାରା ଯୁବଗୋଷ୍ଠୀଙ୍କ ନେତୃତ୍ୱାଧୀନ ବିକାଶ, ପୃଥକ ବ୍ୟକ୍ତିଗତ ସାକ୍ଷାତ ପରିବର୍ତ୍ତେ କାର୍ଯ୍ୟକ୍ରମ ଆଧାରିତ କୌଶଳକୁ ସ୍ଥାନାନ୍ତର କରି ଅନୁଭୂତିମୂଳକ ଶିକ୍ଷା ମାଧ୍ୟମରେ ନେତୃତ୍ୱ ଦକ୍ଷତାକୁ ଉନ୍ନତ କରିବା। ଯୁବକମାନଙ୍କୁ ସାମାଜିକ ଉଦ୍ଭାବକ, ସାମାଜିକ ନେତା କରିବା ପାଇଁ ସେମାନଙ୍କ ଉପରେ ଅଧିକ ନିବେଶ କରିବା, ଯୁବ ନେତୃତ୍ୱାଧୀନ ବିକାଶ ଉପରେ ସରକାରଙ୍କ ପ୍ରାଥମିକତା ନିର୍ଦ୍ଧାରଣ କରିବା ଏବଂ ଯୁବଗୋଷ୍ଠୀଙ୍କୁ କେବଳ 'ନିଷ୍କ୍ରିୟ ଲାଭାର୍ଥୀ' ନୁହେଁ ବରଂ ବିକାଶର 'ସକ୍ରିୟ ଚାଳକ' କରିବା। ସେହିପରି ଯୁବ ଆକାଂକ୍ଷା ଏବଂ ସାମାଜିକ ଆବଶ୍ୟକତା ମଧ୍ୟରେ ଉନ୍ନତ ସମନ୍ୱୟ, ବର୍ତ୍ତମାନ କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ମାଧ୍ୟମରେ ଦକ୍ଷତା ବୃଦ୍ଧି, ଯୁବକ ଏବଂ ମନ୍ତ୍ରଣାଳୟମାନଙ୍କ ମଧ୍ୟରେ ୱାନ ଷ୍ଟପ୍ କେନ୍ଦ୍ର ଭାବେ କାର୍ଯ୍ୟ କରିବା, ଏକ କେନ୍ଦ୍ରୀଭୂତ ଯୁବ ଡାଟାବେସ୍ ସୃଷ୍ଟି, ଯୁବ ସରକାରୀ ପଦକ୍ଷେପ ଏବଂ ଯୁବବର୍ଗଙ୍କ ସହ ଜଡ଼ିତ ଅନ୍ୟ ଅଂଶୀଦାରୀ କାର୍ଯ୍ୟକଳାପକୁ ଯୋଡ଼ିବା ପାଇଁ ଦ୍ୱିପାକ୍ଷିକ ଯୋଗାଯୋଗରେ ଉନ୍ନତି ଆଣିବା ଓ ଉପଲବ୍ଧତାରେ ସୁଧାର ଆଣିବା ଏବଂ ଭୌତିକ ଇକୋସିଷ୍ଟମ ବିକଶିତ କରିବା।

### ଦେଶର ପ୍ରଥମ ଘରୋଇ ସୁନା ଖଣି

# ବର୍ଷକୁ ବାହାରିବ ୭୫୦ କିଲୋ ସୁନା

**ନୂଆଦିଲ୍ଲୀ :** ଦେଶର ସବୁଠାରୁ ବଡ଼ ଓ ପ୍ରଥମ ଘରୋଇ ସୁନା ଖଣିରୁ ଆଗାମୀ ବର୍ଷରୁ ଆରମ୍ଭ ହେବ ସୁନା ଉତ୍ପାଦନ। ଏହି ସୁନା ଖଣି ଆନ୍ଧ୍ର ପ୍ରଦେଶର କୁରନୁଲ ଜିଲ୍ଲାରେ ରହିଛି। ଏଥିରୁ ପାଇଲଟ ସ୍କେଲରେ ଅପରେସନ ପୂର୍ବରୁ ଆରମ୍ଭ ହୋଇ ସାରିଛି। ଡେକାନ ଗୋଲ୍ଡ ମାଇନ୍ସ ଏମଡି ହନୁମା ପ୍ରସାଦ କହିଛନ୍ତି, ଆସନ୍ତାବର୍ଷ ଶେଷ ବେଳକୁ ଏହି ସୁନା ଖଣିରୁ ସୁନା ଉତ୍ପାଦନ ଆରମ୍ଭ ହେବ। ହନୁମାଙ୍କ ଅନୁସାରେ, ଏହି ଜୋନ୍ନାଗିରି ଗୋଲ୍ଡ ପ୍ରୋଜେକ୍ଟରେ ପାଇଲେଟ ସ୍କେଲ ଅପରେସନ ଜାରି ରହିଛି। ଏବେ ପୂର୍ଣ୍ଣ କ୍ଷମତାରେ ଏହା ଆରମ୍ଭ ହୋଇଯିବ। ପାଇଲଟ ପ୍ରୋଜେକ୍ଟ ଅନୁସାରେ ଏବେ ମାସକୁ ପ୍ରାୟ ଏକ କେଜି ସୁନା ଏଠାରେ ବାହାରୁଛି। ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ବର୍ଷକୁ ୭୫୦ କେଜି ସୁନା ଏଠାରୁ ଖନନ କରାଯାଇପାରିବ। ଆସନ୍ତାବର୍ଷ ଅକ୍ଟୋବର-ନଭେମ୍ବର ବେଳକୁ କାମ ଆରମ୍ଭ ହୋଇଯିବ।



୨୦୧୩ରେ ଏହି ଖଣି ଡେକାନ ଗୋଲ୍ଡ ମାଇନ୍ସ ଲିମିଟେଡକୁ ଦିଆଯାଇଥିଲା। ରିସର୍ଚ୍ଚ ପାଇଁ ୮ରୁ ୧୦ ବର୍ଷ ଲାଗିଥିଲା। ସୂଚନାଯୋଗ୍ୟ ସେୟାର ମାର୍କେଟର ମୁଖ୍ୟ ଇଣ୍ଡେକ୍ସ ବିଏସଇରେ ଲିଷ୍ଟ ହୋଇଥିବା ଏକମାତ୍ର ସୁନା ସନ୍ଧାନ କରୁଥିବା ଡେକ୍କାନ ଗୋଲ୍ଡ ମାଇନ୍ସ ଲିମିଟେଡର ଜିଯୋମିସୋର ସର୍ଭିସ ଇଣ୍ଡିଆ ଲିମିଟେଡରେ ୪୦ ପ୍ରତିଶତ ଭାଗିଦାରୀ ରହିଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୨ ଶହ କୋଟି ଟଙ୍କା ନିବେଶ କରାଯାଇ ସରିଛି।

# ୨୧ରେ 'ଗଗନଯାନ'ର ଟିଭି-ଡି୧ ଉତ୍କ୍ଷେପଣ

**ନୂଆଦିଲ୍ଲୀ :** ଚଳିତ ମାସ ୨୧ ତାରିଖରେ 'ଗଗନଯାନ'ର ପରୀକ୍ଷଣ ମହାକାଶ ଉଡାଣ ଅର୍ଥାତ୍ 'ଗଗନଯାନ' ପରୀକ୍ଷଣ ଯାନ ବିକାଶ ଉଡାଣ (ଟିଭି – ଡି୧)ର ଉତ୍‌କ୍ଷେପଣ ଅନୁଷ୍ଠିତ ହେବ। ଚନ୍ଦ୍ରଯାନ ଅଭିଯାନ ସହ ଜଡିତ ଇସ୍ରୋ ବୈଜ୍ଞାନିକ ମାନଙ୍କର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ମହାକାଶ ରାଷ୍ଟ୍ର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହା କହିଛନ୍ତି। ଇସ୍ରୋ 'ଗଗନଯାନ' ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କ୍ରୁ ଏସ୍କେପ୍ ସିଷ୍ଟମ (ଜରୁରୀକାଳୀନ ପଳାୟନ ବ୍ୟବସ୍ଥା )ର ଫଳପ୍ରଦ ପରୀକ୍ଷା କରିବ, ଯାହା ଫଳରେ ୨୦୨୪ ସୁଦ୍ଧା ବାହ୍ୟ ମହାକାଶକୁ ମାନବରହିତ ଏବଂ ମାନବଯୁକ୍ତ ଅଭିଯାନ ଆରମ୍ଭ ହେବ। ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ ଏହି ପରୀକ୍ଷଣ କରାଯିବ। 'ଗଗନଯାନ' ଅଭିଯାନ ସମୟରେ ମହାକାଶଚାରୀ ମାନଙ୍କ କୁ ମଡ୍ୟୁଲ୍ ମହାକାଶକୁ ନେଇ ଯିବ। ଏହି ପରୀକ୍ଷଣରେ ବାହ୍ୟ ମହାକାଶକୁ ଏକ କ୍ରୁ ମଡ୍ୟୁଲ୍ ଉତକ୍ଷେପଣ କରିବା ଏବଂ ଏହାକୁ ପୃଥିବୀକୁ ଫେରାଇ ଆଣିବା ଏବଂ ବଙ୍ଗୋପସାଗରରେ ଏହା ସ୍ପର୍ଶ କରିବା ପରେ ଏହାକୁ ପୁନରୁଦ୍ଧାର କରିବା ଅନ୍ତର୍ଭୁକ୍ତ। ଭାରତୀୟ ନୌସେନାର ଯବାନମାନେ ମଡ୍ୟୁଲକୁ ଉଦ୍ଧାର କରିବା ପାଇଁ ମକ୍ ଅପରେସନ ଆରମ୍ଭ କରି ସାରିଛନ୍ତି। ଏହି ପରୀକ୍ଷଣର ସଫଳତା ପ୍ରଥମ ମାନବବିହୀନ 'ଗଗନଯାନ' ଅଭିଯାନ ଏବଂ ଶେଷରେ ପୃଥିବୀର ନିମ୍ନ କକ୍ଷ ପଥରେ ମହାକାଶକୁ ମାନବଯୁକ୍ତ ଅଭିଯାନ ପାଇଁ ମଞ୍ଚ ପ୍ରସ୍ତୁତ କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଚୂଡ଼ାନ୍ତ ମାନବଯୁକ୍ତ 'ଗଗନାୟନ' ଅଭିଯାନ ପୂର୍ବରୁ ଆସନ୍ତା ବର୍ଷ ଏକ ପରୀକ୍ଷାମୂଳକ ଉଡ଼ାଣ ହେବ,



ଯେଉଁଥିରେ ମହିଳା ରୋବଟ୍ ମହାକାଶଚାରୀ 'ବ୍ୟୋମମିତ୍ର' ରହିବେ। 'ଗଗନଯାନ' ପ୍ରକଳ୍ପରେ ମାନବ ଦଳଙ୍କୁ ୪୦୦ କିଲୋମିଟର କକ୍ଷପଥକୁ ଉତକ୍ଷେପଣ କରି ଏବଂ ଭାରତୀୟ ସମୁଦ୍ର ଜଳରେ ଅବତରଣ କରାଇ ସେମାନଙ୍କୁ ସୁରକ୍ଷିତ ଭାବେ ପୃଥିବୀକୁ ଫେରାଇ ଆଣି ମାନବ ମହାକାଶ ଯାତ୍ରା କ୍ଷମତା ପ୍ରଦର୍ଶନ କରାଯିବ ବୋଲି ପରିକଳ୍ପନା କରାଯାଇଛି। 'ଗଗନଯାନ' ଅଭିଯାନର ପ୍ରାଥମିକତା ମଧ୍ୟରେ ମାନବ ଦଳ ମାନଙ୍କୁ ସୁରକ୍ଷିତ ଭାବେ ମହାକାଶକୁ ନେବା ପାଇଁ ମାନବ ରେଟେଡ୍ ଲଞ୍ଚ ଯାନ, ମହାକାଶରେ ମାନବ ଦଳଙ୍କୁ ପୃଥିବୀ ପରି ପରିବେଶ ପ୍ରଦାନ କରିବା ପାଇଁ ଜୀବନ ସହାୟତା ବ୍ୟବସ୍ଥା, ମାନବ ଦଳର ଜରୁରୀକାଳୀନ ପଳାୟନ ବ୍ୟବସ୍ଥା ଏବଂ ଚାଳକ ଦଳଙ୍କୁ ପ୍ରଶିକ୍ଷଣ, ପୁନରୁଦ୍ଧାର ଏବଂ ଥଇଥାନ ପାଇଁ ଚାଳକ ଦଳ ପରିଚାଳନା ଦିଗ ବିକଶିତ କରିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ବିକାଶ ଅନ୍ତର୍ଭୁକ୍ତ। ଏହି ଅବସରରେ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ରହିଛି। ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ ଭାବେ ଇତିହାସ ସୃଷ୍ଟି କରିଛି। ସୂର୍ଯ୍ୟ ଉପରେ ଅଧ୍ୟୟନ ପାଇଁ ପ୍ରଥମ ମହାକାଶ ଭିତ୍ତିକ ଭାରତୀୟ ଅଭିଯାନ ଆଦିତ୍ୟ -ଏଲ ୧ର ଉତ୍‌କ୍ଷେପଣ ସହିତ ଭାରତର ମହତ୍ୱାକାଂକ୍ଷୀ ମହାକାଶ ଅନୁସନ୍ଧାନ କାର୍ଯ୍ୟକ୍ରମ ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି ଯେ ଆମେ ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବୈଜ୍ଞାନିକ ସ୍ତରରେ ସବୁଠାରୁ ଉନ୍ନତ ରାଷ୍ଟ୍ର ମାନଙ୍କ ମଧ୍ୟରୁ ଅନ୍ୟତମ। ଭାରତର ମହାକାଶ କ୍ଷେତ୍ରକୁ ଉନ୍ମୁକ୍ତ କରି ଭାରତର ମହାକାଶ ବୈଜ୍ଞାନିକମାନେ ସେମାନଙ୍କ ପ୍ରତିଷ୍ଠାତା ବିକ୍ରମ ସରାଭାଇଙ୍କ ସ୍ୱପ୍ନକୁ ସାକାର କରିବାରେ ସକ୍ଷମ କରିବା ଏବଂ ଭାରତର ବୃହତ୍ ସାମର୍ଥ୍ୟ ଏବଂ ପ୍ରତିଭା ମାନଙ୍କୁ ଏକ ସକ୍ଷମ ପରିବେଶ ପ୍ରଦାନ କରିବା ପାଇଁ ଭାରତର ମହାକାଶ ବୈଜ୍ଞାନିକ ମାନଙ୍କୁ ସକ୍ଷମ କରିବା ନିମନ୍ତେ ଡକ୍ଟର ଜିତେନ୍ଦ୍ର ସିଂହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ପୂର୍ଣ୍ଣ ଶ୍ରେୟ ଦେଇଛନ୍ତି।

## କେନ୍ଦ୍ର ସରକାରଙ୍କ ଶ୍ରମ ଶକ୍ତି ସର୍ଭେ ରିପୋର୍ଟ

# ବେକାରୀ ହ୍ରାସରେ ଦେଶରେ ଓଡ଼ିଶା ଆଗରେ

**ଭୁବନେଶ୍ୱର :** ଦେଶରେ ଦରଦାମ ବୃଦ୍ଧି ଏବଂ ବେକାରୀ ସମସ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଏନେଇ ସାଧାରଣରେ ଜନ ଅସନ୍ତୋଷ ତୀବ୍ରତର ହୋଇଛି। ମାତ୍ର ଏହି ସମୟରେ ସାରା ଦେଶରେ ଓଡ଼ିଶା ବେକାରୀ ନିୟନ୍ତ୍ରଣରେ କ୍ରମାଗତ ଭାବରେ ଉତ୍ତମ ପ୍ରଦର୍ଶନ କରିଆସୁଛି। ଶୃଙ୍ଖଳିତ ବିତ୍ତୀୟ ପରିଚାଳନା, ସୁଶାସନ ଏବଂ ରୋଜଗାର ସୃଷ୍ଟି ପାଇଁ ନିୟମିତ ଯୋଜନା ଭିତ୍ତିକ ପଦକ୍ଷେପ ଯୋଗୁଁ ରାଜ୍ୟ ସରକାର କ୍ରମାଗତ ଭାବେ ବେକାରୀ ନିୟନ୍ତ୍ରଣରେ ଚମକପ୍ରଦ ପ୍ରଦର୍ଶନ କରି ଆସୁଛନ୍ତି। କେନ୍ଦ୍ର ସରକାର ଜାରି କରିଥିବା ନିୟମିତ ଶ୍ରମ ଶକ୍ତି ସର୍ଭେ ବା ପିରିୟଡିକ ଲେବର ଫୋର୍ସ ସର୍ଭେ (ପିଏଲ୍ଏଫ୍ଏସ୍) ଅନୁସାରେ ୨୦୨୩ ଏପ୍ରିଲ୍-ଜୁନ୍‌ରେ ଓଡ଼ିଶାର ବେକାରି ହାର ହ୍ରାସ ପାଇଛି। ଓଡ଼ିଶାରେ ୬.୭ ପ୍ରତିଶତକୁ ହ୍ରାସ ପାଇଛି ବେକାରୀ। ବଡ଼ବଡ଼ ରାଜ୍ୟଙ୍କୁ ପଛରେ ପକାଇଛି ଓଡ଼ିଶା। ରୂପାନ୍ତରଣ ପଥରେ ଓଡ଼ିଶା ଆଗକୁ ଚାଲିଛି। ଆର୍ଥିକ ପରିଚାଳନାରେ ସଶକ୍ତ ହେବା ଓ ମୁଣ୍ଡପିଛା ଋଣ କମିବା ସହ ଦ୍ରୁତଗତିରେ ହ୍ରାସ ପାଇଛି ବେକାରୀ। ରାଜ୍ୟରେ ସବୁ ବୟସ ବର୍ଗରେ ବେକାରୀ ହାର ୬.୭ ପ୍ରତିଶତକୁ ହ୍ରାସ ପାଇଛି ବୋଲି କେନ୍ଦ୍ର ସରକାରଙ୍କ ରିପୋର୍ଟରୁ ଜଣାପଡିଛି। ୨୦୨୩ ଏପ୍ରିଲ୍-ଜୁନ ମାସ ମଧ୍ୟରେ ଓଡ଼ିଶାର ସହରାଞ୍ଚଳରେ ବେକାରୀ ହାର ସବୁ ବୟସ ବର୍ଗରେ ୬.୭ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ଏହି ସମୟରେ ଏହା ୧୧.୫ ପ୍ରତିଶତ ଥିଲା। ମହିଳାଙ୍କ କ୍ଷେତ୍ରରେ ବେକାରୀ ହାର ବର୍ଷକ ମଧ୍ୟରେ ୧୭.୬ ପ୍ରତିଶତରୁ ୮.୫ ପ୍ରତିଶତକୁ ହ୍ରାସ ପାଇଛି। ପୁରୁଷଙ୍କ କ୍ଷେତ୍ରରେ ଏହା ୧୦ ପ୍ରତିଶତରୁ ୬.୨ ପ୍ରତିଶତକୁ ହ୍ରାସ ପାଇଛି। ଶ୍ରମଶକ୍ତିରେ ଯୋଗଦାନ ହାର ୧୫ରୁ ୨୯ ବର୍ଷ ବୟସ ବର୍ଗର ପୁରୁଷଙ୍କ କ୍ଷେତ୍ରରେ ୨୦୨୨ ଏପ୍ରିଲ୍ -ଜୁନରୁ ୨୦୨୩ ଏପ୍ରିଲ୍ ଜୁନ୍ ମଧ୍ୟରେ ୫୭.୨ ପ୍ରତିଶତରୁ ୭୧.୨ ପ୍ରତିଶତକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆର୍ଥିକ ପରିଚାଳନାରେ ପୂରା ଦେଶକୁ ବାଟ ଦେଖାଇଥିବା ବେଳେ ଏବେ ବେକାରୀ ହ୍ରାସରେ ନୂଆ ରେକର୍ଡ କରିଛି। ରାଜ୍ୟ ସରକାର ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ କର୍ମ ନିଯୁକ୍ତି ପ୍ରଦାନକୁ ଯୋଜନାଭିତ୍ତିରେ କାର୍ଯ୍ୟକାରୀ କରୁଥିବା ବେଳେ ଏହାର ସୁଫଳ ତୃଣମୂଳସ୍ତରରେ ପ୍ରତିଫଳିତ ହେଉଛି।ସେହିପରି ମିଶନ ଶକ୍ତି ସହାୟତାରେ ମହିଳାଙ୍କୁ ଆତ୍ମନିର୍ଭର କରିବା ସହ ମନରେଗା ପରି କେନ୍ଦ୍ରୀୟ ଯୋଜନାର ସର୍ବାଧିକ ସଫଳ ଉପଯୋଗ ହୋଇପାରିଛି। ଯାହାଫଳରେ ଯୁବକ ଯୁବତୀମାନେ ପୂର୍ବାପେକ୍ଷା ଅଧିକ ଆତ୍ମନିର୍ଭର ହୋଇପାରିଛନ୍ତି। ସେହିପରି ନିଜସ୍ୱ ଯୋଜନା ମାଧ୍ୟମରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏହି ସଫଳତାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଅନ୍ୟପଟେ ଶିଳ୍ପାୟନରେ ନୂଆ ଅଧ୍ୟାୟ ଆରମ୍ଭ ହେବା ସହ ବିଦେଶୀ ପୁଞ୍ଜିନିବେଶରେ ଦେଶର ତୃତୀୟ ସ୍ଥାନରେ ରହିଛି ଓଡ଼ିଶା। ଆଗାମୀ ଦଶନ୍ଧିରେ ରାଜ୍ୟରେ ମେଟାଲ ଏବଂ ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ ଏବଂ ପେଟ୍ରୋକେମିକାଲ୍ସ, ଟେକ୍ସଟାଇଲ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ଇଲେକଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଓ ବିପଣନ ଏବଂ ଲଜିଷ୍ଟିକ୍ ଓ କ୍ଲିନ ଏନର୍ଜି ଆଦି କ୍ଷେତ୍ରରେ ରାଜ୍ୟରେ ନିବେଶ ସୁଯୋଗ ସୃଷ୍ଟି କରାଯାଉଛି। ଯାହା ଫଳରେ ଆଗାମୀ ଦିନରେ ରାଜ୍ୟର ଯୁବପିଢି ଆହୁରି ଅଧିକ ନିଯୁକ୍ତି ପାଇବେ। ଏଥି ସହିତ ଓଡ଼ିଶା ଆଇଟି ହବରେ ପରିଣତ ହେଉଛି। ବିଭିନ୍ନ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇଥିବାରୁ ଅଧିକ ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହେଉଛନ୍ତି। ଆଗକୁ ସବୁ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବା ଫଳରେ ବେକାରୀ ସମସ୍ୟା ସାରା ଦେଶ ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ଓଡ଼ିଶାରେ ଏହା ଦ୍ରୁତଗତିରେ କମି ରାଜ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଓଡ଼ିଶାର ବେକାରୀ ହାର ଦେଶବ୍ୟାପୀ ଲଗାତାର ଭାବେ ସର୍ବନିମ୍ନରେ ରହୁଥିବା ବେଳେ କର୍ମନିଯୁକ୍ତି ପ୍ରଦାନରେ ଯେ ଓଡ଼ିଶା ମଡେଲ ସର୍ବଶ୍ରେଷ୍ଠ ତାହା ପ୍ରମାଣିତ ହୋଇଛି।

## ରାଜ୍ୟରେ ଖୋଲିବ ୭ଟି ନୂଆ ନର୍ସିଂ କଲେଜ



**ଭୁବନେଶ୍ୱର :** ରାଜ୍ୟରେ ଖୋଲିବ ଆଉ ୭ଟି ନୂଆ ନର୍ସିଂ କଲେଜ। କୋରାପୁଟ, କଳାହାଣ୍ଡି ଓ ଅନୁଗୁଳ ସମେତ ୭ଟି ସ୍ଥାନରେ ସ୍ଥାପନ ହେବ ନର୍ସିଂ କଲେଜ। ପ୍ରତି ନର୍ସିଂ କଲେଜ ପାଇଁ ପ୍ରାରମ୍ଭିକ ଭାବେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟ ଅଟକଳ ହୋଇଛି। ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ଡିପିଆର ପଠାଇଛନ୍ତି ରାଜ୍ୟ ସରକାର। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ୪୦:୬୦ ଭାଗିଦାରିତାରେ ସ୍ଥାପନ ହେବ ଏସବୁ ନର୍ସିଂ କଲେଜ। ଏଥିରେ ବିଏସ୍‌ସି ନର୍ସିଂ, ଏମ୍ଏସ୍‌ସି ନର୍ସିଂ ଓ ପିଏଚ୍‌ଡି କୋର୍ସ ଦିଆଯିବ। ଏବେ ରାଜ୍ୟରେ ୮ଟି ନର୍ସିଂ କଲେଜ ରହିଛି। ତେବେ ସିଟ ସଂଖ୍ୟା ପରେ ସ୍ଥିର କରାଯିବ ବୋଲି କହିଛନ୍ତି ନର୍ସିଂ ନିର୍ଦ୍ଦେଶକ।

## ନିରନ୍ତର କେନାଲରରେ ପାଣି ଚାଷୀଙ୍କ ହକ୍: ଅଧିକ୍ଷୀଣ ଯନ୍ତ୍ରୀ



**ଅସ୍ତରଙ୍ଗ:** ରାଜ୍ୟ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ଉନ୍ନୟନ ମୂଳକ ପଦକ୍ଷେପ ନେଉଥିବା ବେଳେ ଜଳସେଚନ ପ୍ରକଳ୍ପକୁ ଗୁରୁତ୍ୱ ଦେଇଆସୁଛନ୍ତି। ଗତ କିଛି ଦିନ ତଳେ ନିମାପଡ଼ା ଡିଭିଜନ ଜଳସେଚନ ବିଭାଗରେ ଅଧିକ୍ଷୀଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ ଯୋଗଦେବା ଦିନ ଠାରୁ କନିଷ୍ଠ ଯନ୍ତ୍ରୀ ମାନଙ୍କୁ ଜଳସେଚନ କିପରି ସୁଚାରୁ ରୂପେ ପରିଚାଳିତ କରାଯିବ ନଜର ରଖିଥିବା ବେଳେ ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ କାକଟପୁର ଉପଖଣ୍ଡ ଜଳସେଚନ ବିଭାଗ ଅଧିନରେ ଥିବା ବୋଦଲା ଠାରୁ ଆରମ୍ଭ କରି ନିଳକଣ୍ଠପୁର, ଲତାହରଣ, କୂଅପଦା, କୁଣ୍ଡେଇ, ଅସ୍ତରଙ୍ଗ ମୁଖ୍ୟ କେନାଲ ଠାରୁ ଗୁଡୁମଣି, କୁଅଁରପୁର, ହିରାଦେଇପୁର, ସୁନ୍ଦର ପ୍ରମୁଖ କେନାଲ ବୁଲି ଦେଖିବା ସହ ଏକାଧିକ ଚାଷୀମାନଙ୍କ ଆଲୋଚନା କରିଥିଲେ। ଏକାଧିକ ଶାଖା କେନାଲରେ ଜଳ ପ୍ରବାହିତ ହେଉଥିବା ଦେଖି ଖୁସିବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଟିମ୍‌ରେ ବରିଷ୍ଠ ଯନ୍ତ୍ରୀ ତପନ ନାୟକଙ୍କ ସହ ଏକାଧିକ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ବାତ୍ୟାରୁ ସୁରକ୍ଷା ଦେବ ହେନ୍ତାଳବଣ



**ଭୁବନେଶ୍ୱର :** ବାତ୍ୟାରୁ ସୁରକ୍ଷା ଦେବ ହେନ୍ତାଳବଣ ଓ ବଜ୍ରପାତରୁ ବଞ୍ଚାଇବ ତାଳଗଛ। ବିପର୍ଯ୍ୟୟ ପରିଚାଳନା ପାଇଁ ଗଠିତ ଷ୍ଟେଟ୍ ଏକ୍‌ଜିକ୍ୟୁଟିଭ କମିଟିର ତୃତୀୟ ବୈଠକରେ ଏହି ଦିଗରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ସେ କହିଛନ୍ତି ଯେ, ଉପକୂଳ ଅଞ୍ଚଳରେ ହେନ୍ତାଳବଣ ଘୂର୍ଣ୍ଣିବାତ୍ୟା ବିପକ୍ଷରେ ପ୍ରାକୃତିକ ସୁରକ୍ଷା ପ୍ରାଚୀର ଭାବେ କାର୍ଯ୍ୟ କରୁଛି। ସେଥିପାଇଁ ଘଞ୍ଚ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବାକୁ କୃଷି ଓ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବଜ୍ରପାତରେ ହେଉଥିବା ମୃତ୍ୟୁକୁ ରୋକିବା ପାଇଁ ବ୍ୟାପକ ତାଳଗଛ ରୋପଣ ଅଭିଯାନ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ସବୁ ଅଞ୍ଚଳ, ଖାସ୍ କରି ବଜ୍ରପାତ ପ୍ରବଣ ଅଞ୍ଚଳରେ ଅଧିକରୁ ଅଧିକ ତାଳ ଗଛ ଲଗାଇବାକୁ କୃଷି ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସତର୍କ ଆପ୍ ଜରିଆରେ ବଜ୍ରପାତର ଆଗୁଆ ତଥା ସତର୍କ ସୂଚନା ଦେବାକୁ ପ୍ରସ୍ତାବ ଦେଇଛି ଓସଡମା। ବାର୍ଷିକ ୫୦ ଲକ୍ଷ ଟଙ୍କା ବ୍ୟୟରେ ଆର୍ଥ ନେଟୱର୍କ ଓ ପୁନେ ସ୍ଥିତ ଆଇଟିଏମ୍ ସହଯୋଗରେ ଏହି ଆପ୍ କାର୍ଯ୍ୟକାରୀ ହେବ ବୋଲି ପ୍ରସ୍ତାବ ଦିଆଯାଇଛି। କେବଳ ଏତିକି ନୁହେଁ, ୬ଟି ଉପକୂଳ ଜିଲ୍ଲାର ୨୪ଟି ଚିହ୍ନଟ ସୁନାମି ପ୍ରବଣ ଗାଁରେ ଇଣ୍ଡିଆନ୍ ଓସେନ୍ ସୁନାମୀ ରେଡି ପ୍ରୋଗ୍ରାମ୍ କାର୍ଯ୍ୟକାରୀ କରିବାକୁ ମଧ୍ୟ ପ୍ରାୟ ୧୩ ଲକ୍ଷ ୨୧ ହଜାର ଟଙ୍କାର ଏକ ପ୍ରସ୍ତାବ ଓସଡମା ପକ୍ଷରୁ ଦିଆଯାଇଥିବା ସୂଚନା ମିଳିଛି।

## ନଭେମ୍ବର ୧୯ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ବିଶ୍ୱ ଦେଖିବ ଓଡ଼ିଶାର ପ୍ରାଚୀନ ବାଣିଜ୍ୟିକ ପରମ୍ପରା



**ଭୁବନେଶ୍ୱର :** ଆଗାମୀ ନଭେମ୍ବର ୧୯ ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ପ୍ରଗତି ମୈଦାନରେ ୪୨ତମ ଭାରତ ଅନ୍ତଜାତୀୟ ବାଣିଜ୍ୟ ମେଳା-୨୦୨୩ ଅନୁଷ୍ଠିତ ହେବ। ଚଳିତ ବର୍ଷର ବିଷୟବସ୍ତୁ "ବସୁଧୈବ କୁଟୁମ୍ବକମ୍-ୟୁନାଇଟେଡ୍ ବାଇ ଟ୍ରେଡ୍" ଆଧାରରେ ଏଥିରେ ଓଡ଼ିଶା ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବାଣିଜ୍ୟିକ ପରମ୍ପରା ବହୁ ପ୍ରାଚୀନ। ପ୍ରାଚୀନ ନୌବାଣିଜ୍ୟ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପ, ବିଭିନ୍ନ କାରୁକାର୍ଯ୍ୟ ଭାରତର ବିଭିନ୍ନ ରାଜ୍ୟ ସମେତ ବିଶ୍ୱବାସୀଙ୍କ ପାଇଁ ଆକର୍ଷଣୀୟ ସାମଗ୍ରୀ ହୋଇଆସିଛି। ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆଭୂଷଣ ଓ ଅଳଙ୍କାର ଏବଂ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପ୍ରଗତିଶୀଳ ଓଡ଼ିଶାର କୁଟୀର ଶିଳ୍ପ ସମେତ ଓଡ଼ିଶାର ମିଲେଟ, ଅଦା ଓ ହଳଦୀ, କୋରାପୁଟ କଫି, ପର୍ଯ୍ୟଟନ, କ୍ରୀଡା, ଶିଳ୍ପାୟନ ଆଦିକୁ ଓଡ଼ିଶା ପାଭିଲିୟନ ମାଧ୍ୟମରେ ବିଶ୍ୱବାସୀଙ୍କ ନିକଟରେ ସଠିକ ଭାବେ ଉପସ୍ଥାପିତ କରିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ଏବଂ ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ବାଣିଜ୍ୟ ମେଳାର ଫୁଡ୍ କୋର୍ଟରେ ମଧ୍ୟ ଓଡ଼ିଶା ଅଂଶଗ୍ରହଣ କରି ବିଶ୍ୱବାସୀଙ୍କୁ ଓଡ଼ିଶାର ଅନନ୍ୟ ସୁସ୍ୱାଦୁ ଖାଦ୍ୟ ଅନୁଭୂତି ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗତବର୍ଷର ବାଣିଜ୍ୟ ମେଳାରେ ଓଡ଼ିଶା ପୁରସ୍କୃତ ହୋଇଥିବାରୁ ଚଳିତ ବର୍ଷ ମଧ୍ୟ ଏହି ପରମ୍ପରାକୁ ବଜାୟ ରଖିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠିତ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆଲୋଚନା ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିବା ବେଳେ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କ କୃଷି, ପଞ୍ଚାୟତିରାଜ, ପର୍ଯ୍ୟଟନ, ସଂସ୍କୃତି, ବୟନଶିଳ୍ପ, ଏମ୍ଏସ୍ଏମ୍‌ଇ, ଏସ୍‌ଟି ଓ ଏସ୍‌ସି ଉନ୍ନୟନ ଆଦି ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ, ଆୟୁକ୍ତ ଓ ନିର୍ଦ୍ଦେଶକଙ୍କ ସମେତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ରହ୍ମପୁର ମଣ୍ଡଳ କାରାଗାରରେ ଲାଗିଲା ଏଲ୍ଏଲ୍‌ଜେଡି ମେସିନ୍



**ଭୁବନେଶ୍ୱର :** ଏଣିକି ଜେଲରେ କଏଦୀ ଲୁଚାଇ ବ୍ୟବହାର କରିପାରିବେନି ମୋବାଇଲ। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଲଗାଯାଇଛି ଅତ୍ୟାଧୁନିକ ନନ୍ ଲିନିୟର ଜଙ୍କସନ ଡିଟେକ୍ଟର ମେସିନ୍ (ଏଲ୍ଏଲ୍‌ଜେଡି) ମେସିନ୍। ଏହି ମେସିନ ଦ୍ୱାରା ଖୋଜି ବାହାର କରିହେବ ମୋବାଇଲ। ଏହି ମେସିନ୍ ଦ୍ୱାରା କଏଦୀମାନେ ଯଦି ମୋବାଇଲ ଲୁଚାଇ ବ୍ୟବହାର କରୁଥିବେ ତେବେ ଏହି ମେସିନ୍ ଧରା ପକାଇଦେବ। ଏପରିକି ମୋବାଇଲ ବନ୍ଦ ହେଉ କିମ୍ବା ସିମ୍ ବାହାର କରି ଲୁଚାଇ ରଖିଥିବେ ତାହା ବି ଧରାପଡିବ। ତେବେ ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଜେଲ ଭିତରେ ରହି ବାହାରର ନେଟୱାର୍କ ଚଳାଉଥିବା କଏଦୀମାନଙ୍କ ପାଇଁ ଏହା ବେଶ୍ ଫଳପ୍ରଦ ହେବ ବୋଲି କହିଛନ୍ତି ଜେଲ ସୁପରିଟେଣ୍ଡେଣ୍ଟ। ସେ ଆହୁରି କହିଛନ୍ତି ଯେ, ଏହି ମେସିନର ମୂଲ୍ୟ ୧୫ ଲକ୍ଷ ଟଙ୍କା। ଟ୍ରେନିଂ ନେଇଥିବା କର୍ମଚାରୀ ମାନେ ଜେଲ କଠୋରି ଭିତରେ ବୁଲାଇ ଚେକିଂ କରିବେ। ଏପରିକି ମାଟି ତଳେ ମୋବାଇଲ ଲୁଚାଇ ରଖିଥିଲେ ବି ଏହି ମେସିନର ସାଇରନ ବାଜିବ। ସେହିଭଳି ଯଦି ମୋବାଇଲକୁ ବନ୍ଦ କରି ଖୋଲି ପାର୍ଟ ପାର୍ଟ କରି ରଖାଯାଇଇଛି ତେବେ ବି ତାହାର ସିମ୍ ଯେଉଁଠି ଥିବ ଏହି ମେସିନ ଦ୍ୱାରା ଜାଣିହେବ। ଯାହା ଫଳରେ ଜେଲ ମଧ୍ୟରେ ଲୁଚା ଛପାରେ ମୋବଇଲ ବ୍ୟବହାରକୁ ଏହି ମେସିନ ରୋକି ପାରିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ପୁରୀ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି

**ଭୁବନେଶ୍ୱର :** ପୁରୀରେ ନିର୍ମାଣ ହେବାକୁ ଥିବା ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କ୍ଷେତ୍ର ଅନୁମୋଦନ (ସାଇଟ୍ କ୍ଲିୟରାନ୍ସ) ମିଳିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏହି ଅନୁମତି ମିଳିଥିବା ବେଳେ ଖୁବ୍‌ଶୀଘ୍ର ପ୍ରକଳ୍ପ ପାଇଁ ଡିପିଆର୍ ପ୍ରସ୍ତୁତି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ନୀତି-୨୦୦୮ ଅନୁଯାୟୀ, ଏହି ବିମାନବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁମତି ମାଗିଥିବାବେଳେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରାଯାଇଥିଲା। କାଗଜପତ୍ର ଦାଖଲ ହେବାର ପ୍ରାୟ ବର୍ଷକ ପରେ ମନ୍ତ୍ରଣାଳୟ ପକ୍ଷରୁ ଏହି ଅନୁମତି ମିଳିଛି। କ୍ଷେତ୍ର ଅନୁମୋଦନ ସହିତ ରାଜ୍ୟ ସରକାରଙ୍କୁ ନୀତିଗତ ଭାବେ ଅନୁମୋଦନ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କାର୍ଯ୍ୟ ଜାରି ରଖିବାକୁ ମନ୍ତ୍ରଣାଳୟ କହିଥିବା ସୂଚନା ମିଳିଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଡିପିଆର୍ ଅନୁମୋଦନ ପାଇଁ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ପରିଚାଳନା କମିଟି ନିକଟରେ ଆବେଦନ କରିବାର ନିୟମ ରହିଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ପ୍ରାୟ ୫,୬୩୧ କୋଟି ଟଙ୍କା ବ୍ୟୟରେ ଏହି ବିମାନବନ୍ଦର ନିର୍ମାଣ କରାଯିବ। ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ଏବଂ ଷଣ୍ଢପୁରରେ ୧,୧୬୪ ଏକର ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ୬୮ ଏକର ଜଙ୍ଗଲ ଏବଂ ୨୨୧.୪୮ ଏକର ଘରୋଇ ଜମି ରହିଛି। ଆବଶ୍ୟକ ଘରୋଇ ଜମି ମଧ୍ୟରେ ସିପସରୁବାଲିରେ ୧୫୩.୩୭ ଏକର ଏବଂ ଷଣ୍ଢପୁରରେ ୬୮.୧୧ ଏକର ଜମି ଅଧିଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଆବଶ୍ୟକ ହେଉଥିବା ଜମି ପାଇଁ ବିସ୍ଥାପନର ଆବଶ୍ୟକତା ନ ଥିବାରୁ କୌଣସି ପୁନର୍ବାସ ଏବଂ ଥଇଥାନର ଆବଶ୍ୟକତା ନାହିଁ। ତେଣୁ ଏହି ପ୍ରକ୍ରିୟା ଖୁବ୍ କମ୍ ଦିନରେ ଶେଷ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ରାଜ୍ୟ ସରକାର ଜମି ଚିହ୍ନଟ ଏବଂ ଅନୁକୂଳ ପ୍ରତିବନ୍ଧକ ସୀମିତତା (ଓଏଲ୍ଏସ୍) ସର୍ଭେ ପରେ ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିଥିଲେ। ଘରୋଇ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି ମଧ୍ୟ ଶେଷ ହୋଇଛି। କିଛି ସରକାରୀ ଜମିର କିସମ ପରିବର୍ତ୍ତନ ପାଇଁ ମଧ୍ୟ ପ୍ରକ୍ରିୟା ଚାଲିଛି। ଏହି 'ସାଇଟ୍ କ୍ଲିୟରାନ୍ସ' ଅନୁମୋଦନକୁ ରାଜ୍ୟ ସରକାର ଅପେକ୍ଷା କରିଥିବାବେଳେ ବର୍ତ୍ତମାନ ଅନ୍ୟାନ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା ରହିଛି।

## ନେତାଜୀ ବସ୍ ଟର୍ମିନାଲକୁ ଗଡିବ ମେଟ୍ରୋ ଟ୍ରେନ୍

**ଭୁବନେଶ୍ୱର :** ଫେଜ୍-୧ରେ ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ପ୍ରକଳ୍ପ ସୀମିତ ରହିବ ନାହିଁ। ତ୍ରିଶୁଳିଆଠାରୁ କାଠଯୋଡ଼ି ଡେଇଁ ମେଟ୍ରୋ କଟକ ସହର ଭିତରକୁ ପଶିବ। ତ୍ରିଶୁଳିଆଠାରୁ ମେଟ୍ରୋ ଆଗକୁ ବଢ଼ି ନବନିର୍ମିତ ନେତାଜୀ ବସ୍ ଟର୍ମିନାଲ୍ ପର୍ଯ୍ୟନ୍ତ ଗଡ଼ିବ। ଏଥିପାଇଁ କାଠଯୋଡ଼ି ଉପରେ ଆଉ ଏକ ବ୍ରିଜ୍ ନିର୍ମାଣ କରାଯିବ। ଏହି ବ୍ରିଜ୍ରେ ତଳେ ଯାନବାହନ ଚଳାଚଳ କରିବା ସହ ଉପରେ ମେଟ୍ରୋ ଗଡ଼ିବାର ବ୍ୟବସ୍ଥା ରହିବ। ସମାନ ଭାବେ ଜୟଦେବ ବିହାରଠାରୁ ଗୋଟିଏ ଲାଇନ୍ ନନ୍ଦନକାନନ ଆଡ଼କୁ ଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆଉ ଗୋଟିଏ ଲାଇନ୍ ଏଠାରୁ ବାହାରି ବରମୁଣ୍ଡା ବସ୍‌ଷ୍ଟାଣ୍ଡ ହୋଇ ଏମ୍ସ ଛକ ପର୍ଯ୍ୟନ୍ତ ଲମ୍ବିବ। ରାଜ୍ୟରେ ଏହି ଦୁଇ ପ୍ରମୁଖ ବସଷ୍ଟାଣ୍ଡକୁ ମେଟ୍ରୋ ସହ ଯୋଡ଼ିବା ପାଇଁ ଏମିତି କିଛି ପରିକଳ୍ପନା କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ପାଇଁ ଡିପିଆର୍ ପ୍ରସ୍ତୁତି ଆରମ୍ଭ ହେବ। ଏହାକୁ ମେଟ୍ରୋ ପ୍ରକଳ୍ପ ପେଜ୍-୧ (କ,ଖ) ନାମରେ ନାମିତ କରାଯାଇଛି। ରାଜ୍ୟ ସରକାର ଯୋଜନା କରୁଥିବା ଏହି ପ୍ରକଳ୍ପ ପାଇଁ କୌଣସି ଘରୋଇ ଜମିର ଆବଶ୍ୟକତା ପଡ଼ିବ ନାହିଁ। ସହରର ପ୍ରମୁଖ ରାସ୍ତାର ମେଡିଆନ୍ ଉପରେ ଏଲିଭେଟର ବ୍ୟବସ୍ଥାରେ ମେଟ୍ରୋ ଚଳାଚଳ କରିବ। ରାଜ୍ୟ ସରକାର ବର୍ତ୍ତମାନ ସମନ୍ୱିତ ଗମନାଗମନ ବା ପରିବହନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସହରରେ ଟ୍ରାଫିକ୍ ବ୍ୟବସ୍ଥା ବା ଯାନବାହନ ଚଳାଚଳ କମ୍ ହେବ ଓ ଲୋକେ କିପରି ଅଧିକ ମାତ୍ରାରେ ସାଧାରଣ ପରିବହନ ବ୍ୟବସ୍ଥାକୁ ବ୍ୟବହାର କରିବେ ତାକୁ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟତଃ ଲୋକେ କିପରି କମ୍ ସମୟ ମଧ୍ୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ, ତାହା ବିସ୍ତୃତ ଭାବେ ଯୋଜନା କରାଯାଇଛି। ଏଥିପାଇଁ ମେଟ୍ରୋକୁ ଆଗକୁ ବଢ଼ାଇବା ପାଇଁ ଯୋଜନା କରାଯାଇଛି।

# ଶ୍ରମିକଙ୍କ ପାଇଁ ମୁକ୍ତା ସଫ୍ଟ ଆପ୍



**ଭୁବନେଶ୍ୱର :** ସହରାଞ୍ଚଳର ଗରିବ ଅଧିବାସୀଙ୍କ ଜୀବିକା ସୁରକ୍ଷା ନିମନ୍ତେ ଗୋଷ୍ଠୀ ଦ୍ୱାରା ସଞ୍ଚାଳିତ ତଥା ସମାଜର ସାଧାରଣ ସ୍ତରରୁ ଯୋଜନା ପ୍ରସ୍ତୁତ କରୁଥିବା 'ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ-ମୁକ୍ତା' ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ରୂପେ ଆଦୃତ ହୋଇଛି। ରାଜ୍ୟର ୧୧୫ ଟି ପୌର ସଂସ୍ଥା ଅନ୍ତର୍ଗତ କାମ କରୁଥିବା ସହରାଞ୍ଚଳ ଶ୍ରମିକ ଓ ବିଭିନ୍ନ ସ୍ଥାନକୁ କାମ ସନ୍ଧାନରେ ଯାଉଥିବା ଶ୍ରମିକ (ପ୍ରବାସୀ ଶ୍ରମିକ)ଗୋଷ୍ଠୀଙ୍କୁ ଜୀବିକା ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଯୋଜନାର ସଠିକ୍ ରୂପାୟନ ପାଇଁ ତଥା କାର୍ଯ୍ୟରତ ଶ୍ରମିକ ମାନଙ୍କୁ ସଠିକ ସମୟରେ ତାଙ୍କ ପ୍ରାପ୍ୟ ମଜୁରୀ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ୱେବ୍ ଆଧାରିତ ଆପ୍ 'ମୁକ୍ତା ସଫ୍ଟ' ପ୍ରବର୍ତ୍ତନ କରିଛନ୍ତି। ଏହି ୱେବ୍ ଆଧାରିତ ଆପ୍ ର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ନିମନ୍ତେ ପାଇଲଟ୍/ଆଗୁଆ ପରୀକ୍ଷଣ ଢେଙ୍କାନାଳ ଓ ଜଟଣୀ ପୌରପାଳିକାରେ କରାଯାଇଛି। ପାଇଲଟ୍ ପରୀକ୍ଷଣର ସଫଳତା ଭିତ୍ତିରେ ମୁକ୍ତା ସଫ୍ଟ ରାଜ୍ୟର ୨୫ଟି ପୌର ସଂସ୍ଥାରେ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ, ଯାହା ମଧ୍ୟରେ ୫ ଟି ମହାନଗର ନିଗମ, ୧୪ ଟି ପ୍ରମୁଖ ପୌରପାଳିକା ଓ ୬ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ। 'ମୁକ୍ତା ସଫ୍ଟ ୧.୦' ର ସଫଳ ରୂପାୟନ ନିମନ୍ତେ ରାଜ୍ୟସ୍ତରୀୟ ମୁକ୍ତା ପି .ଏମ୍ .ୟୁ ତଥା ରାଜ୍ୟବ୍ୟାପୀ ୨୫ ଟି ପୌରସଂସ୍ଥାର ମାଷ୍ଟର୍ ଟ୍ରେନର୍ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। 'ମୁକ୍ତା ସଫ୍ଟ ୧.୦' ର ବିଭିନ୍ନ ଦିଗକୁ ପରବର୍ତ୍ତୀ ସ୍ତରରେ ପୌର ସଂସ୍ଥାର କର୍ମଚାରୀ ମାନଙ୍କୁ ପରିଚିତ କରାଇବାରେ ଏହି ମାଷ୍ଟର୍ ଟ୍ରେନର୍ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥାନନ୍ ଏହି ମାଷ୍ଟର୍ ଟ୍ରେନର୍ ମାନଙ୍କୁ ଅଭିଭାଷଣ ପ୍ରଦାନ କରି , ଏଭଳି ପ୍ରମୁଖ ମଜୁରୀ ଭିତ୍ତିକ ସହରାଞ୍ଚଳ ଜୀବିକା ସୁରକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ବୋଲି ସୂଚନା ଦେଇଥିଲେ। ଜନସାଧାରଣଙ୍କ ମତାମତ ଭିତ୍ତିରେ କାର୍ଯ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି ବୋଲି ସେ କହିଥିଲେ ଏବଂ ସହରାଞ୍ଚଳ ଗରିବ ଶ୍ରମିକ ମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ଦିଗରେ ଏହି ୱେବ୍ ଆଧାରିତ ଆପ୍ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ଏହି ମାଷ୍ଟର୍ ଟ୍ରେନର୍ ମାନଙ୍କୁ ପ୍ରମୁଖ ସମ୍ବଳ ବ୍ୟକ୍ତି ହିସାବରେ ଚୟନ କରାଯାଇଥିବାରୁ 'ମୁକ୍ତା ସଫ୍ଟ ୧.୦' ର ସଫଳ ରୂପାୟନ ଦିଗରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ମାଥିଭାଥାନନ୍ ମତପ୍ରକାଶ କରିଥିଲେ। ରାଜ୍ୟର ୨୫ ଟି ପୌର ସଂସ୍ଥାର ୩୦୦ ସମ୍ବଳ ବ୍ୟକ୍ତିଙ୍କୁ ପାଞ୍ଚଟି ବ୍ୟାଚ୍ ରେ ପ୍ରଶିକ୍ଷଣ ଦିଆଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ। ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇଥିବା ମାଷ୍ଟର୍ ଟ୍ରେନର୍ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ପରବର୍ତ୍ତୀ ସ୍ତରରେ ୨୫ ଟି ପୌର ସଂସ୍ଥାର କର୍ମଚାରୀ ମାନଙ୍କୁ ଏହି ମାଷ୍ଟର୍ ଟ୍ରେନର୍ ମାନେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ଅକ୍ଟୋବର, ୨୦୨୩

# ଆତଙ୍କୀଙ୍କ ଷଡ଼ଯନ୍ତ୍ର ଭେଦି ପାରିଲାନି ଇସ୍ରାଏଲ

ସମ୍ପାଦକୀୟ



ତାରକ ମହାନ୍ତି

ସାପକୁ ଯେତେ କ୍ଷୀର ପିଆଇଲେ ସେ ଯେମିତି ଆପଣାର ନହୋଇ ଚୋଟ ମାରିଥାଏ ହମାସ ପକ୍ଷରୁ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ ଏହାର ବଡ଼ ପ୍ରମାଣ। ପାଲେଷ୍ଟିନ ଓ ଇସ୍ରାଏଲ ମଧ୍ୟରେ ଦୀର୍ଘବର୍ଷରୁ ଶତ୍ରୁତା ଥିଲାବେଳେ ଗାଜାପଟ୍ଟୀ ହମାସ ନିୟନ୍ତ୍ରଣରେ ରହିଥିଲା। କୋଡିଏ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସନସଂଖ୍ୟା ଥିବା ଅଞ୍ଚଳରେ ହମାସ ରାଜ କରୁଥିଲା। ହମାସ ଏକ ଆତଙ୍କବାଦୀ ଗୋଷ୍ଠୀ ଯିଏକି ଇସ୍ରାଏଲ ବିରୋଧରେ ଯୁଦ୍ଧ କରିଆସୁଛି। ହେଲେ ଇସ୍ରାଏଲ ନିଜ ଦେଶର ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଇ ପ୍ରତିରକ୍ଷା ବାବଦରେ ବିଶେଷ ଖର୍ଚ୍ଚ କରିଥାଏ। ଆର୍ଥିକ ଦୃଷ୍ଟିରୁ ଇସ୍ରାଏଲ ଏକ ସମୃଦ୍ଧ ରାଷ୍ଟ୍ର କୁହାଯିବ। କିନ୍ତୁ ଗଜାପଟ୍ଟୀ ପରିସ୍ଥିତି ଭିନ୍ନ। ପାଲେଷ୍ଟିନ ଲୋକ ଏଠାରେ ଗୁଜୁରାଣ ମେଣ୍ଟାଇବାକୁ ବସତି ସ୍ଥାପନ କରିଛନ୍ତି। ଏମାନେ ଇସ୍ରାଏଲ ଉପରେ ଅଧିକ ନିର୍ଭରଶୀଳ। ହମାସକୁ ଦାନାପାଣି ଦେଉଥିବା ଇସ୍ରାଏଲ ପଛରୁ ଯେଭଳି ଛୁରୀକାଘାତ କରାଗଲା ତା ହିଁ ଚିନ୍ତାର ବିଷୟ। ଯେଉଁ କଥା ଆରମ୍ଭରୁ ଉପସ୍ଥାପନ କଲି, ସାପ ପ୍ରସଙ୍ଗ। କିନ୍ତୁ ହମାସ ଏକଥା ଭୁଲିବା ଉଚିତ ନୁହେଁ ଯେ ଇସ୍ରାଏଲ ଏମିତି ଏକ ଦେଶ ଯାହା କହେ ତାହା କରିଥାଏ। ତେଣୁ ହମାସ ଯେଉଁ ଭୁଲ କରିବସିଲା ତାହାର ପରିଣାମ କେତେ ଭୟଙ୍କର ହେବ ତାହା ବିଶ୍ୱ ଦେଖିବ। ହମାସ ସହଯୋଗରେ ଯେଉଁ ଯେଉଁ ରାଷ୍ଟ୍ର ସାମିଲ ହେବେ ସେମାନଙ୍କୁ ମଧ୍ୟ ପରିଣତି ଭୋଗିବାକୁ ପଡିବ। କଥା ଏଠାରେ ନାହିଁ, ପ୍ରସଙ୍ଗ ହେଉଛି ବିଗତ ଦୁଇବର୍ଷ ଧରି ଇସ୍ରାଏଲ ସହ ଛଳନା କରି ହମାସ ଯେଉଁ ଷଡଯନ୍ତ୍ର ଚଳାଇଥିଲା ତାହା ଧରାପଡ଼ିଛି। ତେବେ ଏହି ଷଡଯନ୍ତ୍ର କଣ? ଷଡଯନ୍ତ୍ର ହେଉଛି ହମାସ ବାରମ୍ବାର ଇସ୍ରାଏଲ ମନରେ ବିଶ୍ୱାସ ଦେଲା ଯେ ସେ ଆଉ ଯୁଦ୍ଧ କରିବାକୁ ଚାହେଁନାହିଁ। ବରଂ ଇସ୍ରାଏଲ ସହାୟତାରେ ନିଜ ଲୋକଙ୍କୁ ବଞ୍ଚାଇବାକୁ ଚାହେଁ। ଇସ୍ରାଏଲ ବିରୋଧରେ ଲଢ଼ି ହମାସ ହାଲିଆ ହୋଇଥିବା କଥା କହିବା ସହ ହମାସବାସୀଙ୍କୁ ଇଜ୍ରାଏଲ ରୋଜଗାର ଦେଲେ ଏଠାକାର ଲୋକ ଭଲରେ ଚଳିଯିବେ। ହେଲେ ଭିତରେ ଭିତରେ କପଟ କରୁଥିଲା ହମାସ, ଯାହା ବୁଝିପାରିଲାନି ଇସ୍ରାଏଲ। ମାନବିକତା ଆଧାରରେ ଇସ୍ରାଏଲ ହମାସକୁ ସହାୟତା ଦେବା ଆରମ୍ଭ କରିଥିଲା। ଯେଉଁଥିରେ ହମାସବାସୀ ସୁଖ ସ୍ୱାଚ୍ଛନ୍ଦରେ ମଧ୍ୟ ଥିଲେ। ଇଜ୍ରାଏଲ ଭାବିଲା ହମାସ ଲୋକ ଭଲରେ ଚଳିଲେ, ନିଜ ପିଲାଙ୍କୁ ଉତ୍ତମ ଶିକ୍ଷା ଦେଲେ ସେମାନେ ଆଉ ଆତଙ୍କୀବାଦୀ କାର୍ଯ୍ୟ କରିବେନାହିଁ। ହେଲେ ଫଳ ବିପରୀତ ହେବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିବା ନିଷ୍ପତ୍ତି ନେଇଛନ୍ତି। ଲକ୍ଷାଧିକ ପଦାତିକ ଇସ୍ରାଏଲ ସୈନ୍ୟ ହମାସର ଚାରିପାଖ ଅକ୍ତିଆର କରିନେଇଛନ୍ତି। ଯଦିଓ କିଛି ମୁସଲିମ ରାଷ୍ଟ୍ର ହମାସକୁ ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି ହେଲେ ଇସ୍ରାଏଲ ସପକ୍ଷରେ ଆମେରିକା, ଭାରତ ଓ ବ୍ରିଟେନ ଭଳି ଦେଶ ରହିଥିବା ଖବର ମିଳୁଛି। ଆମେରିକା ନିଜର ଯୁଦ୍ଧ ଜାହାଜକୁ ଇସ୍ରାଏଲ ଅଭିମୁଖେ ପଠାଇସାରିଛି। ତେଣୁ ବର୍ତ୍ତମାନର ଯୁଦ୍ଧ କେବଳ ମୁସଲିମ ଓ ଇହୁଦି ମଧ୍ୟରେ ଆଉ ସୀମିତ ହୋଇ ରହିନାହିଁ। ଅତୀତ ଇତିହାସ ଦେଖିଲେ ଇସ୍ରାଏଲ ଏକ ଦେଶ ନଥିଲା। ୟୁରୋପିୟ ଦେଶ ମାନଙ୍କ ଠାରୁ ନିର୍ଯାତିତ ଏକ ଗୋଷ୍ଠୀ ଭାବେ ଇହୁଦୀ ଥିଲେ। ଏମାନଙ୍କୁ ମୂଳ ଖ୍ରୀଷ୍ଟିଆନ ମାନେ ଘୃଣା କରନ୍ତି। ଏହାର ମଧ୍ୟ ଯଥାର୍ଥ କାରଣ ରହିଛି। ଖ୍ରୀଷ୍ଟ ଧର୍ମୀ ମାନେ ଯୀଶୁଙ୍କୁ ଈଶ୍ୱର ମନେକରୁଥିଲା ବେଳେ ଇହୁଦୀ ସମ୍ପ୍ରଦାୟଙ୍କୁ ଯୀଶୁଙ୍କ ହତ୍ୟାକାରୀ ଭାବେ ବିବେଚନା କରାଯାଏ।

ତଥାପି ବୈଷୟିକ ଓ ବିଜ୍ଞାନ କାରିଗରୀ ଦୃଷ୍ଟିକୋଣରୁ ବିଚାର କଲେ ଇସ୍ରାଏଲ ଏକ ସଫଳ ଦେଶ ଭାବେ ବିବେଚିତ। ଏହାର ଭୌଗଳିକ ପରିସୀମା କ୍ଷୁଦ୍ର ହୋଇଥିବା ସତ୍ତ୍ୱେ ପ୍ରତିଷ୍ଠା ଦୃଷ୍ଟିରୁ ଏହି ଦେଶ ସ୍ୱତନ୍ତ୍ର ମର୍ଯ୍ୟାଦାର ହକଦାର। ପ୍ରତ୍ୟେକ କ୍ଷେତ୍ରରେ ଇସ୍ରାଏଲ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ସାମ୍ପ୍ରତିକ ପରିସ୍ଥିତିରେ ଇସ୍ରାଏଲ ଭୂମିକା ଉପରେ ବହୁତ ରାଷ୍ଟ୍ର ନଜର ରଖିଛନ୍ତି। ହମାସର ବର୍ବରତା କଥା ବିଚାର କଲେ ସେମାନଙ୍କ ଉପରେ ଆକ୍ରମଣ ସ୍ୱାଭାବିକ। କାରଣ ଏକ ଧାର୍ମିକ ଉପାସନା ସ୍ଥଳରେ ହମାସ ଯେଭଳି ଆକ୍ରମଣ କରିଛି ତାହା ଆଦୌ ଗ୍ରହଣୀୟ ନୁହେଁ। ସର୍ବଦା ଆତଙ୍କ ରଚନା କରି ଅନ୍ୟ ଉପରେ ପ୍ରଭାବ ବିସ୍ତାର କରିବା କୌଣସି ଧର୍ମ ହୋଇନପାରେ। ଧର୍ମ ଆଧାରରରେ ଯଦି ପାଲେଷ୍ଟାଇନକୁ ସାହାଯ୍ୟ କରିବା ପାଇଁ କୌଣସି ମୁସଲିମ ରାଷ୍ଟ୍ର ସାମ୍ନାକୁ ଆସନ୍ତି, ତେବେ ଆମେରିକା ସେମାନଙ୍କ ବିରୋଧରେ ସମ୍ପୂର୍ଣ୍ଣ ଲଢେଇ ଆରମ୍ଭ କରିଦେବ। ଆମେରିକାର ଜଣେ ପୂର୍ବତନ ସେନା ଅଧିକାରୀଙ୍କ କହିବା କଥା ଯଦି ଇରାନ ହମାସ ସପକ୍ଷରେ ବାହାରେ ତେବେ ଏହି ଯୁଦ୍ଧ ଆହୁରି ଭୟଙ୍କର ହେବ। ସତାବନ ମୁସଲିମ ରାଷ୍ଟ୍ର ଇସ୍ରାଏଲ ବିରୁଦ୍ଧରେ ମୋର୍ଚ୍ଚା ଗଠନ କରୁଥିବା ନେଇ ସୂଚନା ମିଳୁଛି। ଏମାନଙ୍କ ମଧ୍ୟରେ ଇରାକ, ଇରାନ ଓ ଲେବାନନ ପରି ରାଷ୍ଟ୍ର ଅଛନ୍ତି। ସାଉଦି ଆରବ ନେତୃତ୍ୱରେ ହୋଇଥିବା ଓଆଇସି ବୈଠକରେ ଇସ୍ରାଏଲ ବିରୋଧରେ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଛି, ସେଥିରେ ହମାସ ଉପରେ ଆକ୍ରମଣ ବନ୍ଦ ପାଇଁ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିବା ପ୍ରଥମ ଲକ୍ଷ୍ୟ। ହେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନାହୁ ଯେଉଁ ସଂକେତ ଦେଇଛନ୍ତି, ସେ ହମାସକୁ ପୃଥିବୀ ପୃଷ୍ଠରୁ ଲୋପ କରିବାକୁ ଚାହାଁନ୍ତି। ହମାସକୁ ଧ୍ୱଂସ କରାଯିବ ବୋଲି ନେତାନ୍ୟାହୁ ପ୍ରତିଜ୍ଞା କରିଛନ୍ତି। ନେତାନ୍ୟାହୁ ନିଜ ବିବୃତିରେ କହିଛନ୍ତି ହମାସ ଆତଙ୍କବାଦୀ ହେଉଛନ୍ତି ଜଣେ ଜଣେ ମୃତବ୍ୟକ୍ତି। ହମାସ ଆକ୍ରମଣର କଡା ଜବାବ ଦେଉଛି ଇସ୍ରାଏଲ। ଗାଜା ଷ୍ଟ୍ରିଟରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଲୋକଙ୍କ ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇପଡିଛି। ସେଠାରେ ଚଉଦ ଶହରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କଲେଣି। ପାଖାପାଖି ତିନି ଲକ୍ଷ ଲୋକ ଗାଜାରୁ ବିସ୍ଥାପିତ ହୋଇଛନ୍ତି। ଇସ୍ରାଏଲ ଖାଦ୍ୟ, ଜଳ, ବିଜୁଳି ଯୋଗାଣ ବନ୍ଦ କରିଥିବାରୁ ସମସ୍ୟା ଉତ୍କଟ ହେଉଛି। ଗାଜାର ଅଲ ସିଫା ହସ୍ପିଟାଲରେ ଆହତଙ୍କ ପାଇଁ ଆଉ ସ୍ଥାନ ନାହିଁ। ଏହା ଏବେ ଭୁତର ସହର ପାଲଟିଯାଇଛି। ହମାସ ମୂଳପୋଛ ପର୍ଯ୍ୟନ୍ତ ଅପରେସନ ଚାଲିବ ବୋଲି କହିଛି ଇସ୍ରାଏଲ। ଅନ୍ୟପକ୍ଷେ ଇସ୍ରାଏଲରେ ପଶିଥିବା ହମାସ ଆତଙ୍କବାଦୀ ମଧ୍ୟ ନରସଂହାର ଜାରି ରଖିଛନ୍ତି। ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଜାରି ରହିଥିଲା ବେଳେ ଇସ୍ରାଏଲ ସେନା ଗାଜାରେ ପଶି ଭୟାବହ ଆକ୍ରମଣ କରିବାର ଯୋଜନା କରିଛି। ଗତ ଶୁକ୍ରବାର ଇସ୍ରାଏଲ ସେନା ଉତ୍ତର ଗାଜାରେ ରହୁଥିବା ଲୋକମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କ ଘର ଏବଂ ଅଞ୍ଚଳ ଛାଡି ଦକ୍ଷିଣ ଗାଜାକୁ ଛାଡିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତର ଗାଜାରେ ପ୍ରାୟ ୧.୧ ନିୟୁତ ଲୋକ ରହନ୍ତି। ଇସ୍ରାଏଲ ସେନାର ନିର୍ଦ୍ଦେଶ ପରେ ଗାଜାରୁ ଲୋକେ ଗାଡିରେ ଜିନିଷ ପତ୍ର ଲଦି ଦକ୍ଷିଣ ଗାଜା ଅଭିମୁଖେ ପଳାୟନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ ସେନାର ଏହି ନିର୍ଦ୍ଦେଶକ ଅମାନ୍ୟ କରିବା ପାଇଁ ହମାସ ଗାଜାବାସୀଙ୍କୁ ଆହ୍ୱାନ ଦେଇଛି। ଏଭଳି ପରିସ୍ଥିତିରେ ଆତଙ୍କବାଦର ମୂଳୋତ୍ପାଟନ ଏବଂ ମାନବୀୟ ଦୃଷ୍ଟିକୋଣ କେଉଁଟା ଅଧିକ ଗୁରୁତ୍ୱପୂର୍ଣ୍ଣ ତାହା ଚିନ୍ତା କରିବାର ସମୟ ଆସିଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭



ସୌମେନ୍ଦ୍ର ଜେନା

# କ୍ୟୁବେକର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ

ଗତ କିଛିଦିନ ହେବ ଗଣମାଧ୍ୟମଗୁଡିକରେ କ୍ୟୁବେକ୍‌ର ସ୍ୱାଧୀନତା ବିଷୟରେ ଅନେକ ଖବର ପ୍ରକାଶ ପାଇଛି। ଏପରିକି କାନାଡା ସରକାର ବିଚ୍ଛିନ୍ନତାବାଦୀ ଖାଲିସ୍ଥାନୀଙ୍କୁ ସମର୍ଥନ କରି ଯେପରି ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରୋତ୍ସାହନ ଦେଉଛି ଠିକ୍ ସେମିତି ଭାରତ ସରକାର କାନାଡାର କ୍ୟୁବେକ୍ ପ୍ରଦେଶରେ ଦୀର୍ଘ ଦିନଧରି ଚଳିଆସିଥିବା ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ପ୍ରଦାନ କରି ଆର୍ଥିକ ସହାୟତା ମଧ୍ୟ କରିବା ଦରକାର ବୋଲି ମତ ପ୍ରକାଶ ପାଉଛି।

ଦେଖିବାକୁ ଗଲେ କ୍ଷେତ୍ରଫଳ ଦୃଷ୍ଟିରୁ ରୁଷିଆ ପରେ କାନାଡା ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର। କିନ୍ତୁ ଏହାର ଜନସଂଖ୍ୟା ମାତ୍ର ପାଖାପାଖି ଚାରିକୋଟି। ପ୍ରଧାନମନ୍ତ୍ରୀ ଦେଶର ନିର୍ବାଚିତ ସରକାରର ମୁଖ୍ୟ ହୋଇଥିଲେ ମଧ୍ୟ ଦେଶର ଗଭର୍ଣ୍ଣର ଜେନେରାଲ ବ୍ରିଟେନ ରାଜସତ୍ତାର ପ୍ରତିନିଧି ଭାବେ କାର୍ଯ୍ୟ କରିଥାନ୍ତି। କାନାଡା ସରକାର ବ୍ରିଟେନର ରାଜସତ୍ତାକୁ ମାନ୍ୟତା ପ୍ରଦାନ କରିଛନ୍ତି। କାନାଡା ରାଷ୍ଟ୍ରର ନାମ ଠିକ୍ କୋଲ୍‌କାତା ସହରର ନାମକରଣ ପରି ଏକ ଗ୍ରାମର ନାମକୁ କେନ୍ଦ୍ରକରି ହୋଇଛି। କାନାଡା ଶବ୍ଦଟି ହୁରୋନ ଇରୋକ୍ୱୋଇସ୍ କାନାଡା (ଗ୍ରାମ ବା ବାସସ୍ଥଳୀ)ରୁ ଆସିଛି। ୧୬ଶ ଶତାବ୍ଦୀରେ ଫ୍ରାନ୍ସର ଆବିଷ୍କାରକ ଜାକ୍ୱେସ କାର୍ଟିର କ୍ୟୁବେକ୍ ସହର ଆଖପାଖର ଅଞ୍ଚଳକୁ ନେଇ ନାମକରଣ କରିଥିଲେ। ପରେ ନିଉ ଫ୍ରାନ୍ସ ପାଇଁ ଏହି ନାମ ୧୫୩୪ରୁ ୧୭୬୩ ପର୍ଯ୍ୟନ୍ତ ବ୍ୟବହାର ହୋଇଥିଲା। ସେଣ୍ଟ ଲରେନ୍ସ ନଦୀ ଏବଂ ଗ୍ରେଟ ଲେକ୍‌ର ନିକଟବର୍ତ୍ତୀ ଫ୍ରାନ୍ସ ଅଧିକୃତ ଅଞ୍ଚଳ ନିମନ୍ତେ ଏହି ନାମର ବ୍ୟବହାର ହୋଇଥିଲା। କିନ୍ତୁ ଇଂରେଜମାନେ ନିଉ ଫ୍ରାନ୍ସକୁ ଦଖଲ କରିନେବା ପରେ କାନାଡା ବଦଳରେ କ୍ୟୁବେକ୍ ନାମକୁ କିଛି କାଳ ବ୍ୟବହାର କଲାପରେ ୧୭୯୧ପରେ କାନାଡା ନାମକୁ ବ୍ୟବହାର କଲେ। ସେହି ବର୍ଷ ବ୍ରିଟେନ ସରକାର କ୍ୟୁବେକ୍‌କୁ ବିଭାଜନ କରି ଉର୍ଦ୍ଧ୍ୱ ଏବଂ ନିମ୍ନ କାନାଡା ନାମଦେଲେ, ଯାହା ପରେ ୧୮୪୧ରେ କାନାଡା ୱେଷ୍ଟ ଏବଂ କାନାଡା ଇଷ୍ଟ ନାମରେ ପରିଚିତ ହେଲା। ୧୮୬୭ରେ ବ୍ରିଟିସ ଉତ୍ତର ଆମେରିକା ଆଇନ ବଳରେ ନୋଭା ସ୍କଟିଆ, ନ୍ୟୁ ବ୍ରୁନ୍ସୱିକ ଏବଂ କାନାଡା ଉପନିବେଶକୁ ମିଶାଇ କାନାଡା ରାଷ୍ଟ୍ର ଗଠନ କଲେ। ଏହି ଆଇନରେ ପୁରୁଣା କାନାଡାକୁ ଓଣ୍ଟାରିଓ ଏବଂ କ୍ୟୁବେକ୍ ରାଜ୍ୟରେ ବିଭାଜିତ କରିଥିଲେ। କାନାଡା ରାଷ୍ଟ୍ର ଗଠନ ପରେ ଅନେକ ବିଷୟ ସ୍ଥାନୀୟ ସରକାରଙ୍କ ଦାୟିତ୍ୱରେ ରହିଲା। ହେଲେ ଆନ୍ତର୍ଜାତିକ କୂଟନୀତି ଏବଂ ପ୍ରତିରକ୍ଷା ମେଣ୍ଟ କେବଳ ବ୍ରିଟେନ ସରକାରଙ୍କ ହାତରେ ରହିଲା। ୧୯୩୧ରେ କାନାଡାକୁ ବ୍ରିଟିସ ସରକାରଙ୍କ ଅଧିନରେ ସ୍ୱାୟତ୍ତତା ପ୍ରଦାନ କରାଯିବାବେଳେ ୧୯୮୨ରେ ହିଁ କାନାଡାକୁ ନିଜର ସମ୍ବିଧାନ ସଂଶୋଧନ କରିବାକୁ କ୍ଷମତା ପ୍ରଦାନ କରାଯାଇଥିଲା। ଆମେରିକା ସହ କାନାଡାର ୮୮୯୦ କିଲୋମିଟର ଦୀର୍ଘ ସୀମା ରହିଛି। କାନାଡାର ଇଂରେଜୀ ଭାଷାଭାଷୀ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ବ୍ରିଟେନ ସହ ସାମଞ୍ଜସ୍ୟ ରଖେ। କିନ୍ତୁ କ୍ୟୁବେକ୍ ଅଞ୍ଚଳରେ ଫ୍ରାନ୍ସର ଭାଷା ଓ ପ୍ରଶାସନିକ ବ୍ୟବସ୍ଥା ପ୍ରଚଳିତ। କ୍ୟୁବେକର ଧର୍ମ, ସ୍ଥାପତ୍ୟ, ବିଦ୍ୟାଳୟ ଶିକ୍ଷାରେ ଫ୍ରାନ୍ସର ପ୍ରଭାବ ଦେଖିବାକୁ ମିଳିଥାଏ। ସଡକର ଫଳକ, ବସ୍ତୁର ପ୍ୟାକେଟ ଏବଂ ସ୍ଥାନର ନାମ ଉଭୟ ଫ୍ରେଞ୍ଚ ଏବଂ ଇଂରାଜୀରେ ଲେଖାଯିବାର ଦେଖିବାକୁ ମିଳେ।

ଆଦିମ କାଳରୁ ବନବାସୀମାନେ କାନାଡାର ମୂଳ ଅଧିବାସୀଭାବେ ରହିଆସିଥିଲେ। ୧୬ଶ ଶତାବ୍ଦୀ ବେଳକୁ ଫ୍ରାନ୍ସ ଏବଂ ବ୍ରିଟେନର ଲୋକେ ଆଟଲାଣ୍ଟିକ ମହାସାଗର ଉପକୂଳ ଅଞ୍ଚଳ ଦଖଲ କରି ନିଜର ଉପନିବେଶ ପ୍ରତିଷ୍ଠା କଲେ। ଏମାନଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ହେଉଥିଲା। ୧୭୬୩ରେ ଫ୍ରାନ୍ସ ଏହାର ପ୍ରାୟ ସବୁ ଉପନିବେଶଗୁଡିକୁ ଉତ୍ତର ଆମେରିକାରେ ସାମିଲ କରିଦେଇଥିଲା। ୧୮୬୭ରେ ବ୍ରିଟେନର ତିନୋଟି ଉତ୍ତର ଆମେରିକାର ଉପନିବେଶକୁ ମିଶାଇ କାନାଡାର ଗଠନ କରାଯାଇଥିଲା। କାନାଡାର ନିର୍ବାଚନ ଆମେରିକା ପରି ପ୍ରତି ଚାରିବର୍ଷରେ ଥରେ ଅକ୍ଟୋବର ମାସରେ ହିଁ ହୋଇଥାଏ। ଗଭର୍ଣ୍ଣର ଜେନେରାଲ ସାଧାରଣ ନିର୍ବାଚନ ଘୋଷଣା କରିଥାନ୍ତି। ବ୍ରିଟେନର ରାଜା ହିଁ କାନାଡାର ରାଜା। କ୍ଷେତ୍ରଫଳ ଦୃଷ୍ଟିରୁ କ୍ୱିବେକ ରାଜ୍ୟ ବଡ, ଫ୍ରେଞ୍ଚ ଭାଷାଭାଷୀ ଅଧ୍ୟୁଷିତ ଏବଂ ସମୁଦ୍ରର କୂଳରେ ଅବସ୍ଥିତ। କ୍ୟୁବେକବାସୀ ଆଜିଯାଏଁ ସାଂସ୍କୃତିକ ଓ ରାଜନୈତିକ ଦୃଷ୍ଟିରୁ କାନାଡା ସହ ମିଶିପାରିନାହାନ୍ତି। ସେଥିପାଇଁ ଭିନ୍ନ ଭିନ୍ନ ସମୟରେ ସେମାନେ କାନାଡାରୁ ଅଲଗା ହୋଇ ଫ୍ରେଞ୍ଚଭାଷୀ ରାଷ୍ଟ୍ରଗଠନ କରିବା ପାଇଁ ଆନ୍ଦୋଳନ କରିଆସିଛନ୍ତି। ଅତୀତରେ ଦୁଇଥର ଏଥିପାଇଁ ଗଣଭୋଟ କରାଯାଇଥିଲା। ଶେଷ ଗଣଭୋଟ ୧୯୯୫ରେ ହୋଇଥିଲା। ଅଳ୍ପ କେଇ ହଜାର ଭୋଟର ଅଭାବ ଯୋଗୁ କ୍ୟୁବେକ୍ ସ୍ୱାଧୀନତା ଲାଭ କରିପାରିଲା ନାହିଁ। କିନ୍ତୁ ସ୍ୱାଧୀନ କ୍ୟୁବେକ୍ ଗଠନର ଦାବି ଏବଂ ସଂଗ୍ରାମ ଶେଷ ହୋଇନାହିଁ, ଆଜି ମଧ୍ୟ ଜାରି ରହିଛି, ଯେଉଁ ସଂଗ୍ରାମକୁ ସମର୍ଥନ କରି ଭାରତ କାନାଡାକୁ ନିୟନ୍ତ୍ରଣ କରିପାରିବ ବୋଲି କୁହାଯାଉଛି। କ୍ୱିବେକ ଜାତୀୟତାବୋଧରୁ କ୍ୱିବେକ ସ୍ୱାଧୀନତା ସଂଗ୍ରାମର ଜନ୍ମ। ୧୯୬୦ ଦଶକରେ ରାଜନୈତିକ ସ୍ୱାୟତ୍ତତା ଦାବିରୁ ଏହାର ସୃଷ୍ଟି। ଉତ୍ତର ଆମେରିକାରେ ୧୫୩୪ରୁ ଜାକ୍ୱେସ କାର୍ଟିର ଫ୍ରାନ୍ସରୁ ଆସି ମିକ୍‌ମାକୀ ଜିଲ୍ଲାରେ ପହଞ୍ଚିବା ପରଠାରୁ ଏବଂ ୧୬୦୮ରେ ସାମୁଏଲ ଡେ କାମ୍ପେଲନ୍‌ଙ୍କ ଦ୍ୱାରା କ୍ୱିବେକ୍ ଜନବସତି ସ୍ଥାପନରୁ କ୍ୱିବେକର ସୃଷ୍ଟି। ନିଉ ଫ୍ରାନ୍ସ ଅଞ୍ଚଳକୁ ବ୍ରିଟିସ ସେନା ଦଖଲ କରିବା ପରେ ଫ୍ରାନ୍ସ ମୂଳର କାନାଡାବାସୀଙ୍କ ସାଂସ୍କୃତିକ ଅଧିକାରକୁ ୧୭୬୩ରେ ଉଚ୍ଛେଦ କରାଯାଇଥିଲା। ୧୭୭୪ରେ କ୍ୱିବେକ୍ ଆଇନରେ କିଛିଟା ଅଧିକାର ଦେବାକୁ ଘୋଷଣା କରାଯାଇଥିଲେ ମଧ୍ୟ ତାହା ବାସ୍ତବରେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିନଥିଲା। ତେଣୁ ୧୭୮୩ରେ ପ୍ୟାରିସ ଚୁକ୍ତି ଅନୁଯାୟୀ କ୍ୱିବେକର କିଛି ଅଂଶ ଆମେରିକାରେ ମିଶିଥିଲା ଏବଂ ସାମ୍ବିଧାନିକ ଆଇନ ୧୭୯୧ରେ ୱେଷ୍ଟ ମିନିଷ୍ଟର ପ୍ରଶାସନିକ ବ୍ୟବସ୍ଥାକୁ କ୍ୱିବେକରେ ଲାଗୁ କରାଯାଇଥିଲା। ଉନବିଂଶ ଶତାବ୍ଦୀର ଆରମ୍ଭରେ ଦି ପାଟ୍ରିଓଟୋ ମୁଭମେଣ୍ଟ (ଦେଶଭକ୍ତ ଆନ୍ଦୋଳନ) ଆରମ୍ଭ ହୋଇ ୧୮୩୮ ପର୍ଯ୍ୟନ୍ତ ଚାଲିଥିଲା। ପରେ ୧୯୬୦ ଦଶକରେ କ୍ୱିବେକ୍ ସ୍ୱାଧୀନତା ପାଇଁ ଆନ୍ଦୋଳନ ଜୋର ଧରିଲା। ୨୫ ଜାନୁଆରୀ ୧୯୫୭ରେ ରେମଣ୍ଡ ବାର୍ବେଭଙ୍କ ଦ୍ୱାରା ଆଲିଆନ୍ସ ଲରେନ୍ଷିଏନ୍ନେ ଆରମ୍ଭ ହେଲା। ୧୦ ସେପ୍ଟେମ୍ବର ୧୯୬୦ରେ ରିନ୍ ନାମକ ସଂଗଠନ ଜନ୍ମନେଲା, ଯାହାର ନେତା ପିରେ ବୋରଗଲ୍ଟ ରହିଲେ। ୯ଅଗଷ୍ଟ ୧୯୫୭ରେ ରାଓଲରୟ ଏସିକ୍ ସଂଗଠନ ଆରମ୍ଭ କଲେ। ୩୧ ଅକ୍ଟୋବର ୧୯୬୨ରେ କ୍ୱିବେକବାସୀଙ୍କ ଅଧିକାରର ସୁରକ୍ଷା, ନାଗରିକ ଶୋଷଣ ବିରୁଦ୍ଧରେ ଲଢିବା ନିମନ୍ତେ ସ୍ଥିର ହେଲା। କ୍ୱିବେକ ସାଧାରଣ ନିର୍ବାଚନପରେ ୧୪ନଭେମ୍ବର ୧୯୬୨ରେ ମାର୍ଶେଲ ଚାପୁଟ ନୂଆ ଏକ ରାଜନୈତିକ ଦଳ ପାର୍ଟି 'ରିପବ୍ଲିକାନ ଡୁ କ୍ୱିବେକ୍' ସ୍ଥାପନା କଲେ, ଯାହା ଅଧିକ ଦିନ ଚାଲିପାରିଲା ନାହିଁ। ଫେବୃଆରୀ ୧୯୬୩ରେ ଫ୍ରଣ୍ଟ ଡେ ଲିବରେସନ ଡୁ କ୍ୱିବେକ୍ (ଏଫ୍‌ଏଲ୍‌କ୍ୟୁ) ସଂଗଠନ ଜର୍ଜେସ ସ୍କୋଏଟର୍ସ, ରେମଣ୍ଡ ଭିଲ୍ଲେନୁଭେ ଏବଂ ଗାବ୍ରିଏଲ ହୁଡନଙ୍କ ଦ୍ୱାରା ସ୍ଥାପନା ହେଲା। ଜୁନ୍ ୧୯୬୭ରେ ଫ୍ରାନ୍ସର ରାଷ୍ଟ୍ରପତି ଚାର୍ଲସ ଡେ ଗଲ୍ ଆଲଜେରିଆକୁ ସ୍ୱାଧୀନତା ପ୍ରଦାନ କଲେ। ସେ କାନାଡା ଗସ୍ତରେ ମଣ୍ଟ୍ରିଲକୁ ଆସିଥିବାବେଳେ 'ଭିଭେ ଲେ କ୍ୱିବେକ୍ ଲିବରେ' (କ୍ୱିବେକର ମୁକ୍ତି) ପାଇଁ ଆହ୍ୱାନ ଦେଲେ। ୧୯୬୯ରେ ଏଫ୍‌ଏଲକ୍ୟୁ ସଂଗଠନ ସଂଘର୍ଷର ଆହ୍ୱାନରେ ଯେଉଁ ଆନ୍ଦୋଳନ ଚଳାଇଲା ତାକୁ 'ଅକ୍ଟୋବର ସମସ୍ୟା' କୁହାଯାଇଥାଏ। ସେତେବେଳେ ମଣ୍ଟ୍ରିଲର ଷ୍ଟକ୍ ଏକ୍ସଚେଞ୍ଜ, ବ୍ରିଟେନର ବାଣିଜ୍ୟିକ ଅଧିକାରୀ ଜେମ୍ସ କ୍ରସ୍ ଏବଂ କ୍ୱିବେକ୍ ଶ୍ରମମନ୍ତ୍ରୀ ପିରେ ଲାପୋଟେଙ୍କୁ ଅପହରଣ କରି ନିଆଗଲା। ପରେ ଲାପୋଟେଙ୍କୁ ମୃତାବସ୍ଥାରେ ମିଳିଥିଲେ।

୧୯୭୦ର ସାଧାରଣ ନିର୍ବାଚନରେ ପାର୍ଟି କ୍ୱିବେକୋଇସକୁ ନେସନାଲ ଆସେମ୍ବ୍ଲିରେ ୭ଟି ଆସନ ମିଳିଲା। ୧୯୭୬ ନିର୍ବାଚନରେ ଏହି ଦଳ ୭୧ଟି ଆସନ ଲାଭକରି ନେସନାଲ ଆସେମ୍ବ୍ଲିରେ ସଂଖ୍ୟା ଗରିଷ୍ଠତା ଲାଭ କଲା। ଜୁନ୍ ୧୯୭୯ରେ କ୍ୱିବେକରେ ଗଣଭୋଟ ପାଇଁ ଦାବି ହେଲା। କିନ୍ତୁ ୧୯୮୦ରେ ୬୦ ପ୍ରତିଶତ ଭୋଟରଙ୍କ ଦ୍ୱାରା ତାହା କାଟ ଖାଇଗଲା। ୧୯୮୧ରେ ପିକ୍ୟୁ ଦଳ ୮୦ ଆସନରେ ବିଜୟୀ ହେଲା। ହେଲେ ବରିଷ୍ଠ ନେତା ରେନେ ଲେଭେସ୍କୁଙ୍କର ୧୯୮୭ରେ ମୃତ୍ୟୁପରେ କ୍ୱିବେକ ଆନ୍ଦୋଳନ ଦୁର୍ବଳ ହେଲା, ଲିବରାଲ ପାର୍ଟିଠାରୁ ନିର୍ବାଚନରେ ପିକ୍ୟୁ ଦଳ ପରାଜିତ ହେଲା। କିନ୍ତୁ ୧୯୯୫ରେ ପୁନର୍ବାର ଗଣଭୋଟ ହେଲା। ଏହି ଭୋଟଦାନରେ କ୍ୱିବେକକୁ ଆସିଥିବା ବାହାରଲୋକେ ସ୍ୱାଧୀନତା ବିରୁଦ୍ଧରେ ମତଦେବା ଯୋଗୁ ୫୬.୬-୪୯.୪ ପ୍ରତିଶତ ମତରେ ପ୍ରସ୍ତାବ କାଟ ଖାଇଗଲା। ୧୯୯୮ ସାଧାରଣ ନିର୍ବାଚନ ବେଳେ ମଧ୍ୟ ଏହି ବିଷୟ ପୁନର୍ବାର ଉଠିଲା। ୧୯୯୮ରେ କାନାଡାର ସଂସଦ ପ୍ରଧାନମନ୍ତ୍ରୀ ଜେନ୍ କ୍ରେଷ୍ଟିୟେନଙ୍କ ନେତୃତ୍ୱରେ କ୍ଲାରିଟୀ ଆକ୍ଟ ଆଣିଲା, ଯେଉଁଥିରେ କୌଣସି ପ୍ରଦେଶ ଅଲଗା ହେବାକୁ ଚାହିଁଲେ ହୋଇପାରିବ ବୋଲି ପ୍ରସ୍ତାବ ରହିଥିଲା। ଜୁନ୍ ୨୦୦୯ରେ ଯେଉଁ ସର୍ବେକ୍ଷଣ ହୋଇଥିଲା ସେଥିରେ ବହୁସଂଖ୍ୟକ ଲୋକେ ସ୍ୱାଧୀନତା ସପକ୍ଷରେ ମତ ଦେଇଥିଲେ। ୨୦୨୧ରେ ଫ୍ରାଙ୍କୋଇସ ଲିଗଣ୍ଟଙ୍କ କୋଆଲିସନ ଏଭେନିର କ୍ୱିବେକ ପକ୍ଷରୁ ପ୍ରଦେଶରେ ଫ୍ରେଞ୍ଚ ଭାଷାକୁ ଏକମାତ୍ର ପ୍ରଶାସନିକ ଭାଷା କରିବା ପାଇଁ ଦାବିହେଲା ଯାହା ୨୮୧-୨ମତରେ ଗୃହୀତ ହୋଇଥିଲା। କ୍ୱିବେକ ସ୍ୱାଧୀନତାକୁ କେନ୍ଦ୍ର କରି ଅନେକ ସିନେମା ଓ ସିରିଏଲ ନିର୍ମିତ ହୋଇଛି, ଉପନ୍ୟାସ ମଧ୍ୟ ପ୍ରକାଶ ପାଇଛି। ୱିଲିୟମ୍ ୱେନଟ୍ରାବଙ୍କ ଦି ଅଣ୍ଡର ଡଗ୍ (୧୯୭୯), କ୍ଲାଇଭ କୁସେଲରଙ୍କ ନାଇଟ ପ୍ରୁଭ (୧୯୮୪), ଡାଭିଡ ଫୋଷ୍ଟର ୱାଲେସଙ୍କ 'ଇନ୍‌ଫନାଇଟ୍ ଜେଷ୍ଟ', ହାରୀ ଟର୍ଟେଲଡୋଭଙ୍କ ଟସାଉଦର୍ଣ୍ଣ ଭିକ୍ଟ୍ରୀ ସିରିଜଟ, ମାର୍ଗାରେଟ ଅଟଉଡ୍‌ଙ୍କ 'ଲାଇଫ୍ ବିଫୋର ମ୍ୟାନ' (୧୯୭୯), ମରିସ ଡାଣ୍ଟେକ୍‌ଙ୍କ 'ବାବିଲୋନ ବେବିଜ୍' (ହାରୀ ଟର୍ଟେଲଡୋଭଙ୍କ କିଶୋର ଉପନ୍ୟାସ ଦି ଡିସୟୁନାଇଟେଡ୍ ଷ୍ଟେଟସ ଅଫ୍ ଆମେରିକା ଆଦିରେ କ୍ୱିବେକ୍ ସ୍ୱାଧୀନତାର ବିଷୟ ସ୍ଥାନ ପାଇଛି। ସ୍କଟ ରିଡଙ୍କ ପୁସ୍ତକ କାନାଡା ରିମ୍ୟାପଡ୍ : ହାଓ ଦି ପାର୍ଟିସନ୍ ଅଫ୍ କ୍ୱିବେକ୍ ୱିଲ ରିସେପ୍ ଦି ନେସନ (୧୯୯୨)ରେ କ୍ୱିବେକର କାନାଡାଠାରୁ ସ୍ୱାଧୀନତା ଲାଭ କରିବା ଓ ପ୍ରଶାସନ ଚଳିପାରିବାର ବର୍ଣ୍ଣନା ରହିଛି।

କ୍ୱିବେକ୍‌ର ସ୍ୱାଧୀନତାକୁ ଆନ୍ତର୍ଜାତିକ ମଞ୍ଚରେ ଭାରତ ସମର୍ଥନ କଲେ କାନାଡାର ସରକାର ଚାପରେ ରହିବେ। ଭାରତମୂଳର ଲୋକେ କ୍ରମଶଃ ଅଧିକ କ୍ୱିବେକରେ ବାସକରି ସେଠାକାର ଜନସଂଖ୍ୟାରେ ନିଜର ଅଂଶବୃଦ୍ଧି କରିବା ସହ କ୍ୱିବେକର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇପାରିବେ। ଫ୍ରାନ୍ସ ସହ ଭାରତର ଉତ୍ତମ ସଂପର୍କ ଦୃଷ୍ଟିରୁ ଫ୍ରେଞ୍ଚଭାଷୀ ଏବଂ ଭାରତମୂଳର ଲୋକଙ୍କ ମେଣ୍ଟ ସୁଦୃଢ଼ ହେଲେ କ୍ୱିବେକ୍ ଗଣଭୋଟର ପରିବର୍ତ୍ତନ ଆଣିବା ସମ୍ଭବ ହେବ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*



ମୌସୁମୀ ପରିଡା

# ଛାଗଳବାଦୀ ଓ ଛାଗଳବାଦ

ଛାଗଳ ଅର୍ଥାତ୍ ଛେଳି। ଏଠାରେ ଛେଳି ହାଣମୁହଁକୁ ଯାଉଥିବା ଅସହାୟ ଜୀବ ନୁହେଁ, ସମୟାନୁସାରେ ନିଜକୁ ପ୍ରତିଷ୍ଠିତ ବା ପ୍ରତିପାଦିତ କରିବା ଲକ୍ଷ୍ୟରେ ଥିବା ଚତୁର ପ୍ରାଣୀ। କେବେକେବେ ପଶୁରାଜ ସିଂହ ବା ଚତୁର ମଣିଷ ସମୟାନୁସାରେ ଅସହାୟ ହୋଇଯାଆନ୍ତି! ଆଉ ସାମାନ୍ୟ ପିମ୍ପୁଡିଟିଏ ବି ଶକ୍ତିଶାଳୀ ଓ ଚତୁରମାନଙ୍କ ଉପରେ ଭାରି ପଡିପାରେ! ତେଣୁ ସ୍ଥାନ, କାଳ ଓ ପାତ୍ର ଉପରେ ନିର୍ଭର କରେ ସୌଭାଗ୍ୟ ଅବା ଦୁର୍ଭାଗ୍ୟ। ଏଠାରେ ଛେଳି ବା ଛାଗଳ ପ୍ରତୀକାତ୍ମକ। ଛାଗଳବାଦୀ ଯେଉଁମାନେ ଛେଳି ପରି ଅହରହ ମେଁ ମେଁ ହେଉଥାନ୍ତି। ହିନ୍ଦୀ ଭାଷାରେ ଏହାର ଉଚ୍ଚାରଣଗତ ଅର୍ଥ ହେଉଛି- ମୁଁ। ଅର୍ଥାତ୍ ଛେଳି ପରି ସଦାସର୍ବଦା ମେଁ ମେଁ ହେଉଥିବା ଲୋକମାନେ ପାଟି ଖୋଲିବା ମାତ୍ରେ ମୁଁ ହିଁ ଉଚ୍ଚାରଣ କରିଥାନ୍ତି। ଯେହେତୁ ନିଜ ସଂପର୍କରେ କହିବା ବା ଚିନ୍ତା କରିବା ସେମାନଙ୍କ ଜନ୍ମଗତ ପ୍ରବୃତ୍ତି, ସେଥିରୁ ମୁକୁଳିବା କଷ୍ଟକର ସେମାନଙ୍କ ପାଇଁ। କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ସାମ୍ନାଲୋକମାନଙ୍କ ଉପରେ ପଡିଥାଏ। ସେକଥା ଜାଣି ସୁଦ୍ଧା ଛାଗଳବାଦୀମାନେ ସ୍ୱାର୍ଥସର୍ବସ୍ୱ ହେବାରୁ ବିରତ ହୁଅନ୍ତି ନାହିଁ।

ସେମାନେ ପରିବେଶ ବା ପରିସ୍ଥିତିକୁ ଗୁରୁତ୍ୱ ନଦେଇ ସବୁ ସ୍ଥିତିରେ ନିଜ ସମସ୍ୟାକୁ ଯେକୌଣସି ସୂତ୍ରରେ ଅନ୍ୟମାନଙ୍କ ସମ୍ମୁଖରେ ରଖିପାରନ୍ତି। ନିଜ ସୁବିଧାନୁସାରେ ପ୍ରତିଟି ଘଟଣାକୁ ନିରୂପଣ କରିଥାନ୍ତି। ନିଜ ବ୍ୟତିରେକ ଅନ୍ୟକଥାର ଗୁରୁତ୍ୱ ବା ମହତ୍ତ୍ୱକୁ ଅଣଦେଖା ବା ଅଣଶୁଣା କରିବା ସେମାନଙ୍କ ଚିରାଚରିତ ଅଭ୍ୟାସ। ଅନ୍ୟମାନଙ୍କ ଅସୁବିଧା, ଅସହାୟତାକୁ ତିଳେମାତ୍ର ଖାତିର୍ କରୁନଥିବା ସ୍ୱାର୍ଥପର ପ୍ରାଣୀ ବୋଲି ପାଖଲୋକେ ବୁଝିପାରନ୍ତି। ଦୁଃସାଧ୍ୟ ରୋଗ ପରି ପ୍ରତୀୟମାନ ହୁଏ ସେମାନଙ୍କ ଅତିଶୟ ସ୍ୱାର୍ଥପରତା। ମୁଁ ର ବାସନା ସେମାନଙ୍କୁ ଏପରି ଉଚ୍ଚାଟିତ କରେ ଯେ ସେମାନେ ସେହି ମୁଁ ଭିତରେ ବୁଡିରହି ଅନ୍ୟର ଭାବାବେଗକୁ ଉପେକ୍ଷା କରିଚାଲିଥାନ୍ତି। ନିଜ ସ୍ୱାର୍ଥକୁ ଅନ୍ୟ ଉପରେ ଲଦି ସୁବିଧା ଆଦାୟ କରିବାର ସୁଯୋଗ ଉଣ୍ଡୁଥାନ୍ତି।

କଳେ ବଳେ ଛଳେ ସବୁ ପ୍ରକାରର ସୁବିଧା ଉପଭୋଗ କରିବା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇଥିବାରୁ ସାମାନ୍ୟ ହେଳା ବା ଅସୁବିଧାକୁ ସହ୍ୟ କରିପାରନ୍ତି ନାହିଁ। ସ୍ୱାର୍ଥରେ ହାନି ହେଲେ ଅସୂୟା, ଅସୂୟାରୁ ପରଶ୍ରୀକାତରତା, ପରଶ୍ରୀ କାତରତାରୁ ରାଗ, ହିଂସାର ସୃଷ୍ଟି। ଅତିରିକ୍ତ ସ୍ୱାର୍ଥପରତା ନାମକ ରୋଗରୁ ଏମାନଙ୍କୁ ମୁକ୍ତି ମିଳେନାହିଁ, ମିଳେ ଅସହ୍ୟ ଅତୃପ୍ତି। ଯାହାଫଳରେ ଏମାନେ ସବୁବେଳେ ନିଜର ଅସହାୟତାକୁ ଅନ୍ୟ ଜରିଆରେ ପୂର୍ଣ୍ଣ କରିବାର ସବୁପ୍ରକାରର ସାଧନ ଯୋଗାଡ କରୁଥାନ୍ତି। ଯେତେ ସୁବିଧା ହାସଲ କଲେ ବି ଏମାନେ ଅସୁଖୀ। ଶାନ୍ତି ଭିତରେ ବି ଏମାନେ ଅଶାନ୍ତିର ମାତ୍ରା ଖୋଜିବାରେ ମାହିର୍! ସେଥିପାଇଁ ଅନ୍ୟର ସାହାରା ଏକାନ୍ତ ଆବଶ୍ୟକ, ନିଜ ଆଶାର ଚରିତାର୍ଥ ପାଇଁ।

ସୁଖ ସୁବିଧା ଯୋଗାଇ ଦେଉଥିବା ଲୋକମାନଙ୍କ ମନକୁ ସାମାନ୍ୟତମ ବୁଝିବାର ବିବେକ ନଥାଏ ସେମାନଙ୍କଠାରେ। ସତେଯେପରି ଦୁନିଆର ସବୁତକ ସୁବିଧା ଏମାନଙ୍କ ଅଧିକାର, ଅନ୍ୟମାନଙ୍କର ସେସବୁରେ ପ୍ରୟୋଜନ ନାହିଁ! ସବୁତକ ଦୁଃଖ ଯେପରି ଭଗବାନ୍ ଏମାନଙ୍କ ମଥା ଉପରେ ଲଦି ଦେଇଥାନ୍ତି! ଏଭଳି ଏକପାଖିଆ ବିଚାର ଓ ମାନସିକତା ହେତୁ ଲୋକମାନଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି ନାହିଁ। କେହି ଯଦି ବି ସେମାନଙ୍କ ସଂସ୍ପର୍ଶରେ ଆସି କିଛି ସମୟ ସେମାନଙ୍କୁ ସାହାଯ୍ୟ ଯୋଗାଇଦେଇଥାଏ ପରକ୍ଷଣରେ ସେମାନେ ଦୂରେଇଯାଆନ୍ତି। ସେମାନେ ବୁଝିପାରନ୍ତି ଅସନ୍ତୁଷ୍ଟମାନଙ୍କୁ ସନ୍ତୁଷ୍ଟ କରିବା ଅସଂଭବ। ଛାଗଳବାଦୀମାନଙ୍କୁ ସାହାଯ୍ୟ କଲେ ସାହାଯ୍ୟର ମୂଲ୍ୟ ତ ମିଳେନାହିଁ। ଓଲଟା ସବୁତକ ଶ୍ରେୟ ସେମାନେ ଚତୁରତାର ସହିତ ନିଜ ସପକ୍ଷରେ ନେଇଯାଆନ୍ତି।

ଅର୍ଥାତ୍ କାମ କରିବ ଜଣେ, ଶ୍ରେୟ ନେବ ଛାଗଳବାଦୀ! ପ୍ରତି ସ୍ଥିତିରେ ଛାଗଳବାଦୀମାନେ ନିଜକୁ ଜୋର୍ ଜବରଦସ୍ତ ଟାଣି ଓଟାରି ଆତ୍ମପ୍ରଶଂସାରେ ପୋତି ପକାନ୍ତି। ଅନ୍ୟର ସଫଳତାକୁ ନିଜ ସଫଳତାର ନାମ ଦେଉଥିବା ସ୍ୱାର୍ଥପରମାନଙ୍କ ଗତି (ଛେଳିମାନଙ୍କ ପରି) ହଠାତ୍ କେଉଁଆଡକୁ ଜାଣିବା ମୁସ୍କିଲ୍। ଏତିକି କିନ୍ତୁ ଜଣାପଡେ ସେମାନେ ନିଜକୁ ହିଁ ଭଲ ପାଆନ୍ତି। ନିଜ ଗୁଣଗାନ କରିବାରେ ଖୁବ୍ ଆତ୍ମତୃପ୍ତି। କେବେକେବେ ଏମାନେ ଗୁଡେ ଚାଟୁକାର ପାଳିଥାନ୍ତି, ଯେଉଁମାନେ ସେମାନଙ୍କ ମନ ଅନୁଯାୟୀ ଗୁଣଗାନ କରି କିଛି ରୋଜଗାର ବି କରୁଥାନ୍ତି। କିନ୍ତୁ ସମସ୍ତେ ସବୁବେଳେ ସମାନ କାମ ତ କରିପାରିବେ ନାହିଁ। ସେଥିପାଇଁ ପ୍ରଶଂସା କରିବାରେ ଟିକେ ଅବହେଳା ହେଲେ ଛାଗଳବାଦୀମାନେ ସହିପାରନ୍ତି ନାହିଁ। ଏସବୁ ପ୍ରକୃତିଗତ, ବଦଳିବା ଏମାନଙ୍କ ଲକ୍ଷଣ ନୁହେଁ। ବରଂ ସାରା ସଂସାର ସେମାନଙ୍କ ପାଇଁ ବଦଳିବା ଉଚିତ୍ ବୋଲି ଯୁକ୍ତି ବାଢନ୍ତି।

ସେମାନଙ୍କ ଦୁର୍ଗୁଣ ଏହା ଯେ - ସେମାନେ ଅନ୍ୟମାନଙ୍କ ସ୍ଥିତିକୁ ବୁଝନ୍ତି ନାହିଁ କିମ୍ବା ବୁଝିବାର ସତ୍‌ଚେଷ୍ଟାଟିକୁ ହେଜନ୍ତି ନାହିଁ। ଅବଶ୍ୟ ଅନ୍ୟକୁ ବୁଝିବା ବା ବୁଝିବାର ଚେଷ୍ଟା କରିବା କଷ୍ଟକର ନୁହେଁ, ସମଭାବାପନ୍ନ ମାନସିକତାର ଅଭାବଜନିତ ସମସ୍ୟା। କହିବାର ତାତ୍ପର୍ଯ୍ୟ- ଆମମାନଙ୍କ ଭିତରୁ ଅନେକ ଅଛନ୍ତି ଯେଉଁମାନଙ୍କୁ ନିଜ ସମସ୍ୟା ବ୍ୟତିତ ଆନ କିଛି ଦିଶେ ନାହିଁ। ନା ସାମ୍ନା ଲୋକଟିର ଜୀବନଯନ୍ତ୍ରଣା ନା ଦୁଃସ୍ଥିତି କିଛି ବି ସେମାନଙ୍କୁ ପ୍ରଭାବିତ କରିପାରେନାହିଁ ଯଦି ସାମ୍ନା ଲୋକଟି କୌଣସି କାରଣରୁ ସେମାନଙ୍କ ସୁବିଧାରେ ଲାଗିପାରିନାହିଁ। ନିଜକୁ ସମ୍ରାଟ୍ ମନେକରନ୍ତି ଏଭଳି ଲୋକେ, ସେଥିପାଇଁ ଅନ୍ୟମାନଙ୍କୁ ଇତର ମନେକରନ୍ତି। ସେ ଯେକୌଣସି ସଂପର୍କ ହେଲେ ମଧ୍ୟ ପ୍ରତ୍ୟେକ ମଣିଷର ସୁବିଧା ଅସୁବିଧା ରହିଥାଏ। ସେ ଅନୁସାରେ ବ୍ୟକ୍ତିର ମାନସିକ ପ୍ରତିଫଳନ ମଧ୍ୟ ସ୍ୱାଭାବିକ।

ସବୁବେଳେ କେହି ଜଣେ ମନ ଜାଣି ସବୁକାମ ସଂପନ୍ନ କରିଦେବ ବା ସବୁ ପ୍ରକାରର ସୁବିଧା ଅବିଳମ୍ବେ ଯାଚିଦେଇପାରିବ- ଏହା ଅସଂଭବ। କାରଣ କାହାର ବି ପାରିପାର୍ଶ୍ୱିକ ଓ ମାନସିକ ଅବସ୍ଥା ସବୁବେଳେ ଅନୁକୂଳ ନଥାଏ। ନିଜର ବୋଝ ବି ବେଳେବେଳେ କଷ୍ଟକର ମନେହୁଏ। ବିଭିନ୍ନ ପ୍ରକାରର ମାନସିକ ଚାପ ଦେଇ ପ୍ରତିଟି ମଣିଷ ଗତି କରୁଥାଏ। ଆମକୁ ଅନୁଭୂତ ହୋଇପାରେନା ଅନ୍ୟର ଜୀବନ-ଯନ୍ତ୍ରଣା, ତାର ଅର୍ଥ ନୁହେଁ ଯେ ସେ ବ୍ୟକ୍ତିର କୌଣସି ଦୁଃଖ ନଥାଏ ବା ସେ କୌଣସି ଜଟିଳ ସ୍ଥିତି ଦେଇ ସେ ଗତି କରୁନଥାଏ। ଆମେ ଆଜିକାଲି ଜଡତ୍ୱ ଆବୋରି ନେଇଛୁ। ସେଥିପାଇଁ ଆମ ପାଖଲୋକର ଦୁଃଖ, ଦୁର୍ଦ୍ଦଶା ଓ ଅସହାୟତାକୁ ବି ବୁଝିପାରୁନାହୁଁ କାରଣ ଆମେ ବୁଝିବାକୁ ଚେଷ୍ଟା କରୁନାହୁଁ। ସହଜରେ ସବୁ ଅୟସଆରାମ ଉପଭୋଗ କରିବାର ମନୋବୃତ୍ତି ମାନସିକ ସ୍ତରରେ ଏଭଳି ଛାଗଳବାଦୀମାନଙ୍କୁ ମାନବେତର ପ୍ରାଣୀ ବନେଇଦେଇଛି। ପାନରୁ ଟିକେ ବି ଚୂନ ଖସିଲେ ଏମାନେ ଅସହିଷ୍ଣୁ ହୋଇପଡନ୍ତି। ସାମ୍ନାଲୋକର ସମାଲୋଚନା ବା କୁତ୍ସାରଟନା କରିବା ଅନିର୍ବାର୍ଯ୍ୟ ହୋଇଯାଏ ଏମାନଙ୍କ ପାଇଁ। ମାନସିକ ଶାନ୍ତି ପାଆନ୍ତି ଅନ୍ୟକୁ ବଦନାମ କରି। ସେମାନଙ୍କ ପୂର୍ବ ଉପକାରକୁ ଭୁଲିଯାଆନ୍ତି କ୍ଷଣକ ଭିତରେ।

ଆତ୍ମପ୍ରଶଂସା ଏମାନଙ୍କ ଚରମ ଦୁର୍ବଳତା। ସାମାନ୍ୟକଥାଟି ପାଇଁ ନିଜେ ନିଜକୁ ପ୍ରଶଂସାରେ ପୋତି ପକାଇବା ପରି ଅଯଥା କାର୍ଯ୍ୟ କରୁଥିବା ଛାଗଳବାଦୀମାନେ ନିରାମିଷାଶୀ ହେଲେ ମଧ୍ୟ ଏମାନଙ୍କ କାର୍ଯ୍ୟକଳାପ ତାମସିକ। ରାଗ ହିଂସା ଦ୍ୱେଷରେ ପରିପୂର୍ଣ୍ଣ ଏମାନଙ୍କ ମନ। ନିଜେ କରିଥିବା ଅଳ୍ପ କାମଟି ଅନ୍ୟମାନଙ୍କ ଦ୍ୱାରା ଆଦୃତ ହେବା ଉଚିତ୍। ନହେଲେ ପରିଣାମ ଶୁଭଙ୍କର ନୁହେଁ। ସେହି କାର୍ଯ୍ୟଟି ଅନ୍ୟ କାହାଦ୍ୱାରା ସଂପାଦିତ ହେଲେ ଏମାନଙ୍କଠାରୁ ସେତିକି ପ୍ରଶଂସା ହୁଏତ ସେ ବ୍ୟକ୍ତିକୁ ମିଳିନପାରେ। ସ୍ୱାର୍ଥସର୍ବସ୍ୱ ଛାଗଳବାଦୀମାନଙ୍କ ଅହମିକା ଓ ସ୍ୱାର୍ଥପରତା ପାଇଁ ସେମାନେ ଏକାକୀ ହୋଇଯାଆନ୍ତି ସଂପର୍କୀୟମାନଙ୍କଠାରୁ। ଏହି ସଂପର୍କରେ ପ୍ରସଙ୍ଗଟିଏ ଅବତାରଣା କରିବା ଉଚିତ୍ ହେବ।

ଥରେ ଜଣେ ଧନୀ ଓ ଦୟାଳୁ ବ୍ୟକ୍ତି ବୁଦ୍ଧଙ୍କ ପାଖକୁ ବହୁ ମୂଲ୍ୟବାନ୍ ଜିନିଷ ଉପହାର ନେଇ ଆସିଲେ। ସେଠାରେ ଉପସ୍ଥିତି ଥିବା ଜନତାମାନେ ଭୂରିଭୂରି ପ୍ରଶଂସା କଲେ। ଧନୀଲୋକଜଣକ ଖୁସିରେ ଗଦ୍‌ଗଦ୍ ହୋଇ କହିଲେ- ମୁଁ ଏ ସ୍ଥାନ ପାଇଁ ବହୁତ କିଛି କରିଛି। ଅନାଥାଳୟ, ଚିକିତ୍ସାଳୟ, ବିଦ୍ୟାଳୟ ଏମିତିକି ଆପଣ ବସିଥିବା ସିଂହାସନକୁ ମଧ୍ୟ ମୁଁ ବନେଇଛି। ବୁଦ୍ଧ କହିଲେ- ଯାହା କିଛି ସାଙ୍ଗରେ ଆଣିଛ, ସବୁ ଏଇଠି ଛାଡିଯାଅ। ଧନୀଜଣକ କହିଲେ- ସବୁ ତ ଅର୍ପଣ କରିସାରିଛି। ମୋ ପାଖରେ ଏବେ କିଛି ନାହିଁ। ବୁଦ୍ଧ ଉତ୍ତର ଦେଲେ- ତମେ ଅହଙ୍କାର ନେଇଆସିଥିଲ, ସେହି ଅହଙ୍କାରତକ ମୋତେ ନଦେଇ ସାଙ୍ଗରେ ନେଇଯାଉଛ। ତାକୁ ହିଁ ଅର୍ପଣ କର, ମୋ ପାଇଁ ବଡ ଉପହାର ହେବ। ଏମିତିରେ ମୋର ଏ ପାର୍ଥିବ ବସ୍ତୁ କିଛି କାମରେ ଆସିବନି। ଧନୀଲୋକ ମନଭିତରେ ଥିବା ସମସ୍ତ ଅହଙ୍କାର ବୁଦ୍ଧଙ୍କ ପାଦପଦ୍ମରେ ଅଶ୍ରୁ ହୋଇ ନିଗିଡିଗଲା।

ଅବଶ୍ୟ ଏଠାରେ ଧନୀ ଲୋକଟି ନିଜ ଭୁଲ୍ ବୁଝିପାରି ନିଜକୁ ସଂଶୋଧନ କରିପାରିଲା। ସମସ୍ତେ କଣ ନିଜ ତ୍ରୁଟିକୁ ସୁଧାରି ପାରନ୍ତି? ଯଦି ମାନବିକତା ବା ବିବେକ ଦୃଷ୍ଟିରୁ ଲୋକମାନେ ଅନ୍ୟର ଉପକାରକୁ ମନେରଖନ୍ତେ ବା ତାର ଅସହାୟତା ସଂପର୍କରେ ସଚେତନ ହୁଅନ୍ତେ ସମ୍ବେଦନଶୀଳତା ବଜାୟ ରହନ୍ତା। କାରଣ ପ୍ରତ୍ୟେକ ବ୍ୟକ୍ତିର ସମାନ ଅଧିକାର ରହିଛି ସୁଖୀ ହେବାର। ଅନ୍ୟଠାରୁ ସବୁବେଳେ ସୁଖ ଆଶା ରଖିବା ଅନୁଚିତ୍। ଆଉ ଗୋଟେ କଥା- ଆଜିକାଲି ସବୁ ଜିନିଷ ଅର୍ଥ ବିନିମୟରେ ମିଳିବା ସଂଭବ ନୁହେଁ। ସମସ୍ତେ ବିକ୍ରୀ ହୁଅନ୍ତି ନାହିଁ। ଏଭଳି ବ୍ୟକ୍ତିମାନେ କାହାରିକୁ ନିଜ ଅସୁବିଧା ସଂପର୍କରେ ଜଣାନ୍ତି ନାହିଁ ବା ଅନ୍ୟ ଉପରେ ଲଦି ହେବାକୁ ଉଚିତ୍ ମଣନ୍ତି ନାହିଁ। ତା ଅର୍ଥ ନୁହେଁ ଯେ ସେ ଲୋକଟି ସୁଖୀ! ତେଣୁ ଛାଗଳବାଦୀମାନେ ବୁଝିବା ଉଚିତ୍ ଅନ୍ୟ ଲୋକର ବି ସମୟ ଅସମୟ, ସୁଖ ଦୁଖ, ଅସହାୟତା ବିକଳତା ଅଛି ଓ ଥିବ ମଧ୍ୟ। ତେଣୁ ସବୁବେଳେ ମେଁ ମେଁ ନହୋଇ କେବେ କେମିତି ଅନ୍ୟକୁ ବୁଝିବା ଦରକାର। ଛାଗଳ ସିନା ପ୍ରକୃତି ବଦଳାଇ ପାରବ ନାହିଁ, ମଣିଷମାନେ ଚାହିଁଲେ ସବୁ ସମ୍ଭବ ହୋଇପାରିବ। ଖାଲି ପରିବର୍ତ୍ତନର ମାନସିକତା ଜରୁରୀ।

*ଦୂରଭାଷ : ୯୪୩୭୩୧୭୦୨୬*

## ଧାରାବାହିକ ଉପନ୍ୟାସ

# ଅନ୍ଧ ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୧୬

(ପୂର୍ବପ୍ରକାଶ ଉତ୍ତାରୁ)

: ଯାଇଥିଲି। କାମ ଥିଲା। ତୁମ ପୁଅକୁ ଦେଖା କରିବାକୁ ଯାଇ ନ ଥିଲି। ସେମାନେ ସମସ୍ତେ କୋର୍ଟ ଫରଓ୍ୱାର୍ଡ ହୋଇସାରିଲେଣି କାଲିଠାରୁ। ଅପରାଧୀକୁ ଥାନାରେ ଚବିଶ ଘଣ୍ଟାରୁ ଅଧିକ ସମୟ ରଖିବାର ନିୟମ ନାହିଁ।

: ଅପରାଧୀ! କିଏ ଅପରାଧୀ? ମିଛସତ କହି ଥାନାବାଲା ଧରିପକାଇଲା ବୋଲି ମୋ ପୁଅ ଅପରାଧୀ ହୋଇଗଲା! କୋର୍ଟ କଚେରି କ'ଣ କୁଆଡେ ଉଠିଗଲାଣି କି? ତମେ ବାପ ହୋଇ ନିଜ ସନ୍ତାନକୁ ଅପରାଧୀ କହିବା ବେଳେ ତୁମ ଛାତିକୁ କଷ୍ଟ ହେଉନାହିଁ!

ରାଜଲକ୍ଷ୍ମୀଙ୍କ କଥାକୁ କାନ ଭିତରକୁ ନ ନେଇ ଶୁଭକାନ୍ତ କହିଲେ - "ଥାନାରୁ କାମ ସରିଗଲା ଦି' ଘଣ୍ଟା ଭିତରେ। ଥାନାବାବୁଙ୍କୁ ନେହୁରା ହୋଇ, ତାଙ୍କଠାରୁ ଅନୁମତି ଆଣି ସିଧା ଗଲି ଡାକ୍ତରଖାନା, ଯେଉଁଠି ସେ ଝିଅ ଚିକିତ୍ସିତ ହେଉଛି। ଦେଖିଲି ତାକୁ। ହୋସ୍‌ରେ ନ ଥିଲା ସେ। ଫେରୁଛି ସେଇଠୁ।" -ପତ୍ନୀଙ୍କୁ ଠିକେ ଠିକେ ବୁଝାଇଦେଲେ ଶୁଭକାନ୍ତ।

ବିମୂଢ଼ ପାଲଟିଗଲେ ରାଜଲକ୍ଷ୍ମୀ। ଆହତ ସ୍ୱରରେ ପଚାରିଲେ- "କେଉଁ ଡାକ୍ତରଖାନା ତୁମେ ଯାଇଥିଲ, କେଉଁ ଝିଅକୁ ଦେଖା କରିବା ପାଇଁ?"

: ସେଇ ଝିଅ, ଯାହାକୁ ଆଉ ଝିଅ ଅବସ୍ଥାରେ ରଖିନାହାନ୍ତି ତୁମ କୁଳନନ୍ଦନ ଓ ତାର କେଇଜଣ କୁଳାଙ୍ଗାର ସାଙ୍ଗ।

: ତୁମେ କାହିଁକି ଯାଇଥିଲ ସେଠିକି? କୋଉ ବିବେକରେ ଯାଇଥିଲ? କଣ ମାଡ ଖାଇବାକୁ! ଯାହା ପାଇଁ ଏତେ କାଣ୍ଡକାରଖାନା, ଯାହା ପାଇଁ ମୋ ପୁଅ ଆଜି ଜେଲ୍‌ରେ ପଶିଛି, ଶେଷରେ ତମେ ତାକୁ ଦେଖା କରିବାକୁ ଯାଇଥିଲ ଡାକ୍ତରଖାନା! ତମ ମୁଣ୍ଡ ଗୋଳମାଳ ହୋଇଗଲାଣି କି?

ପାଟି ଖୋଲିବାକୁ ଇଚ୍ଛା ହେଉ ନଥିଲା ଶୁଭକାନ୍ତଙ୍କର। ତାଙ୍କ ମସ୍ତିଷ୍କ ସଂପୂର୍ଣ୍ଣ ଫାଙ୍କା ହୋଇଯାଇଥିଲା। ତାଙ୍କୁ ସବୁକିଛି ଲାଗୁଥିଲା ବିଷମୟ। ସେ ନିରବରେ ଶୋଇବା ଘରେ ପଶିଲେ, ପାଣିଟୋପେ ସୁଦ୍ଧା ପାଟିକୁ ନ ନେଇ।

ତା' ପରଦିନ ହିଁ ଘଟିଲା ଚୂଡ଼ାନ୍ତ ସର୍ବନାଶ। ଶୁଭକାନ୍ତଙ୍କୁ ଲାଗିଲା ସତେ ଯେପରି ସାରା ପୃଥିବୀରେ ନିଆଁ ଲାଗିଯାଇଛି ଏବଂ ତାହା ଚାରିଦିଗରୁ ସଂକୁଚିତ ହୋଇ ମାଡି ଆସୁଛି ତାଙ୍କୁ ଜାଳିପୋଡି ଭସ୍ମ କରିପକାଇବା ପାଇଁ! ତୀବ୍ର ଏକ ଯନ୍ତ୍ରଣା ସେ ଅନୁଭବ କରୁଥିଲେ ଛାତି ଭିତରେ।

ରାଜ୍ୟର ପ୍ରାୟ ଅଧିକାଂଶ ଖବରକାଗଜର ପ୍ରଥମ ପୃଷ୍ଠାରେ ବଡ ବଡ ଅକ୍ଷରରେ ପ୍ରକାଶିତ ହୋଇଥିଲା ଏ ସମ୍ବାଦ। ତା' ସହିତ ଚାରିଜଣ ଦୁଷ୍କର୍ମକାରୀଙ୍କ ଫଟୋ। ସଂଜୟ ଠିଆ ହୋଇଥିଲା ଠିକ୍ ମଝିରେ। କେଜାଣି କାଲି ବୋଧେ ଟେଲିଭିଜନ୍‌ରେ ଦେଖାଇଥିବ ଏ ସମ୍ବାଦ ଓ ଏମାନଙ୍କର ଫଟୋ। ଘରେ ତ ଚୁଲି ଜଳୁନାହିଁ, ଟି.ଭି. ଖୋଲି ଦେଖୁଛି କିଏ?

ଚୂଡ଼ାନ୍ତ ସ୍ଥାଣୁତ୍ୱକୁ ଆବୋରି ବସି ରହିଥିଲେ



ଶୁଭକାନ୍ତ, ଡ୍ରଇଂରୁମ୍‌ର ସୋଫାରେ। ଅନାଇ ରହିଥିଲେ ଶୂନ୍ୟକୁ। ଆଖିର ପଲକ ଓ ପାଟିର ଭାଷା କୁଆଡେ ଉଭାନ ହୋଇଯାଇଥିଲା। ସତେ ଅବା ଜନ୍ମରୁ ତାଙ୍କୁ ଆକ୍ରାନ୍ତ କରିଥିଲା ପକ୍ଷାଘାତ ରୋଗ!

ରାଜଲକ୍ଷ୍ମୀ ସ୍ତବ୍ଧ ହୋଇଯାଇଥିଲେ ସମ୍ବାଦପତ୍ର ଦେଖି। ଲୋପ ପାଇ ଯାଇଥିଲା ତାଙ୍କ ପାଟିର ଭାଷା ଓ ଆଖିର ଲୁହ।

ପତି ପତ୍ନୀ ଦୁହିଁଙ୍କୁ ଦେଖି ଲାଗୁଥିଲା, କିଏ ଯେପରି ଦୁଇଟି ମୂର୍ତ୍ତିକୁ ଟେକିଆଣି ଥୋଇଦେଇ ଯାଇଛି ସେଇ ଘରେ। ବୈବାହିକ ଜୀବନର ବୟାଳିଶ ବର୍ଷ ଅତିକ୍ରାନ୍ତ କରି ଆସିଥିଲେ ମଧ୍ୟ ଲାଗୁଥିଲା ସେମାନେ ଯେପରି କେହି କାହାକୁ ଚିହ୍ନିନାହାନ୍ତି କି ଜାଣିନାହାନ୍ତି! ଶୂନ୍‌ଶାନ୍ ଘର ଭିତରେ ରାଜୁତି କରୁଥିଲା ଭୟପ୍ରଦ ଏକ ଅଖଣ୍ଡ ନିରବତା।

ନିରବତା କେତେ ଭୟଙ୍କର, କେତେ ଅସ୍ୱସ୍ତିକର ହୋଇପାରେ, ତାହା ପ୍ରତିପାଦନ କରୁଥିଲା ସହରର ସଂଭ୍ରାନ୍ତ ଅଞ୍ଚଳରେ ଠିଆ ହୋଇଥିବା ଡାକ୍ତର ଶୁଭକାନ୍ତଙ୍କର ତ୍ରିତଳ ପ୍ରାସାଦ।

ତା' ପରଠାରୁ ଶୁଭକାନ୍ତ ନିଜକୁ ଆବଦ୍ଧ କରି ନେଇଥିଲେ ଘରର ଚାରିକାନ୍ଥ ଭିତରେ।

କେମିତି ଦେଖାଯାଏ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ? କେମିତି ଦେଖାଯାଏ ପୂର୍ଣ୍ଣିମା ଆକାଶର ଜହ୍ନ? କେମିତି ଶୁଭେ କୋଇଲିର କୁହୁତାନ?

ଘର ଭିତରେ ଥାଇ ସବୁ ଭୁଲି ଯାଇଥିଲେ ଶୁଭକାନ୍ତ। ଅନେକ ଦିନ ଧରି ବାହାରକୁ ବାହାରିବା ସେ ବନ୍ଦ କରିଦେଇଥିଲେ। ବାହାର ପୃଥିବୀକୁ ସାମ୍‌ନା କରିବାର ଦମ୍ଭ ଓ ମାନସିକତା ଆପାତତଃ ସେ ହରାଇ ବସିଥିଲେ ଅନେକ ଆଗରୁ। ସାରା ଜୀବନ ଧରି ସେ ଅର୍ଜନ କରିଥିବା ଆତ୍ମସମ୍ମାନ ଟିକକ ଭୂଲୁଣ୍ଠିତ ହୋଇଯିବା ପରେ, ଜୀବନର ସବୁ ସରସତା, ସବୁ ସବୁଜ ସମ୍ଭାବନା ଟାଙ୍ଗରା ମରୁଭୂମିରେ ପରିଣତ ହୋଇଯିବା ପରେ ଅବଶିଷ୍ଟ ଆଉ ରହିଲା କ'ଣ ଯେ ସେ ନିଜକୁ ମଣିଷ ଭାବି ଗର୍ବ କରିବେ! ଜୀବନ ଜୀଇବେ!

(କ୍ରମଶଃ)

---

# ଉତ୍କଳମଣି ଗୋପବନ୍ଧୁ

**ସଂଶୟ କୁମାର ସାହାଣୀ**



ଓଡିଶା ମାଟିର ଗର୍ବ ଗୌରବ
ଲକ୍ଷ ଓଡ଼ିଆଙ୍କ ମଉଡମଣୀ
ପୁରୀ ସୁଆଣ୍ଡୋର ବରପୁତ୍ର ସିଏ
ଗର୍ବେ ଓଡ଼ିଆ ତା କହେ କାହାଣୀ!
ଦୈତାରୀ ଦାସ ସ୍ୱର୍ଣ୍ଣମୟୀ ଦେବୀ
ସୃଷ୍ଟିକର୍ତ୍ତା ଥିଲେ ବୀରପୁତ୍ରର
ସରାଗେ ଆଦରେ ପାଳିଥିଲେ ତାକୁ
ଗୋପବନ୍ଧୁ ନାମ ଥିଲା ଯାହାର!
ରେଭେନ୍‌ଶା କଲେଜ୍ରୁ ପାଠପଢା ସାରି
ଲାଗିପଡ଼ିଥିଲେ ଜନ ସେବାରେ
ଶବ ସଂସ୍କାର ଓ ଗୋସେବା କାର୍ଯ୍ୟକୁ
ପ୍ରାଧାନ୍ୟ ଦେଲେ ସେ ନିଜ ଇଛାରେ!
ଶିକ୍ଷ୍ୟାର ପ୍ରଚାର ପ୍ରସାର ପାଇଁକି
ବନ ବିଦ୍ୟାଳୟ ଗଢିତୋଳିଲେ
ବକୁଳ ବନଟା ସ୍ୱର୍ଗ ପାଲଟିଲା
ଅଗଣିତ ଛାତ୍ର ଛାତ୍ରୀ ଗଢିଲେ!
ବନ୍ୟା ବାତ୍ୟା ଥିଲା ଓଡ଼ିଶାର ଶତ୍ରୁ
ଭୋଗୁଥିଲେ ଲକ୍ଷ ଲକ୍ଷ ଜନତା
ଆଗେଇ ଆସିଲେ ସାହାଯ୍ୟ ହେବାକୁ
ବାନଟୁଥିଲେ କେତେ ସ୍ନେହ ମମତା !
ଭାଷା ଆନ୍ଦୋଳନ କର୍ଣ୍ଣଧାର ଥିଲେ
କର୍ତବ୍ୟବୋଧୀନି ସମିତି ଗଢି
ଓଡ଼ିଆ ଭାଷାକୁ ସୁରକ୍ଷ୍ୟା ଯୋଗାଇ
ପାହାଚ ପାହାଚ ସେ ଗଲେ ଚଢି!
ରାମଚନ୍ଦ୍ର ଦାସ ସଙ୍ଗତେ ମିଶିଣ
ଉତ୍କଳ ସମ୍ମିଳନୀ ଆରମ୍ଭ କଲେ
ରମ୍ଭା ଠାରେ ସଭା ଆୟୋଜନ କରି
ଓଡ଼ିଆ ଭାଷାକୁ ବଖାଣି ଥିଲେ!
ସୁଦୂର ବଙ୍ଗରେ ଓଡ଼ିଆଙ୍କ ପାଇଁ
ଓଡ଼ିଆ ଶ୍ରମିକ ସଂଘ ବସାଇ
ସମସ୍ୟା ତାଙ୍କର ସମାଧାନ କଲେ
ଆଜି ବି ଓଡିଶା ଗର୍ବ କରଇ!
ଦେଶ ରାଜ୍ୟ ସେବା ମୂଳ ଲକ୍ଷ୍ୟ ଥିଲା
ତ୍ୟାଗ କରିଥିଲେ ନିଜସ୍ୱ ସ୍ୱାର୍ଥ
ଦୁଇ ପୁତ୍ର ପୁଣି ପତ୍ନୀଙ୍କୁ ହରାଇ
କାତର ନଥିଲେ ତିଳେ ହିଁ ମାତ୍ର!
ଗାନ୍ଧୀଙ୍କୁ ଯୋଡ଼ିଲେ ଓଡ଼ିଶାର ସାଥେ
ରାଜ୍ୟ ଆଗେଇଲା ଆହୁରି ପାଦେ
ସମାଜ ଖବର କାଗଜ ଛାପିଲେ
ସନ୍ଦେଶ ବାଣ୍ଟିଲେ ଲୋକଙ୍କ ମଧ୍ୟେ!
ଖବରକାଗଜ ସମ୍ପାଦକୀୟରେ
ଇଂରେଜ ବିରୋଧ ଖବର ଛାପି
କାରାବଦ୍ଧ ଦଣ୍ଡ ଭୋଗିଥିଲେ ସିଏ
ଅଜସ୍ର କୋହକୁ ହୃଦରେ ଚାପି!
କାରାଗାରେ ଥାଇ ରଚନା କରିଲେ
ବନ୍ଦୀ ଆତ୍ମକଥା କାରା କବିତା
ପ୍ରତି ଓଡ଼ିଆଙ୍କ ହୃଦରେ ରହିଲେ
ଆପେ ନଇଁଯାଏ ଆମରି ମଥା!
ବନ୍ଦୀରୁ ମୁକତି ହେଲା ପରେ ପରେ
ଉଚ୍ଛୋସିତ ସମ୍ବର୍ଦ୍ଧନା ପାଇଲେ
ପ୍ରଫୁଲ୍ଲ ରାୟଙ୍କ ସଂବୋଧନତାରେ
ଉତ୍କଳମଣିର ଆଖ୍ୟା ଲଭିଲେ!
ଉତ୍କଳମଣିଙ୍କ ଦେଶପ୍ରୀତି ଦେଖି
ଲାଲା ଲାଜପତ ଆସ୍ଥା ଭାଜନ
ଲୋକସେବକର ର ଆଜୀବନ ସଭ୍ୟ
ପୁଣି କରିଥିଲେ ତାଙ୍କୁ ପ୍ରଦାନ!
ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇଣ
ସ୍ୱାସ୍ଥ୍ୟବସ୍ଥା ତାଙ୍କ ବିଗିଡି ଗଲା
୧୯୨୮ ଜୁନ ସତର ରେ
ମହାନ ପ୍ରାଣର ଦୀପ ଲିଭିଲା!
ହେ ମହାପୁରୁଷ ହେ ଗୋପବନ୍ଧୁ
ପୁଣ୍ୟତିଥି ପରେ କୋଟି ପ୍ରଣାମ
ତୁମରି ବ୍ୟକ୍ତିତ୍ୱ ପରଶ ପାଇଣ
ସାର୍ଥକ ହୋଇଛି ଆମ ଜନମ!

*ଅଲଣା-୨, ନାଉଗାଁ ହାଟ,*
*ଜଗତସିଂହପୁର*
*ଦୂରଭାଷ : ୭୯୭୮୧୫୬୩୩୮*

---

## କିଶୋରୀ କବିତା



# କାହାର ଆଜ୍ଞାରେ



**ପ୍ରତିଭା ପରିଡା**

ପାପ କଣ?
ପୁଣ୍ୟ କଣ?
ଜୀବନ ଏସ୍ଥକୁ ଯୋଡିହୋଇ
ଗଛ ଡାଳରେ ଝୁଲୁଥାଏ
କାହାର ଆଜ୍ଞାରେ
ଡାଳରୁ ପତ୍ର ଖସୁ ନଥାଏ
ଭାଗ୍ୟ କଣ?
ଦୁର୍ଭୋଗ ବି କଣ?
ସମୟ ନିଜମତେ ଗଡିଚାଲୁଥାଏ
କାହାର ଆଜ୍ଞାରେ
କଳିଟିଏ ମୁକୁଳୁ ନଥାଏ

ଦୁଃଖ କଣ ?
ସୁଖ କଣ?
ଜୀବନର କେଉଁ ରଙ୍ଗ ଇଏ?
କାହାର ଆଜ୍ଞାରେ
ବାଟ ହୁଡି ହୋଇଯାଏ

ଇଚ୍ଛା କଣ?
ପୁଣି ଅନିଚ୍ଛା ବା କଣ?
ଇଏ କାଠଗଡାର ଜୀବନ
ନା' କାଠପଥରର ଜୀବନ!
କାହାର ଆଜ୍ଞାରେ
ନିକିତିରେ ଜୀବନ ତଉଲ ହେଉଥାଏ

ଈଶ୍ୱର ନା' ଅଣଈଶ୍ୱର
କିଏ ସମ୍ଭାଳିଥାନ୍ତି ସୂତାଖିଅ ଡୋର?
କାହାର ଆଜ୍ଞାରେ
ଅଧା ଅନ୍ଧାର ଅଧା ଆଲୁଅରେ
ଛାଇ ଲିଭିଯାଏ?

ଜୀବନଟା ଜଉଘର
ନା' ମଧୁର ଓଁକାର?
କିଏ ଜାଣେ
କାହାର ଆଜ୍ଞାରେ
ପୁଣି କାହାର ହସ୍ତାକ୍ଷରରେ
ପୃଷ୍ଠା ଆଉ ପ୍ରଚ୍ଛଦର ବର୍ଣ୍ଣମାଳା
ଲେଖା ହେଉଥିଏ?

*ପାର୍କ ପାରାଡାଇଜ କଲୋନୀ, ରଘୁନାଥପୁର,*
*ନନ୍ଦନକାନନ ରୋଡ, କିଟ୍ ଛକ, ଭୁବନେଶ୍ୱର*
*ଦୂରଭାଷ : ୮୯୧୭୬୦୩୪୪୨*

---








**ଦିବ୍ୟାଂଶୀ ପ୍ରିୟଦର୍ଶୀନୀ**
ଷ୍ଟାଣ୍ଡାର୍ଡ - ୪
ସେଣ୍ଟ ଜାଭିୟର୍ସ ସ୍କୁଲ
ସାଲେପୁର

---

# ବାପାଙ୍କ ଫାଇଲ୍ ଓ ମୋ ଜ୍ୟାମିତି ଖାତା

**ଡଃ ସ୍ମୃତି ପଟ୍ଟନାୟକ**



*(ପୂର୍ବପ୍ରକାଶ ଉତ୍ତାରୁ)*

ବାପା ପଚାରିଲେ କେମିତି ହେଲା ମୁଁ କହିଲି ବହୁତ ଭଲ। ରାୟ ମଉସା କହିଲେ କାହା ଝିଅ ସେ ମୋତେ ଆଗ କୁହତ ଦେଖି? ଠିକ୍ ବାପାର ଠିକ୍ ଝିଅ। ବାପା ଯେମିତି ଗଣିତ ଓ ଜ୍ୟାମିତିରେ ପୋକ ଝିଅ ସେମିତି ହବନି ତ ଆଉ କିଏ ହେବ? ମୋତେ ବହୁତ ଖୁସି ଲାଗୁଥିଲା ଯାହା ହେଉ ମୋର ଗଣିତରେ ଏଥର ବି ଶହେରୁ ଶହେ ରହିବ ପୁଣି ବୋର୍ଡ ପରୀକ୍ଷାରେ, ପରୀକ୍ଷା ସରିଲା ପରେ ପାଠପଢ଼ାରୁ ଛୁଟି, ମୋର କିନ୍ତୁ ଜ୍ୟାମିତିର ଅଙ୍କନ ସବୁ କରିବାର ଅଭ୍ୟାସ ଥାଏ।

ଥରେ ସଂଧ୍ୟା ବେଳେ ଲାଇନ୍ କଟିଗଲା ଆସିଲା ଯାଇ ରାତି ଗୋଟାଏ ବେଳକୁ, ସେଦିନ ଯେମିତି ଲାଇନ୍ ଆସିଲା ମୁଁ ଆଉ ଶୋଇଲିନି ଉଠି ପଡିଲି ନିଦ ଥାଏ ଆଖିରେ କଣ ଗୋଟାଏ ଅଙ୍କନ ଖରାବେଳେ ହେଇ ନଥିଲା ବୋଲି କରି ବସିଲି, ରାତି ପାହିଗଲା, ସବୁ ଭଲରେ ହେଇଗଲା, ବାପାଙ୍କର ଅଫିସ୍‌କୁ ସେଦିନ ଷ୍ଟେଟ୍ ଲେବଲ୍‌ରୁ ହାଅର୍ ଅଫିସର୍ ଇନସ୍ପେକ୍ସନ୍ ପାଇଁ ଆସିବାର ଥିଲା। ବାପା ତରବର ହୋଇ ସକାଳ ବ୍ରେକଫାଷ୍ଟ ସାରି ବାହାରି ଗଲେ ଅଫିସ୍, ସାଙ୍ଗରେ ଚିନ୍ତାମଣି ଭାଇ ଫାଇଲ୍ ସବୁ ନେଇକି ଗଲେ।

ଅଫିସ୍‌ରେ ସବୁ ବ୍ୟବସ୍ଥା ଖୁବ୍ ଭଲରେ ହୋଇଥାଏ, ନିର୍ଦ୍ଦିଷ୍ଟ ସମୟରେ ଆସି ପହଞ୍ଚିଲେ ଅଫିସର୍ ଏବଂ ତାଙ୍କ ସହିତ ଜଣେ ଆସିଷ୍ଟାଣ୍ଟ, ପ୍ରଥମେ ଚାହା ପାନ ଓ ଜଳଖିଆ ସରିଲା ପରେ ଆରମ୍ଭ ହେଲା ଫାଇଲ୍ ତଦାରଖ କାର୍ଯ୍ୟକ୍ରମ। ବହୁତ ସମୟ ଧରି, ଶେଷ ଫାଇଲ୍ ଚେକ୍ କଲାବେଳକୁ ତାଦେହରେ ଅଫିସ୍‌ର କୌଣସି କାଗଜପତ୍ର ନଥିଲା, ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହୁଁଥିଲେ, ତାଭିତରେ ମୋ ଜ୍ୟାମିତି ଖାତା ଥିଲା ସପ୍ତମ ଶ୍ରେଣୀର, ବାପାଙ୍କ ଉପରିସ୍ଥ ଅଧିକାରୀ ସେନ୍ ମଉସା ଜ୍ୟାମିତି ଖାତା ଦେଖି ହାଁ କରି ଚାହିଁ ରହିଥିଲେ, କହିଲେ ପଟ୍ଟନାୟକ ବାବୁ ଇଏ କାହାର ଖାତା ଫାଇଲ୍ କାହିଁ? ବାପା ବ୍ୟସ୍ତ ହୋଇ ପଡୁଥିଲେ, ଫାଇଲ୍ ସବୁ ଗଲା କୁଆଡେ?

ମୁଁ ସେଦିନ ବାପା ଅଫିସ୍ ଗଲା ପରେ ଟେବୁଲ୍ ତଳକୁ ଅନାଇଲା ବେଳକୁ କେତେ ଗୁଡିଏ ଫାଇଲ୍ ପଡିଛି ବିଛାଡି ହୋଇ, ମୁଁ ତାକୁ ତରବର ହୋଇ ଗୋଟିଏ ବଡ ଜରିରେ ପୁରାଇ ବାପାଙ୍କ ଅଫିସ୍ ଗଲି, ସେଦିନ ତ ଶନିବାର ଥିଲା, ମୋତେ ଦେଖି ବାପା କହିଲେ କୁଆଡେ ଆସିଲୁ? କାହିଁକି ଆସିଛୁ? ମୁଁ ବାପାଙ୍କ ହାତକୁ ଜରି ପ୍ୟାକେଟ ବଢାଇ ଦେଲି, ଜରିଭିତରୁ ସବୁ ଫାଇଲ୍ ବାହାର କରି ଦେଖି ବହୁତ ଖୁସି ହୋଇଗଲେ, ସେନ୍ ମଉସା ସବୁ ଫାଇଲ୍ ତନ୍ନ ତନ୍ନ କରି ଚେକ୍ କଲାପରେ ବାପାଙ୍କୁ ବହୁତ ପ୍ରଶଂସା କଲେ ଯେ ସବୁ ଫାଇଲ୍ ଏତେ ଅପଡେଟ୍ ଅଛି ବୋଲି, ମୋତେ ଦେଖି ପାଖକୁ ଡାକିଲେ ସେନ୍ ମଉସା, କହିଲେ ତୋର ଜ୍ୟାମିତି ଖାତା ବି ଦେଖିଛି, ବଢିଆ କନଷ୍ଟ୍ରକସନ୍ କରିଛୁ, ପୁରା ପରଫେକ୍ଟ, ତୁ ବଡହେଇ ବହୁତ ଖ୍ୟାତି ଅର୍ଜନ କରିବୁ, ଈଶ୍ୱର ଯଶସ୍ୱୀନି କରନ୍ତୁ ତୋତେ, ଆଃ କି ଖୁସି ଲାଗୁଥାଏ, ବାପା କହିଲେ ତୁ ଘରକୁ ପଳା ମୁଁ ପରେ ଯିବି, ଚାଲି ଆସିଲି ଅଫିସ୍ ଭିତରୁ ବାହାରକୁ।

ସେଦିନ ହାଟବାରି, ବାପାଙ୍କ ଅଫିସ୍‌କୁ ଲାଗି ହାଟ ବସେ, ବହୁତ ବଢିଆ ଜିନିଷ ସବୁ ହାଟରେ ମିଳେ, ଅପରାହ୍ନ ଚାରିଟା, ମୁଁ ହାଟ ଭିତରକୁ ପଶିଲି, ପଶୁ ପଶୁ ଦେଖା ହେଲା ମୋ ସ୍କୁଲ ସାଙ୍ଗ ମଲ୍ଲିକା, ସେ ତା ବାପାଙ୍କ ସହ ଆସିଥିଲା, ମୋତେ ଦେଖି ମୋ ହାତକୁ ଧରି ଟାଣି ନେଲା ପାମ୍ପଡ ଦୋକାନ ଭିତରକୁ କହିଲା ପାମ୍ପଡ ଖାଇବା, ଆମେ ଖାଇସାରା ହାଟଭିତର ସାରା ହାତ ଧରାଧରି ହୋଇ ବୁଲିଲୁ, ବହୁତ ଦୋକାନ, ଗୋଟିଏ ଦୋକାନରେ ରଙ୍ଗବେରଙ୍ଗର କଣ୍ଢେଇ ଦେଖି ମୁଁ ଦୁଇଟା କିଣିଲି, ଗୋଟିଏ ପୁଅ କଣ୍ଢେଇ ଓ ଆରଟି ଝିଅ କଣ୍ଢେଇ, ମଲ୍ଲିକା ଚାରିଟା କିଣିଲା କହିଲା ମୋର ଦୁଇଟା ଆଉ ମୋ ବରର ଦୁଇଟା, ମୁଁ ହସିଲି ଫିକ୍ କରି କହିଲା କାଇଁ ହସିଲୁ? ତୋ କଥା ଶୁଣି, ଆରେ ସତ କଥା ତ ମୁଁ କହିଲି, ଜାଣିଛୁ ଆମ ଦୁହିଁଙ୍କର ଛୁଆ ବେଳୁ ବାହାଘର ଠିକ୍ ହୋଇଯାଇଛି, ତାଙ୍କ ବାପା ଓ ମୋ ବାପା ଦୁହିଁଏ ସଙ୍ଗାତ, ସେମାନେ ଠିକ୍ କରିଥିଲେ, ମୁଁ କହିଲି ହଉ ହେଲା, ତୋ ବର ଯିଏ ହେବ ସେ ଏବେ କଣ କରୁଛି? ସେ ବା ଆମ ସାଙ୍ଗରେ ପଢୁଛି ଆମ ସ୍କୁଲରେ, ନବଘନ ତା ନାଁ, ହେଃ ତାକୁ କଣ ତୁ ବାହାହେବୁ, ସେ ତ ପାଠରେ ପୁରା ଗଧ, ତୁ ଭଲ ପାଠ ପଢୁଛୁ, ମଲ୍ଲିକା ଆଉ କିଛି କହିଲାନି, ତା ଆଖିରେ ଲୁହ ଥିଲା, କହିଲା ନାଇଁରେ ତାର ସିନା ପାଠ ହଉନି, ସେ କିନ୍ତୁ ଭାରି ନିଛକ ଓ ନିଖଳିଆ, ତାପରେ ଆମେ ଦୁହେଁ ବହୁତ ବୁଲିଲୁ, ସଂଧ୍ୟା ହେଲାରୁ ସେ ତାଙ୍କ ଘରକୁ ଗଲା ପାଟପାରୀ ମୁଁ ବି ଆସିଲି ଘରକୁ, ମାଆ କହିଲା କାଇଁ ଏତେ ଡେରି ହେଲା, କହିଲି ହାଟରେ ବୁଲିକି ଆସିଲି, ବାପାଙ୍କୁ ଫାଇଲ୍ ଦେଲି, ତାପରେ ଗଲି ମଲ୍ଲିକା ଦେଖା ହେଲା, ଏମିତି ହୋଇ ଡେରି ହୋଇଗଲା,...

ମୁଁ ସଂଜ ଦେଲି, ମାଆ ଦେଲାନି, ତାପରେ ପଢିବସିଲି, ବାପା ଅଫିସ୍‌ରୁ ଫେରିଲେ ରାତି ନଅଟା ବେଳକୁ, ଭାରି ପ୍ରସନ୍ନ ଦିଶୁଥିଲେ ମାଆକୁ କହିଲେ ଆଜି ଠିକ୍ ସମୟରେ ଫାଇଲ୍ ପହଞ୍ଚାଇ ଝିଅ ମୋର ନୀତିନିଷ୍ଠତାକୁ ପ୍ରମାଣ କରିଦେଲା, ତାର ଜ୍ୟାମିତି ଖାତାରେ ସେନ୍ ସାର୍ କଣ ଲେଖିଛନ୍ତି ଦେଖ, ମାଆ ନେଇ ଦେଖିଲା, ଏଇ ଝିଅଟି ବହୁତ ଆଗକୁ ଯିବ, ହିମାଳୟକୁ ଛୁଇଁବ, ନୀଳଆକାଶକୁ ମଧ୍ୟ ଛୁଇଁବ, ମୋର ଶୁଭେଚ୍ଛା ଓ ଆଶୀର୍ବାଦ ରହିଲା ଝିଅ ଉପରେ, ଆଉ ମଧ୍ୟ ଜ୍ୟାମିତି ଖାତା ଉପରେ ଲେଖିଥିଲେ "Try to touch infinity in your life."

ବହୁତ ଖୁସି ହୋଇ ମୁଁ ରାତିରେ ଖାଇକି ଶୀଘ୍ର ଶୋଇ ପଡିଲି, ରାତିରେ ଖାଲି ସ୍ୱପ୍ନ ଦେଖୁଥିଲି, ମୁଁ ମହାକାଶର ନୀଳିମାକୁ ହାତ ବଢ଼ାଇ ଛୁଇଁ ପାରୁଛି, ଭସା ବାଦଲ ଭିତରେ ମୁଁ ଯେମିତି ପହଁରୁଛି....

କି ଅବ୍ୟକ୍ତ ଖୁସି! ମନ ପୁରି ଉଠୁଥିଲା, ରବିବାର ଥିଲା ତାପର ଦିନ, ମୁଁ ଉଠିଲି ସାତଟା ବେଳକୁ, ବାପା ଉଠି ଚାହା ପିଇ ଅଫିସ କାମ କରୁଥିଲେ, ମୁଁ ଉଠି ଆଗ ଆମ ଘର ଆଗରେ ଥିବା ଗୋଟିଏ ଛୋଟ ପୋଲ ଉପରକୁ ଚାଲିଗଲି, ସେଠୁ ଅନାଉଥିଲି ଆକାଶର ନୀଳିମାକୁ ଓ ଦୂର ଦିଗବଳୟର ସୌନ୍ଦର୍ଯ୍ୟକରଣକୁ, କେନାଲ୍‌ରେ ପାଣି ଭରପୁର ହୋଇଥାଏ, ବଢିଆ ପବନ ଦେହରେ ବାଜୁଥାଏ, କେତେ ସମୟ ପରେ ଘରକୁ ଆସିଲି, ପରଟା ଆଳୁଭଜା ଖାଉଥିଲି, ବାପାଙ୍କ ଅଫିସ୍‌ରୁ କାନୁନଗୋ ମଉସା ଆସିଲେ, ଅଫିସ୍‌ର କାମ ବିଷୟରେ ସବୁ ଆଲୋଚନା କଲାବେଳେ ମାଆ ଆଣି ଚାହା ଦେଲା, ଭାଉଜ ନମସ୍କାର ବୋଲି କହି ତାଙ୍କ ଆଡୁ ପୁଣି କହିଲେ "ଭାଉଜ ଆଜି ଆମେ ସମସ୍ତେ ଆସିଥାନ୍ତୁ, ରିନି ଓ ପୁଅ ଆସିଥାନ୍ତେ, କିନ୍ତୁ ଆମ ଘର ପାଖରେ ସକାଳୁ ସକାଳୁ ଏକ ବଡ ଦୁର୍ଘଟଣା ଘଟିଗଲା, ଗୋଟିଏ ତେର /ଚଉଦ ବର୍ଷର ପିଲା ସାଇକେଲରେ ଯାଉଥିଲା, ତାକୁ ଲେଲ୍ୟାଣ୍ଡ ଟ୍ରକ୍ ବାଡେଇ କି ପଳାଇଲା, ପିଲାଟିର ସ୍ପଟ୍ ଡେଥ୍ ହୋଇଗଲା, ସେ ପିଲାଟିର ସାଇକେଲରେ ଦୁଇଟି ପ୍ଲାଷ୍ଟିକ୍ କଣ୍ଢେଇ ଟଙ୍ଗା ହୋଇଥିଲେ, ପୁଅ କଣ୍ଢେଇ ଓ ଝିଅ କଣ୍ଢେଇ, ମୁଁ ଶୁଣିଲା ପରେ ଛାତି ଭିତରଟା ଚାଉଁକିନା ହୋଇଗଲା, ପୁଣି କାନୁନଗୋ ମଉସା କହିଲେ ସେ ପିଲାଟିର ଘର ପାଟପାରୀ, ଜଗନ୍ନାଥ ପୁର ସ୍କୁଲରେ ବି ପଢୁଛି, ମୁଁ ଆଉ ସ୍ଥିର ହୋଇ ରହିପାରିଲିନି ପଚାରିଲି ମଉସା ସେ ପିଲାର ନାଁ କଣ? ନବଘନ ବୋଧେ! ମୁଁ ବସିପଡିଲି ତଳେ, ଆଖିରୁ ଲୁହ ବୋହି ଯାଉଥିଲା, ଏ କଣ ହେଇଗଲା ହଠାତ୍? ଖାଲି କାନରେ ପ୍ରତିଧ୍ୱନିତ ହେଉଥିଲା ମଲ୍ଲିକାର କଥା ନବଘନର ଭଲ ପାଠ ହୁଏନି ସିନା କିନ୍ତୁ ଭାରି ନିଛକ ଓ ନିଖଳିଆ......ମୋ ଆଖି ସାମ୍ନାରେ ଆମ ଘରର ଗେଟ୍ ପାଖରେ ଝଙ୍କାଳିଆ ଲେମ୍ବୁ ଗଛ, ତାର ଗୋଟିଏ ଡାଳରେ ବଣି ଚଢେଇଟିଏ ବସିଥାଏ ଆକାଶକୁ ଅନାଇ, ମୋ ଆଖି ସାମ୍ନାରେ ମଲ୍ଲିକାର ପ୍ରତିଛବି, ଆକାଶରେ ଘନ କଳା ବାଦଲର ଆସ୍ତରଣ, ସତରେ କଣ ମଲ୍ଲିକାର ଶାଶ୍ୱତ ପ୍ରେମ ନବଘନ ପ୍ରତି ସମାଧି ନେଇଯାଇଛି ସୃଷ୍ଟିର ବାସ୍ତବ ସତ୍ୟ ପାଖରେ?

*ୟୁଏନ୍ କଲେଜ୍, ଅଡଶପୁର,କଟକ*
*ଦୂରଭାଷ : ୯୯୩୮୪୪୦୯୪୯*



# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆଶା କର୍ମୀଙ୍କ ବିକ୍ଷୋଭ

**ଅସ୍ତରଙ୍ଗ :** ଓଡିଶା ଆଶାକର୍ମୀ ଆସୋସିଏସନ ଅସ୍ତରଙ୍ଗ ବ୍ଲକ ଶାଖା ତରଫରୁ ଶତାଧିକ ଆଶା କର୍ମୀ ୧୭ ଦଫା ଦାବି ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନା ରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଶା କର୍ମୀ ବିଭିନ୍ନ ସମୟରେ ଅନେକ ପ୍ରକାର ସହାୟତା ପ୍ରଦାନ କରୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ନାର୍ଯ୍ୟ ଦାବିରୁ ତାଙ୍କୁ ବଞ୍ଚିତ କରାଯାଉଛି। ସେଥି ମଧ୍ୟରୁ ମାସିକ ସର୍ବନିମ୍ନ ଦରମା ଛବିଶ ହଜାର, ସେମାନଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦାବି, ପେନସନ ଯୋଗାଇଦେବା, ମୃତ୍ୟୁ ଓ ଅବସର କାଳିନ ସହାୟତା ରାଶି ୮ଲକ୍ଷ ଟଙ୍କା, ଏଥି ସହିତ ଆଶା କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା, ଏହିଭଳି ଅନେକ ଦାବିକୁ ଉପସ୍ଥାପନା କରିବା ସହିତ ଏକତ୍ରିତ ହୋଇଛନ୍ତି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ। ସବୁଠୁ ବଡ କଥା ହେଉଛି ବିଗତ ୧୧ ମାସର ପ୍ରୋତ୍ସାହନ ରାଶି ପୁରୀ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ




ଆଶା କର୍ମୀଙ୍କୁ ଦିଆଯାଇଛି। କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ପର୍ଯ୍ୟନ୍ତ ସେହି ବକେୟା ଅର୍ଥ ଆଶା ମାନେ ପାଇନାହାନ୍ତି। ଯାହାକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆନ୍ଦୋଳନ ମାଧ୍ୟମରେ ଜବାବ ମାଗିଥିଲେ ଆଶା କର୍ମୀ। କେବଳ ସେମାନଙ୍କ ଦାବି ନୁହେଁ ତା ସହିତ ପରିବାର ନିୟନ୍ତ୍ରଣ କରୁଥିବା ବନ୍ଧ୍ୟାକରଣ ମା' ମାନଙ୍କ ପାଇଁ ସହାୟତା ରାଶି ମଧ ଦାବି ରଖିଛନ୍ତି ଆଶା ସଙ୍ଘ। ୨୦୨୩ରେ ଆଶା ମାନଙ୍କ ଶାଢ଼ୀ ରାଶି ୧ହଜାର ଟଙ୍କା ତୁରନ୍ତ ଦେବାକୁ ଦାବି କରିଛନ୍ତି। ଏହିଭଳି ୧୭ ଦଫା ଦାବି ନେଇ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରିଛନ୍ତି। ଏହାପରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଆଶା ସଙ୍ଘର ଏକ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନଙ୍କୁ ସାକ୍ଷାତ କରି ସେମାନଙ୍କ ଦାବୀ ଉପରେ ଆଲୋଚନା କରିଛନ୍ତି। ଏହି ବିକ୍ଷୋଭ ସଭାରେ ସଭାପତିତ୍ୱ କରିଛନ୍ତି ଜିଲ୍ଲା ଆଶା କର୍ମୀ ସଙ୍ଘର ସଭାପତି ପୀତବାସ ବେହେରା, ବକ୍ତବ୍ୟ ରଖିଛନ୍ତି ପୂର୍ବତନ ରାଜ୍ୟ ସାଧାରାଣ ସମ୍ପାଦିକା ବନବାସିନୀ ମହାପାତ୍ର। ଏହି ପ୍ରତିବାଦ ସଭାରେ ଅସ୍ତରଙ୍ଗ ଆଶା କର୍ମୀ ସଙ୍ଘର ସଭାପତି ସୌଦାମିନୀ ବିଜୟଲକ୍ଷ୍ମୀ ମଲ୍ଲ, ସମ୍ପାଦିକା ସରସ୍ୱତୀ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଏହି ପ୍ରତିବାଦ ସଭା ରେ ମେଡିକାଲ ଅଧିକାରୀ ସଞ୍ଜୟ ପ୍ରଧାନ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ସେମାନଙ୍କ ନାର୍ଯ୍ୟ ଦାବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ଅସ୍ତରଙ୍ଗ ପୋଲିସ ତରଫରୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୂଚାରୁ ରୂପେ ପାଳନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରୀ ...

୧୨୦୨ ଜଣ ପ୍ରାର୍ଥୀ ନିଯୁକ୍ତିପତ୍ର ପାଇଥିଲେ। ୨୦୨୩ ଅଗଷ୍ଟ ୧୧ରେ ୭୨୭୬ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୩୧୪୧ ଜଣ ପ୍ରାର୍ଥୀ ଆବେଦନ କରିଛନ୍ତି। ତେବେ ଏହି ସବୁ ପଦବୀ ପୂରଣ ହେବା ପରେ ଅବଶିଷ୍ଟ ଆଉ କେତେ ପଦବୀ ଖାଲି ପଡୁଛି ତାହା ନିଯୁକ୍ତି ପ୍ରକ୍ରିୟା ଶେଷ ହେବା ପରେ ସ୍ପଷ୍ଟ ହେବ ବୋଲି କୋର୍ଟରେ ସ୍ୱାସ୍ଥ୍ୟ ବିଭାଗ କହିଛି। ସରକାରୀ ଡାକ୍ତରଖାନାରେ ରୋଗୀ ମାନଙ୍କୁ ମିଳୁନାହିଁ ସବୁ ପ୍ରକାର ସୁବିଧା। ରୋଗୀମାନେ ଯେତିକି ସମସ୍ୟାର ସମ୍ମୁଖିନ ହେଉଛନ୍ତି, ତା' ଠାରୁ ଅଧିକ ସମସ୍ୟାର ସମ୍ମୁଖିନ ଡାକ୍ତର ମାନେ। ସରକାରୀ ଡାକ୍ତର ମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହୁନାହିଁ। ଯାହାଦ୍ୱାରା ବେସରକାରୀ ହସ୍ପିଟାଲରେ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି। ସେପଟେ ରାଜ୍ୟରେ ବିପର୍ଯ୍ୟସ୍ତ ଅବସ୍ଥାରେ ଚାଲିଛି ସ୍ୱାସ୍ଥ୍ୟ ସେବା। ଆଟେଣ୍ଡାଣ୍ଟ କରୁଛନ୍ତି ରୋଗୀ ଚିକିତ୍ସା। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଲୋକମାନେ ଚିକିତ୍ସାସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତର ନିଯୁକ୍ତିକୁ ନେଇ ରାଜ୍ୟ ସରକାର ବିଧାନସଭାରେ ଗୋଟିଏ ତଥ୍ୟ ରଖିଥିବା ବେଳେ ହାଇକୋର୍ଟରେ ଆଉ ଏକ ତଥ୍ୟ ରଖିଛନ୍ତି।

### 'ଦିଲ୍ଲୀ ଯିବା ...

ସନ୍ତୁଷ୍ଟ ହୋଇ ୧୦ରୁ ୮ ନମ୍ବର ଦେଇଥିଲେ। ଦିଲ୍ଲୀରେ ଥିବା କାରଣରୁ ଶ୍ରୀ ପାତ୍ର ହୁଏତ ଏ ସବୁ ବିଷୟରେ ଅଜ୍ଞ ଅଛନ୍ତି। ସଂସଦରେ ବି ବିଜେଡି ବିଧାୟକମାନେ ମୋଦି ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ସମୟରେ ହୁଏତ ସସ୍ମିତ ପାତ୍ର ଶୋଇପଡ଼ିଥିଲା ଭଳି ଲାଗୁଛି ବୋଲି ସୂର୍ଯ୍ୟବଂଶୀ କଟାକ୍ଷ କରିଛନ୍ତି। ଓଡ଼ିଶାର ଅର୍ଥ ମନ୍ତ୍ରୀ ଓ ସଚିବ ଗରିବ କେନ୍ଦୁ ପତ୍ର ତୋଳାଳିଙ୍କ ସ୍ୱାର୍ଥ ପାଇଁ ସଠିକ ଦାବି ଉପସ୍ଥାପନ କରି ନଥିବାରୁ ଆଜି କେନ୍ଦୁ ପତ୍ର ତୋଳାଳିମାନଙ୍କୁ ଟିକସ ଦେବାକୁ ପଡୁଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ କେନ୍ଦୁପତ୍ରରୁ ସଂଗୃହିତ ଲାଭାଂଶର ଶତ ପ୍ରତିଶତ ଲାଭାଂଶକୁ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ ଭିତରେ ବାଣ୍ଟି ଦେଉଥିବାବେଳେ ଓଡିଶା ସରକାର ଲାଭାଂଶର ମାତ୍ର ୨୫ ଭାଗ ବୋନସ୍ ଦେଉଛନ୍ତି। ଏହାଦ୍ୱାରା କେନ୍ଦୁପତ୍ର ତୋଳାଳି ଅନେକ କ୍ଷତି ସହୁଛି। ୨୦୧୩ରେ ବରଗଡ଼ ସୋହେଲାରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ପାଇଁ ଘୋଷଣା କରିଥିବା ୧୦୦ ଟଙ୍କା ବୋନସ ପୂରଣ କଲେ ଭଲ ହୁଅନ୍ତା। କଟନୀ ଛଟନୀ କରି ମୋଦି ବଢାଇଥିବା ଏମଏସପିକୁ କିଏ ଚକ୍ରାନ୍ତ କରି ଚାଷୀଙ୍କୁ ସେମାନଙ୍କ ଉତ୍ପାଦକୁ କମରେ ବିକିବା ପାଇଁ କିଏ ବାଧ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ମୋଦି ପଠାଇଥିବା ଘରକୁ ଆବଣ୍ଟନ କରିବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଥିବାବେଳେ ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲାକୁ କିଛି ଘର ଦିଆଯାଇ ନାହିଁ। ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରେ ରାଜ୍ୟର ଗ୍ରାମାଞ୍ଚଳରେ ୮.୫୯ ଲକ୍ଷ ହିତାଧିକାରୀ ଗୃହ ପାଇବାରୁ ବଞ୍ଚିତ ହୋଇଥିବା ସ୍ପଷ୍ଟ ହୋଇଛି। ପିଏମ ଆବାସରେ ୧ ହଜାର କୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା କେନ୍ଦ୍ର ରିପୋର୍ଟ ଦେଇଛି। ଏହା ସତ ନା ମିଛ ବିଜେଡି ସ୍ପଷ୍ଟ କରୁ ବୋଲି ଶ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।

### ବୃଦ୍ଧି ପାଇବ ...

ସହିବା ସୀମା ଅତିକ୍ରମ ହେବ, ତାହା ସିଧାସଳଖ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ। ଅତ୍ୟଧିକ ଗରମ କାରଣରୁ ହାର୍ଟଷ୍ଟ୍ରୋକ୍ ଓ ଆହର୍ଟ ଆଟାକ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ଆହୁରି ବଢ଼ିପାରେ ବୋଲି ଅନୁସନ୍ଧାନକାରୀମାନେ ଆକଳନ କରିଛନ୍ତି। ରିପୋର୍ଟ ଅନୁସାରେ, ଶିଳ୍ପ ବିପ୍ଳବ ଆରମ୍ଭରୁ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ସ୍ତର ବୃଦ୍ଧି ପାଉଛି। ମୁଖ୍ୟତଃ ବିକଶିତ ଦେଶମାନଙ୍କର ଆତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଏହାର ମୁଖ୍ୟ କାରଣ। ଏହି କାରଣରୁ ବର୍ତ୍ତମାନ ବିଶ୍ୱ ତାପମାତ୍ରା ୧.୧୫ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇ ସାରିଛି। ବିଶ୍ୱର ତାପମାତ୍ରା ବୃଦ୍ଧିକୁ ପୂର୍ବ ଶିଳ୍ପ ସ୍ତରରୁ ୧.୫ ଡିଗ୍ରୀ ସେଲସିୟସକୁ ସୀମିତ ରଖିବା ପାଇଁ ୨୦୧୫ରେ ୧୯୬ଟି ଦେଶ ପ୍ୟାରିସ୍ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ତଥାପି, ବିଶ୍ୱର ଅଗ୍ରଣୀ ଜଳବାୟୁ ବୈଜ୍ଞାନିକମାନଙ୍କୁ ନେଇ ଗଠିତ ଏକ ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ୍ ଅନ୍ କ୍ଲାଇମେଟ୍ ଚେଞ୍ଜର୍ (ଆଇପିସିସି) ଅନୁଯାୟୀ, ବିଂଶ ଶତାବ୍ଦୀର ଶେଷ ଭାଗରେ ବିଶ୍ୱ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ। ଆଇପିସିସି ଜୋର ଦେଇଛି ଯେ ଜଳବାୟୁ ପରିବର୍ତ୍ତନର ଚରମ, ବିନାଶକାରୀ ଏବଂ ସମ୍ଭାବ୍ୟ ପ୍ରତ୍ୟାବର୍ତ୍ତନକାରୀ ପ୍ରଭାବକୁ ଏଡାଇବା ପାଇଁ ବିଶ୍ୱର ହାରାହାରି ତାପମାତ୍ରାକୁ ୨୦୧୯ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ଅଧା ହ୍ରାସ କରିବାକୁ ପଡ଼ିବ। ନଚେତ୍ ଏହା ଏକ ଗମ୍ଭୀର ମାନବ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରିବ। ବିଶ୍ୱସ୍ତରୀୟ ଏଜେନ୍ସିଗୁଡିକ ଅନୁଯାୟୀ, ଗତ ଚାରିମାସ (ଜୁନ୍, ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର) ସବୁଠାରୁ ଉତ୍ତପ୍ତ ଥିଲା ଓ ୨୦୨୩ ବର୍ଷ ଅତ୍ୟଧିକ ଉତ୍ତାପ ବର୍ଷ ହେବାକୁ ଯାଉଛି। ଯଦି ତୁରନ୍ତ ଏଥିପ୍ରତି ଧ୍ୟାନ ନ ଯାଏ, ତେବେ ଆଗାମୀ ସମୟରେ ହିଟ୍ ୱେଭ୍ ଏକ ଅଭିଶାପ ପାଲଟିଯିବ!

### ଶ୍ରୀମନ୍ଦିରରେ ...

ଏଥିନିମନ୍ତେ ଏବେଠୁ ବିଭିନ୍ନ ସ୍ତରରେ ଲୋକଙ୍କୁ ସଚେତନ କରିବାକୁ ଅଣ୍ଟା ଭିଡ଼ିଲାଣି ପୁରୀ ମନ୍ଦିର ପ୍ରଶାସନ। ଏ ସଂପର୍କରେ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବା ସହ ଆସନ୍ତା ନୂଆବର୍ଷଠାରୁ ଏହାକୁ ଯେପରି କଡ଼ାକଡ଼ି ଭାବେ ଲାଗୁ କରାଯିବ, ସେଦିଗରେ ପଦକ୍ଷେପ ନେବାକୁ ସମସ୍ତ ନିଯୋଗର ସଭାପତି, ସମ୍ପାଦକ ଏବଂ ହୋଟେଲ ମାଲିକଙ୍କୁ ଚିଠି କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ନିୟମ ଲାଗୁ ହୋଇନି, ବିବେକ ଅନୁସାରେ ଶାଳୀନତା ପୋଷାକ ପିନ୍ଧନ୍ତୁ ବୋଲି ଚିଠିରେ ଦର୍ଶାଯାଇଛି। ଶ୍ରୀମନ୍ଦିର ପ୍ରଶାସକଙ୍କ ପକ୍ଷରୁ ସବୁ ନିଯୋଗ ଓ ହୋଟେଲକୁ ଚିଠି ଲେଖିଛନ୍ତି ମୁଖ୍ୟ ପ୍ରଶାସକ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି, ବହୁ ବର୍ଷ ଧରି ଏହି ନିୟମ ଲାଗୁ ହେବାର ଥିଲା। ଶାଳୀନତାପୂର୍ଣ୍ଣ ବାତାବରଣରେ ପ୍ରଭୁଙ୍କ ଦର୍ଶନ କରିବାକୁ ଭକ୍ତଙ୍କ ଆଗ୍ରହ ଥିବା ବେଳେ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା ଚାଲିଛି। ଯିଏ ଦର୍ଶନ କରିବାକୁ ଆସୁଛନ୍ତି, ସେମାନେ ଘରୁ ଉଭୟ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିବା ଦରକାର। ଏଥିପାଇଁ ୩ ମାସ ସମୟ ଦିଆଗଲା। ଇତି ମଧ୍ୟରେ ପୁରୀ ଆସୁଥିବା ଭକ୍ତଙ୍କୁ ସଚେତନତା କରାଯିବ। ବାହାର ରାଜ୍ୟରୁ ଆସୁଥିବା ଭକ୍ତଙ୍କୁ ସଚେତନ କରିବାକୁ ସେମାନଙ୍କ ଯାତ୍ରୀ ପଣ୍ଡାଙ୍କୁ କୁହାଯାଇଛି। ଏଥିସହ ବିଭିନ୍ନ ରାଜ୍ୟର ଗଣମାଧ୍ୟମରେ ବି ଏ ସଂକ୍ରାନ୍ତୀୟ ଖବର ପ୍ରକାଶିତ ହେଉଛି। ସେହିପରି ଚିଠି ମାଧ୍ୟମରେ ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ, ଯାତ୍ରୀ ପଣ୍ଡା, ନିଯୋଗମାନଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କେବଳ ଭକ୍ତଙ୍କ ପାଇଁ ନୂଆ ନିୟମ ଲାଗୁ ହେଉନି, ଶ୍ରୀମନ୍ଦିରରେ ନିୟୋଜିତ କର୍ମଚାରୀ, ପୁଲିସ୍‌ଙ୍କୁ ମଧ୍ୟ ଶାଳୀନତାର ପାଠ ପଢ଼ାଯିବ। ସେମାନେ କିପରି ଭକ୍ତଙ୍କ ପ୍ରତି ଭଲ ଭାବେ ବ୍ୟବହାର ପ୍ରଦର୍ଶନ କରିବେ, ଫଳରେ ଭକ୍ତମାନେ ଭଲ ଅନୁଭୂତି ନେଇ ଫେରିବେ ସେଥିନିମନ୍ତେ ବି ସଚେତନତା କରାଯିବ।

### ୨୭ ସୁଦ୍ଧା ...

ଦୁର୍ଗା ପୂଜା ପାଇଁ କଟକ ସହର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଆରମ୍ଭ ହୋଇ ଯାଇଛି ପ୍ରସ୍ତୁତି। ମାତ୍ର ଏ ଯାଏ ମରାମତି ହୋଇ ପାରିନି ରାସ୍ତାଘାଟ। ଡ୍ରେନ୍ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ଏହି ମାମଲାର ଶୁଣାଣି ହାଇକୋର୍ଟରେ ହୋଇଥିବା ବେ ବର୍ଷିଛନ୍ତି ହାଇକୋର୍ଟ। ଏ ମାମଲାରେ ଆଜି ବ୍ୟକ୍ତିଗତ ହାଜର ହୋଇ ପକ୍ଷ ରଖିଥିଲେ ୯ଟି ବିଭାଗର ଅଧିକାରୀ। ବିଭିନ୍ନ ବିଭାଗ ପକ୍ଷରୁ ପୂର୍ବରୁ ଭିନ୍ନ ଭିନ୍ନ ସମୟସୀମା ଦିଆଯାଇଥିବା ବେଳେ କାମ କିନ୍ତୁ ଅଧ ପନ୍ତରିଆ ହୋଇ ପଡ଼ି ରହିଛି। ଏହାକୁ ନେଇ ହାଇକୋର୍ଟ ବିଚାରପତି କ୍ଷୁବ୍ଧ ହେବା ସହ ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ ଓ ମରାମତି କାମ ଶେଷ କରିବାକୁ ସଫା ସଫା ଶୁଣାଇ ଦେଇଛନ୍ତି। କଟକର ବକ୍ସ ଡ୍ରେନ୍ କାମ ଆସନ୍ତା ମାର୍ଚ୍ଚ ସୁଦ୍ଧା ସରିବ ବୋଲି କହିଛନ୍ତି ଆମିକସ କ୍ୟୁରୀ। ଶୁଣାଣି ବେଳେ ସିଏମ୍ ସି, ପିଡବ୍ଲୁଡ଼ି, ଆର ଆଣ୍ଡ ବି, ଏବଂ ଗେଲ୍ ପ୍ରବନ୍ଧକ ପ୍ରମୁଖ ନିଜ ପକ୍ଷ ରଖିଥିଲେ। ଏପରିକି କାମ ନ ସରିବା ପଛରେ ବିଭିନ୍ନ ବିଭାଗୀୟ ଅଧିକାରୀ ପରସ୍ପର ଉପରେ ଦୋଷାରୋପ କରିବାକୁ ପଛାଇ ନ ଥିଲେ। ଆସନ୍ତା ନଭେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ରାସ୍ତା ଓ ଡ୍ରେନ୍ ନିର୍ମାଣ ସହ ମରାମତି ସାରିବା ପାଇଁ ସଫା ସଫା ହାଇକୋର୍ଟ ଶୁଣାଇ ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ନିଜ ଇଚ୍ଛା ଅନୁସାରେ ସମୟସୀମା ଧାର୍ଯ୍ୟ କରିପାରିବ ନାହିଁ ବୋଲି ଗତ ଶୁଣାଣିରେ ସଫା ସଫା ଶୁଣାଇଥିଲେ ହାଇକୋର୍ଟ।

### ନଭେମ୍ବର ...

ସମ୍ପୃକ୍ତ ସମସ୍ତ ବିଭାଗ ତତ୍ପରତାର ସହିତ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଦୃଢ଼ ଆଶା ପୋଷଣ କରିଥିଲେ। ନିରବଚ୍ଛିନ୍ନ, ସୁରକ୍ଷିତ ଓ ଦେୟମୁକ୍ତ ବିଦ୍ୟୁତ ଯୋଗାଣ ଦିଗରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ କେନ୍ଦ୍ରାଞ୍ଚଳ ଆରଡିସି ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ବିଗତ ବର୍ଷ ଭଳି ଚଳିତ ବର୍ଷ ସମ୍ପୃକ୍ତ ସମସ୍ତେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ସହ ବାଲିଯାତ୍ରାକୁ ନୂତନ ଢଙ୍ଗରେ, ଶୃଙ୍ଖଳିତ ଭାବରେ ସଂଗଠିତ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବାଲିଯାତ୍ରାର ଐତିହ୍ୟକୁ ଉଦଭାସିତ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡଃ ଭବାନୀ ଶଙ୍କର ଚୟନୀ ରାସ୍ତାଘାଟ ମରାମତି, ବାଲିଯାତ୍ରା ପଡ଼ିଆର ଭିତିଭୂମି, ୱାଟକୋ ଦ୍ୱାରା ପାନୀୟଜଳ ଯୋଗାଣ, ଟିପିସିଓଡିଏଲ ଦ୍ୱାରା ଆଲୋକିକରଣ, ଓରମାସ ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ଆୟୋଜନ ଓ ଷ୍ଟଲ ସଂଖ୍ୟା ୪୦୦କୁ ବୃଦ୍ଧି କରିବା, ପର୍ଯ୍ୟଟନ ବିଭାଗ ପକ୍ଷରୁ ବାଲିଯାତ୍ରାକୁ ପର୍ଯ୍ୟଟନ ପଞ୍ଜିକାରେ ସ୍ଥାନୀତ କରିବା ଓ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ବିଜ୍ଞାପନ ମାଧ୍ୟମରେ ଏହାର ବ୍ୟାପକ ପ୍ରଚାର ପ୍ରସାର ଏବଂ ଏହି ଉତ୍ସବକୁ ଜାତୀୟସ୍ତରୀୟ ମାନ୍ୟତା ପ୍ରଦାନ ନିମନ୍ତେ ହେଉଥିବା ଉଦ୍ୟମକୁ ଦୃଷ୍ଟିରେ ରଖି ଲୋକସଂପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସଞ୍ଚାଳିତ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ସେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବିଶାଳ ଆୟୋଜନକୁ ଦୃଷ୍ଟିରେ ରଖି ଆର୍ଥିକ ଅନୁଦାନକୁ ଏଥି ନିମନ୍ତେ ବୃଦ୍ଧି କରିବା ଲାଗି ସେ ଅନୁରୋଧ କରିଥିଲେ। ସଂଗଠିତ କ୍ଷେତ୍ରରୁ ଅଧିକ ଯୋଗଦାନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି ଡଃ ଚୟନୀ ପ୍ରକାଶ କରିଥିଲେ।

### ଫେରିଗଲା ...

୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହିବ। ସେହିପରି ତଥାପି ତାତି ରହିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ଭାରତରୁ ବହୁଥିବା ପବନ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଛି। କିନ୍ତୁ ଉତ୍ତର-ପୂର୍ବ ନ ଆସିଲା ପର୍ଯ୍ୟନ୍ତ ରାଜ୍ୟରେ ଥଣ୍ଡା ପଡ଼ିବ ନାହିଁ। ସେହିପରି ୨୦ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଘନୀଭୂତ ହୋଇପାରେ। କିନ୍ତୁ ଏବେଠାରୁ ଏ ସମ୍ପର୍କରେ କହିବା କଷ୍ଟ। ବର୍ତ୍ତମାନ ଆରବ ସାଗରରେ ଗୁଜରାଟ ଉପକୂଳର ଦୂରରେ ଏକ ଗୁରୁଚାପ ଓ କର୍ଣ୍ଣାଟକର ଦୂରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗୁରୁଚାପ ଦୁର୍ବଳ ହେବା ପରେ ୧୮ ତାରିଖ ବେଳକୁ ଲଘୁଚାପ ଘନୀଭୂତ ହେବ। କିନ୍ତୁ ଏହାର ସିଧା ପ୍ରଭାବ ଓଡ଼ିଶାରେ ନାହିଁ।

### ଗାଁରେ ମିଳିବ ...

ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାଁ ରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ । ଗାଁ ରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ବ୍ୟାଙ୍କିଙ୍ଗ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ଗୁଡିକ ମଧ ସାମିଲ ହେବ। ଏହା ଆମର ଯୁବ ସମାଜ ପାଇଁ, ମା ମାନଙ୍କ ପାଇଁ, ଚାଷୀ ଭାଇ ଭଉଣୀ ମାନଙ୍କ ପାଇଁ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ। ଏହି ନୂଆ ଓଡିଶାରେ ଆମର ଭିତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

### ଖୋଲିଲା ...

ଚଳିତ ବର୍ଷ ଅକ୍ଟୋବର ୧୪ରୁ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲାଯାଇଛି। ଉକ୍ତ ଜୈବମଣ୍ଡଳରେ ପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ପାଇଁ ଆବଶ୍ୟକୀୟ ବାତାବରଣ, ସନ୍ତୁଳିତ ପରିବେଶ, ଭୌଗଳିକ ସ୍ଥିତିର ଭିନ୍ନତାରେ ପର୍ଯ୍ୟାପ୍ତ ସବୁଜିମା ବୃକ୍ଷରାଜି ରହିଛି। ଯେଉଁଥିପାଇଁ ଏହା ଭାରତର ବାଘ, ଏସୀୟହାତୀ ଓ ଗୟଳ ପରି ତିନି ପ୍ରଜାତି ପ୍ରାଣୀର ବୃହତ୍ତ ବାସସ୍ଥଳୀ ହୋଇପାରିଛି।ଏଥିସହିତ ଏହି ଜୈବମଣ୍ଡଳରେ ହଜାରେ ପ୍ରଜାତିର ସପୁଷ୍ପକ ଉଦ୍ଭିଦ ସହିତ ୯୪ ପ୍ରଜାତିର ଅର୍କିଡ୍ ଓ ବରେହିପାଣି, ଯୋରନ୍ଦା,ଉସକି, ଦେବକୁଣ୍ଡ, ସୀତାକୁଣ୍ଡ ଆଦି ଜଳପ୍ରପାତ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଚଳିତ ବର୍ଷ ଦୁଃସାହସିକ କ୍ରୀଡା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକେଲିଂ ଭଳି କିଛି ନୂଆ ଧରଣର କ୍ରୀଡାକୁ ସାମିଲ କରିଛନ୍ତି। ତାଛଡା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନ ସ୍ଥଳୀରେ ନେଚର ଗେମିଙ୍ଗର ସୁବିଧା କରାଯାଇଛି। ପର୍ଯ୍ୟଟକ ମାନେ ପ୍ରତି ଗାଡ଼ିରେ ଜଣେ ବିଭାଗୀୟ ଗାଇଡଙ୍କୁ ନିୟମ ଅନୁଯାୟୀ ସାଙ୍ଗରେ ନେବାକୁ ପଡ଼ିବ। ସେହିପରି ବୁଲାବୁଲି ସାରି ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ, ୪ଟା ପୂର୍ବରୁ ଚହଲା ଏବଂ ୫ଟା ବେଳକୁ ପ୍ରସ୍ଥାନ ଗେଟ ବାହାରକୁ ଆସିବାକୁ ନିର୍ଦ୍ଦେଶ ରହିଛି। କୌଣସି କାରଣବଶତଃ ଅଭୟାରଣ୍ୟ ମଧ୍ୟରେ ଗାଡ଼ି ଖରାପ ହେଲେ ପର୍ଯ୍ୟଟକ ମାନଙ୍କୁ ବାରିପଦା ଓ ଯଶୀପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଅଗ୍ରୀମ ୪ହଜାର ଟଙ୍କା ଜମା ଦେବାକୁ ନିୟମ ରହିଛି। ରାତ୍ରି ରହଣି ପାଇଁ କୋର ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡ଼ଗୁଡ଼ିଆ, ବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟୀର ବ୍ୟବସ୍ଥା ମଧ କରାଯାଇଛି। ରାତ୍ର ରହଣି ପାଇଁ ପର୍ଯ୍ୟଟକ ମାନେ ୱେବସାଇଟରେ ଅଗ୍ରୀମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସୁରକ୍ଷିତ ଭାବେ ପର୍ଯ୍ୟଟକ ଜଙ୍ଗଲ ପରିବେଶରେ କିପରି ଜଙ୍ଗଲୀ ବନ୍ୟଜନ୍ତୁଙ୍କ ଚଳ ପ୍ରଚଳକୁ ପାଖରୁ ନିରେଖି ଦେଖିପାରିବେ ସେଥିପାଇଁ ସତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଛି। ବିଶେଷକରି ଯୁବପିଢ଼ି ଓ ଛୋଟ ପିଲାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଦୁଃସାହସିକ କ୍ରୀଡାକୁ ଏଥିରେ ସାମିଲ କରାଯାଇଛି। ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ୍ର ମଧ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହା ସହିତ ଅଭୟାରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ଥିଲା। ଯାହା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ଚଳିତ ବର୍ଷ ପ୍ରକୃତିପ୍ରେମୀଙ୍କୁ କେତେ ଆକୃଷ୍ଟ କରୁଛି ତାହା ଦେଖିବାକୁ ବାକି ରହିଛି।

### ବିଦ୍ୟାଳୟର ...

ପ୍ରଥମ ମାସରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉକ୍ତ ବ୍ଲକ୍‌ର ସମସ୍ତ ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମ- ସ୍କୁଲ କ୍ଲବ୍, ହାଉସ୍ ସିଷ୍ଟମ୍ ପରିଚାଳନା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସହ ବିଦ୍ୟାଳୟର ଶୈକ୍ଷିକ ବିକାଶ ଦିଗରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ବ୍ଲକରେ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ପ୍ରଧାନଶିକ୍ଷକଙ୍କୁ ଶୈକ୍ଷିକ ବିକାଶ ଦିଗରେ ଦିଗଦର୍ଶନ ଦେଇଥିଲେ। ବୈଠକର ବିବରଣୀ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ପ୍ରଦାନ କରାଯାଇଥିଲା। ବୈଠକରେ କାର୍ଯ୍ୟନିର୍ବାହୀ ପରିଷଦର ଅଧ୍ୟକ୍ଷା, ବିଭାଗୀୟ ସଚିବ ଶ୍ରୀମତୀ ଅଶ୍ୱଥୀ ଏସ୍ ଆଗାମୀ ଦିନରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସୁଦ୍ଧା 'ମୋ ସ୍କୁଲ ଅଭିଯାନ' ଅଧୀନରେ ୮ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ ପୁରାତନ ଛାତ୍ରଛାତ୍ରୀ ଯୋଡି ହୋଇ ନିଜ ବିଦ୍ୟାଳୟ ବିଦ୍ୟାଳୟ ବିକାଶ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଗତ ଏକ ମାସରେ ୧୨ ହଜାରରୁ ଉର୍ଦ୍ଧ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ' ସହ ସାମିଲ୍ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ୫କୋଟି ୪୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନ ସହ 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଦୁଇଗୁଣା ସହାୟତା ରାଶିକୁ ମିଶାଇ ମୋଟ ୧୬କୋଟି ୪୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ୯୨୬ ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି।

## ଓଏଏସ୍ ସ୍ତରରେ ଅଦଳବଦଳ; ରୁଦ୍ରନାରାୟଣ ମହାନ୍ତି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ

**ଭୁବନେଶ୍ୱର :** ରାଜ୍ୟ ସରକାର ଓଏଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ଭାବେ ଦୁଇଟି ବିଜ୍ଞପ୍ତି ମାଧ୍ୟମରେ ଏହି ଅଦଳ ବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ରୁଦ୍ରନାରାୟଣ ମହାନ୍ତିଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ଓଏଏସ୍ ପ୍ରତାପ ଚନ୍ଦ୍ର ରାଉତଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଭୁବନେଶ୍ୱରର ପୂର୍ବତନ ଚକବନ୍ଦୀ କମିଶନର ଶ୍ରୀ ରାଉତ ଏବେ ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସେହିପରି ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ମାଇନର ମିନେରାଲସଙ୍କ ଯୁଗ୍ମ ନିର୍ଦ୍ଦେଶକ, ନେତ୍ରାନନ୍ଦ ମଲ୍ଲିକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ,ଶୁଭଶ୍ରୀ ରଥଙ୍କୁ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ, ଶିବଶଙ୍କର ମିଶ୍ରଙ୍କୁ ଜଗତସିଂହପୁରର ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଓ ପାର୍ଥସାରଥୀ ହାଁସଦାଙ୍କୁ ପୁରୀ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଖଣ୍ଡପଡ଼ାର ପୂର୍ବତନ ତହସିଲଦାର ଶ୍ରୀ ହାଂସଦାଙ୍କର ବଦଳିକୁ ବାତିଲ କରାଯାଇଛି। ତାଙ୍କୁ ବାଲେଶ୍ୱରର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଗୁଣୁପୁର ତହସିଲଦାର ଥିବା ଶରତ ଚନ୍ଦ୍ର ନାୟକ ରାୟଗଡ଼ା ଡେପୁଟି କଲେକ୍ଟର ଓ କୋରେଇ ପୂର୍ବତନ ବିଡିଓ ଥିବା ରଞ୍ଜନ କୁମାର ପରିଡ଼ାଙ୍କୁ ଗୋପ୍ ତହସିଲଦାର ଭାବେ ବଦଳି କରାଯାଇଛି।

## ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଛୁଟି ଉପରେ କଟକଣା;୧୦ ଦିନ ଆଗରୁ କରିବେ ଆବେଦନ

**ଭୁବନେଶ୍ୱର :** ଏଣିକି ମନ ଇଚ୍ଛା ଛୁଟି ନେଇପାରିବେନି ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି। କୁଳାଧିପତିଙ୍କ ବିନା ଅନୁମତିରେ ସେମାନେ ଛୁଟି ନେଇପାରିବେନି କିମ୍ବା ମୁଖ୍ୟାଳୟ ଛାଡିପାରିବେ ନାହିଁ। ଏ ନେଇ ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ଯଦି କୁଳପତି ଛୁଟି ନେବାକୁ ଚାହିଁବେ ତେବେ ୧୦ ଦିନ ଆଗରୁ କୁଳାଧିପତିଙ୍କୁ ଦରଖାସ୍ତ କରିବେ। ଆଉ ଯଦି ବ୍ୟକ୍ତିଗତ ଛୁଟିରେ ବିଶ୍ୱବିଦ୍ୟାଳୟ ଅର୍ଥକୁ ଖର୍ଚ୍ଚ କରି ପାରିବେ ନାହିଁ। କୁଳାଧିପତିଙ୍କ ବିନା ଅନୁମତିରେ ଗଲେ ଛୁଟିକୁ ଗ୍ରହଣ କରାଯିବ ନାହିଁ। କିନ୍ତୁ ଜରୁରୀ କାଳୀନ ସ୍ଥିତିରେ ଯାଇପାରିବେ। ଏହି ନିୟମ ପୂର୍ବରୁ ଲାଗୁ ହୋଇଥିଲା। ହେଲେ ନିୟମରେ ଅବମାନନା କରିବା ଯୋଗୁ କୁଳପତି ମାନଙ୍କୁ ପୁଣିଥରେ ଚିଠି କରାଯାଇଛି।

## ଜିଲ୍ଲାସ୍ତରୀୟ ମହକ କାର୍ଯ୍ୟକ୍ରମ



**ନବରଙ୍ଗପୁର :** ନବରଙ୍ଗପୁର ସ୍ଥାନୀୟ ବୈଭବ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମହକ -୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ହେଉଛି କି ବିଭିନ୍ନ ଶିଶୁ ଗୃହରେ ରହୁଥିବା ପିଲାମାନଙ୍କର ଲୁକାୟିତ ଥିବା କଳା ପ୍ରତିଭା ଯେପରି ନାଚ, ଗୀତ, ଚିତ୍ରାଙ୍କନ କୁ ସମସ୍ତଙ୍କ ପାଖରେ ପହଞ୍ଚେଇବା। ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ସୁରେଶ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏହି କାର୍ଯ୍ୟକ୍ରମର ଲକ୍ଷ ଉଦ୍ଦେଶ୍ୟ କହି ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ତାଙ୍କ ବକ୍ତବ୍ୟ ରଖିବା ପାଇଁ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଡ଼କ୍ଟର. କମଳ ଲୋଚନ ମିଶ୍ର ଉଦଘାଟନ କରିବା ସହ ପିଲା ମାନଙ୍କର ମନୋବଳ କୁ ଦୃଢ କରିବା ପାଇଁ ସେମାନଙ୍କୁ ଆହ୍ୱାନ କରିଥିଲେ ଏବଂ ପିଲାମାନଙ୍କ ପାଇଁ ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ ଏବଂ ପ୍ରସଂଶା କରିଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ମେଡିକାଲ ଅଧିକାରୀ ପିଲାମାନଙ୍କର ଆଗ୍ରହ କୁ ଦେଖି ସାଧୁବାଦ ଜଣାଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହା ହେଉଛି ନିଜର ପ୍ରତିଭା ଦେଖାଇବାର ଏକ ଜରିଆ। ଏଥିରେ ହାର ଜିତ ପାଇଁ କେହି ମନ ଖରାପ କରିବେନି। କାରଣ ଏଠି ସମସ୍ତେ ଜଣେ ଜଣେ ବିଜେତା, ଏଭଳି କହି ପିଲା ମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଶିଶୁ ବିଭିନ୍ନ ଶିଶୁଗୃହରୁ ଆସି ଭାଗନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଏସ.ଶୁଶ୍ରୀ, ଜିଲ୍ଲା ପୋଲିସ ଅଧିକ୍ଷକ, ଅନ୍ୟା ଦାସ, ପିଡି, ଡିଆରଡିଏ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଉପସ୍ଥିତ ରହି ପିଲାଙ୍କୁ ପୁରସ୍କାର ବିତରଣ କରିବା ସହ ସେମାନଙ୍କୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବକ୍ତବ୍ୟ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା; ଘରେ ଘରେ ବିକାଶର ବାର୍ତ୍ତା

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକରେ ଜୋନ ନଂ ୧ରେ ଅସ୍ତରଙ୍ଗ, ପାଟଳଦା, ଛୁରିଅନା, କୋରଣା, ଶିଶୁଅ, ମାଣ୍ଡୁକି, ସରିପୁର, କେନ୍ଦ୍ରାପାଟି ପ୍ରଭୃତି ପଞ୍ଚାୟତ ଗୁଡ଼ିକରେ ରବିବାର ଦିନ ବିଜେଡିର ଜନ ସମ୍ପର୍କ ପଦ ଯାତ୍ରା ଆରମ୍ଭ ହୋଇଛି। ଅସ୍ତରଙ୍ଗ ସ୍ଥିତ ସୁରେନ୍ଦ୍ର ନାୟକଙ୍କ ବାସଭବନରୁ ଜନ ସମ୍ପର୍କ ପଦ ଯାତ୍ରାର ଏକ ବିରାଟ ମଟର ସାଇକେଲ ପଟୁଆର ବାହାରିଥିଲା। ଯାତ୍ରା ସମୟରେ ବହୁ ମହିଳା ସଂଗଠନ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡି ଏବେ ସ୍ୱଚ୍ଛତା ଓ ବିକାଶକୁ ପ୍ରାଧାନ୍ୟ ଦେଇ ଘରେ ଘରେ ବିକାଶର ବାର୍ତ୍ତା ପହଞ୍ଚିଥିଲେ। ନବୀନଙ୍କ ଦିଲ୍ଲୀ ସମ୍ମାନକୁ ନେଇ କର୍ମୀ ଓ ନେତାମାନେ ଏବେ ବେଶ ଉତ୍ସାହିତ ହେଉଥିବା ଦେଖିବାକୁ ମିଳୁଛି। ଜୀବନ ବ୍ୟାପି ସାଧନା ସମ୍ମାନ ପାଇଁ ଦଳକୁ ଏକ ବଡ ସଫଳତାର ବଳ ଦେଇଛି। ନବୀନଙ୍କ ବ୍ୟକ୍ତିତ୍ୱ ସଫଳ ରାଜନୈତିକ ଯାତ୍ର ପାଇଁ କର୍ମୀମାନଙ୍କ ଦଳୀୟ ପ୍ରୀତି ଆହୁରି ଦ୍ୱିଗୁଣିତ ହୋଇଯାଇଛି। ବିଜେପି ଓ କଂଗ୍ରେସ ଆଉ ଦଳ ବିରୋଧୀ ମିଳିତ ମଞ୍ଚ ମାନେ ଏବେ ଆତଙ୍କିତ ହୋଇପଡିଛନ୍ତି।କାକଟପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ନେତୃତ୍ୱମାନଙ୍କୁ ନେଇ ଯେଉଁ ଭଳି ଭାବେ ସଙ୍ଗଠନକୁ ସୁଦୃଢ କରାଯାଉଛି ତାହା ନବୀନଙ୍କ ନେତୃତ୍ୱ ପ୍ରତି ବଳ ଯୋଗାଉଛି। ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଦକ୍ଷ ତଥା ବିଜେଡି ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ନାୟକ ପ୍ରମୁଖ ପଞ୍ଚାୟତକୁ ପଞ୍ଚାୟତ ଗ୍ରସ୍ତ କରି ବିଶେଷ ଭାବେ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସମାଧାନ ଦିଗରେ ଅଗ୍ରସର ହେଉଛନ୍ତି। ପଦଯାତ୍ରା ସମୟରେ ଦଳୀୟ କନ୍ଦଳ ଓ ଅସନ୍ତୋଷକୁ ପ୍ରତିହତ କରିବା ପାଇଁ ସମସ୍ତ ଚେଷ୍ଟା ଚଳାଇଛନ୍ତି। ଦୁଇ ନେତାଙ୍କ ଭୂମିକାକୁ କର୍ମୀମାନେ ଆଗ୍ରହର ସହିତ ଗ୍ରହଣ କରି ଦୃଢ଼ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି।ଏହି ପ୍ରରୀପ୍ରେକ୍ଷୀରେ କର୍ମୀ ଓ ନେତାମାନେ ଅସୁସ୍ଥ ଥିବା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଅନୁପସ୍ଥିତିକୁ ଅନୁଭବ କରୁଥିଲେ। ସୁରଙ୍କ ଦୀର୍ଘ ଦିନର ଅସୁସ୍ଥତା କାରଣରୁ ସେ ଆହୁତ ପଦଯାତ୍ରାରେ ଯୋଗ ଦେଇ ପାରୁ



ନାହାଁନ୍ତି। ତଥାପି ଅସୁସ୍ଥତା ମଧ୍ୟରେ ସୁର ନାୟକ ବିଭିନ୍ନ ସମୟରେ କର୍ମୀମାନଙ୍କୁ ଭେଟୁଥିବାର ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳୁଛି। ସୁରଙ୍କ ଅତୀତ ରାଜନୀତିର ରଣକୌଶଳକୁ ତୁଷାର ଆଉ ସ୍ୱାଧୀନ ଚତୁରତାର ସହିତ ବିରୋଧୀଙ୍କୁ ଦଳୀୟ ରଣକୌଶଳରୁ ଦୁରେଇ ରଖିବାକୁ ପ୍ରୟାସ ଜାରି କରିଛନ୍ତି। ନବୀନଙ୍କ ଆଶାତୀତ ସଫଳତାର ଶ୍ରେୟ ଯେମିତି ବିଜେଡି କର୍ମୀମାନେ ଭୁଲି ନ ଯାଆନ୍ତି ସେଥିପ୍ରତି ପଞ୍ଚାୟତ ସ୍ତରରେ ଜିଲ୍ଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ସଭ୍ୟା ୱାର୍ଡ ସଭ୍ୟ ସଭ୍ୟା ମାନେ କର୍ମୀମାନଙ୍କ ସହିତ ଯୋଡି ହୋଇ ରହିବାକୁ ଦଳୀୟ ପରାମର୍ଶ ଦିଆଯାଉଛି।ମହିଳାମାନଙ୍କୁ ବେଶ ଗୁରୁତ୍ୱ ଦିଆଯିବା ସହିତ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ଦାୟିତ୍ୱ ଦିଆଯାଉଛି। ନବୀନଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଓ ଜନସାଧାରଣଙ୍କ ସ୍ୱାର୍ଥ ଜଡ଼ିତ ଜନହିତକାରୀ ସାମୁହିକ ଯୋଜନାକୁ ସଫଳ ରୂପାୟନ ଦେବାପାଇଁ ମହିଳାମାନଙ୍କୁ ତଥ୍ୟ ଭିତ୍ତିକ ସମ୍ବଳିତର ବାର୍ତ୍ତା ପ୍ରଦାନ କରାଯାଉଛି। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ, ଯୁବ ନେତା ଋତୁରାଜ ରାଉତ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ,ବନିତା ବେହେରା, ଯୁବ ଜନତା ଦଳ ସଭାପତି, ସମିତି ସଭ୍ୟ ରାମଚନ୍ଦ୍ର ନାୟକ ସମବାୟ ବ୍ୟାଙ୍କ ସଭ୍ୟ କୁଞ୍ଜ ବିହାରୀ ପ୍ରଧାନ, ବିଜେଡି ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, ସମିତି ସଭ୍ୟା ମନ୍ଦାକିନୀ ଛାଟୋଇ, ଆରତୀ କାଣ୍ଡି,ରୁଦ୍ର ପ୍ରସାଦ ଲେଙ୍କାଙ୍କ ସମେତ ବିଜୁ ଛାତ୍ର ଜନତା, ବିଜୁ ଯୁବ ଜନତା ଓ ୨ ହଜାରରୁ ଅଧିକ କର୍ମୀ ପଦ ଯାତ୍ରାରେ ସାମିଲି ଥିଲେ। ପଦ ଯାତ୍ରା ପରେ ଜାହାନିଆ ପୀଠ ଠାରେ ଏକ ସାଙ୍ଗଠନିକ ବୈଠକ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ ପ୍ରସ୍ତାବ ମାନ ଗୃହୀତ ହୋଇଥିଲା।

# ସଂଗ୍ରାମର ସାରଥୀ; ସାରଙ୍ଗଧର



ପ୍ରେମାନନ୍ଦ ପାଣିଗ୍ରାହୀ

ଭାରତର ସ୍ୱାଧୀନତା ସଂଗ୍ରାମର ମହାନ ଗାଥା ଓ ବଳିଦାନର କଥା ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିଆସିଛି। ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ କିଏ ଜେଲରେ ବନ୍ଦୀ ହୋଇଥିଲେ ତ କିଏ ଲହୁଲୁହାଣ ହୋଇଥିଲେ। କିଏ ବି ନିଜ ଘରସଂସାର ତ୍ୟାଗ କରି ମାତୃଭୂମୀର ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିଥିଲେ।



ସାରଙ୍ଗଧର ଦାସ ଏମିତି ଜଣେ ସ୍ୱାଧୀନତା ସଂଗ୍ରାମୀ, ଯିଏକି ଦେଶ ସେବା ପାଇଁ ବିଦେଶିନୀ ପତ୍ନୀଙ୍କ ଠାରୁ ଦୂରାଇ ଯାଇଥିଲେ। ସାରଙ୍ଗଧର ଦାସ ୧୮୮୭ ମସିହା ଅକ୍ଟୋବର ୧୭ ତାରିଖରେ ଢେଙ୍କାନାଳ ଜିଲ୍ଲା ବୀରହରେକୃଷ୍ଣପୁର ଗ୍ରାମର ହରେକୃଷ୍ଣ ଦାସ ଓ ମାଣିକ୍ୟ ଦେବୀଙ୍କ କୋଳମଣ୍ଡନ କରିଥିଲେ। ବାପାମାଙ୍କର ସେଥିଲେ ପଞ୍ଚମ ସନ୍ତାନ। ଏଗାର ବର୍ଷ ବୟସରେ ସେ ବାପାଙ୍କୁ ହରାଇଥିଲେ। ବାଲ୍ୟକାଳରୁ ପ୍ରଚଣ୍ଡ ମେଧାଶକ୍ତିର ଅଧିକାରୀ ସାରଙ୍ଗଧର ୧୯୦୫ ମସିହାରେ ଢେଙ୍କାନାଳ ବ୍ରଜନାଥ ବଡଜେନା ହାଇସ୍କୁଲରୁ ମାଟ୍ରିକ ପାଶ୍ କରିବା ପରେ ରେଭେନସା କଲେଜରେ ଆଇ.ଏ ପଢିଲେ। ହଷ୍ଟେଲରେ ରହୁଥିବାବେଳେ ନୀଳକଣ୍ଠ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହରଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ସେମାନଙ୍କ ସଂସ୍ପର୍ଶରେ ଆସି ସାରଙ୍ଗଧର ସ୍ୱଦେଶୀ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ। ସେତେବେଳେ କଲିକତାର ଆସୋସିଏସନ ଫର ଦି ଆଡଭାନ୍ସ ଅଫ୍ ସାଂଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଏଡୁକେସନ ଫର ଇଣ୍ଡିଆନ୍ସ ନାମକ ଏକ ଅନୁଷ୍ଠାନ ବିଦେଶରେ ପଢିବାକୁ ଚାହୁଁଥିବା ଛାତ୍ରମାନଙ୍କୁ ଆର୍ଥିକ ସାହାଯ୍ୟ କରୁଥିଲା। ବିଦେଶରେ ଉଚ୍ଚ ଶିକ୍ଷା ପାଇଁ ସାରଙ୍ଗଧରଙ୍କର ଇଚ୍ଛା ଥିଲା। ଏହି ଅନୁଷ୍ଠାନ ସମ୍ପର୍କରେ ଜାଣିବା ପରେ ବିଦେଶରେ ପଢିବା ପାଇଁ ଆବେଦନ କଲେ। କିଛିଦିନ ଗୋପବନ୍ଧୁଙ୍କ ସହ ନୀଳଗିରି ହାଇସ୍କୁଲରେ ଶିକ୍ଷକତା କଲେ। ୧୯୦୭ ମସିହାରେ ସେ ଜାପାନ ଯାତ୍ରା କଲେ। ଜାପାନୀ ଭାଷା ବୁଝିବା ତାଙ୍କ ପକ୍ଷରେ କଷ୍ଟକର ଥିଲା ତେଣୁ ଆମେରିକାରେ ଥିବା ଭାରତୀୟ ସାଙ୍ଗମାନଙ୍କ ପରାମର୍ଶ କ୍ରମେ ସାରଙ୍ଗଧର ଆମେରିକାରେ ପଢିବାକୁ ମନସ୍ଥ କଲେ। ଉତ୍କଳ ସମ୍ମିଳନୀର ସମ୍ପାଦକ ଗୋକୁଳାନନ୍ଦ ଚୌଧୁରୀଙ୍କ ସହଯୋଗରେ ଆମେରିକାରେ କୃଷି ଓ ରସାୟନ ବିଜ୍ଞାନରେ ପାଠ ପଢିଲେ। ଆମେରିକାରେ ଥିବା ସମୟରେ କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଫ୍ରିଡା ହାଉସରିଡଙ୍କୁ ବିବାହ କରିଥିଲେ। ଗବେଷଣା ଶେଷ ହେବା ବେଳକୁ ସାରଙ୍ଗଧର ହାନୋଇ ଦ୍ୱିପର ଏକ ଗବେଷଣାଗାରରେ ନିଯୁକ୍ତି ପାଇଲେ। ଆମେରିକାର ଅର୍ଥସର୍ବସ୍ୱ ଜୀବନଶୈଳୀ ତାଙ୍କୁ ପ୍ରଲୋଭିତ କରିପାରିଲା ନାହିଁ। ମାତୃଭୂମିର ମମତା ତାଙ୍କୁ ବାରମ୍ବାର ସ୍ୱଦେଶାଭିମୁଖୀ କଲା।

୧୯୨୦ ମସିହାରେ ଆମେରିକାରୁ ଫେରି ସାରଙ୍ଗଧର କିଛି ବର୍ଷ ବମ୍ବେ,ସିଙ୍ଗାପୁର,ମାନ୍ଦ୍ରାଜ ଓ ଚେନ୍ନାଇର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ନିର୍ଦ୍ଦେଶକ ରୂପେ କାର୍ଯ୍ୟ କରିଥିଲେ। ନିଜ ଜନ୍ମସ୍ଥାନ ଢେଙ୍କାନାଳରେ ଏକ ଚିନି କଳ ସ୍ଥାପନ ପାଇଁ ସେ ପସ୍ତୁତି କଲେ। ଏଥିପାଇଁ ବିଦେଶରୁ ବହୁ ଯନ୍ତ୍ରପାତି ମଗାଇଥିଲେ। ନିଜ ଗାଁରେ ଏକ ବୃହତ ବଗିଚା କରି ତହିଁରେ ହିମାଚଳରୁ ସୀମାଚଳ ପର୍ଯ୍ୟନ୍ତ ଅନେକ ସ୍ଥାନରୁ ନାନା ପ୍ରକାର ବୃକ୍ଷଲତା ଆଣି ଲଗାଇଥିଲେ। ଢେଙ୍କାନାଳ ରାଜାଙ୍କ ସହ ମତପାର୍ଥକ୍ୟ ଯୋଗୁଁ ଚିନି ଶିଳ୍ପ ପ୍ରତିଷ୍ଠା ଅଧାରେ ଅଟକିଲା। ସେସମୟରେ ଗଡଜାତ ଶାସନ ବ୍ୟବସ୍ଥାକୁ ପ୍ରଜାମାନେ ଅନ୍ଧାରୀ ଶାସନର ଆଖ୍ୟା ଦେଇଥିଲେ। ପ୍ରଜାମାନଙ୍କୁ ରାଜାମାନେ ବେଠି,ବେଗାରୀ ଖଟାଉଥିଲେ। ବିଭିନ୍ନ ପ୍ରକାର କର ବସାଉଥିଲେ। ଗଡଜାତ ଶାସନ ଦୂର ନହେଲେ ଲୋକମାନଙ୍କର କୌଣସି ଉନ୍ନତି ଯେ ସମ୍ଭବ ନୁହେଁ ତାହା ସାରଙ୍ଗଧର ଅନୁଭବ କରିପାରିଥିଲେ। ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ଗଡଜାତର ପ୍ରଜାମାନଙ୍କୁ ମେଳି କରି ପ୍ରଜାମଣ୍ଡଳ ଗଠନ କରି ଏହାର ନେତୃତ୍ୱ ନେଲେ। ସାରଙ୍ଗଧରଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଏକ ଲଢୁଆ ବାହିନୀରେ ପରିଣତ ହୋଇଥିଲା। କୃଷକମାନଙ୍କୁ ସଙ୍ଗଠିତ କରି କୃଷକ ଆନ୍ଦୋଳନ କଲେ। କୃଷକ ପତ୍ରିକା ଆନ୍ଦୋଳନକୁ ବ୍ୟାପକ କରିବାରେ ସହାୟକ ହେଲା। ହରେକୃଷ୍ଣ ମହତାବ,ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଗୌରାଙ୍ଗ ଦାସ, ପବିତ୍ରମୋହନ ପ୍ରଧାନ ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତିମାନେ ପ୍ରଜାମଣ୍ଡଳ ଆନ୍ଦୋଳନର ବହ୍ନିକୁ ପ୍ରଜ୍ଜଳିତ କଲେ। ଓଡିଶାରେ ଗଡଜାତ ସମ୍ମିଳନୀର କାର୍ଯ୍ୟକ୍ରମକୁ ସୁଦୃଢ କରିବା ପାଇଁ ସବୁ ଗଡଜାତର ନେତୃବୃନ୍ଦଙ୍କୁ କଟକ ଟାଉନହଲକୁ ନିମନ୍ତ୍ରଣ କରିଥିଲେ। ୧୯୩୭ ମସିହା ଜୁନ ୨୩ ଓ ୨୪ ତାରିଖ ଦୁଇ ଦିନ ନିଖିଳ ଭାରତ ଗଡଜାତ ପ୍ରଜା ସମ୍ମିଳନୀ ପଟ୍ଟାଭି ସିତାରାମୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଲା। ଏହି ଜାତୀୟ ସମ୍ମିଳନୀର ସଭାପତି ଭାବରେ ବଳବନ୍ତ ରାୟ ମେହେଟ୍ଟା ଓ ସମ୍ପାଦକ ଭାବରେ ସାରଙ୍ଗଧର ଦାସ ମନୋନୀତ ହେଲେ। ଗଡଜାତରରାଜାମାନଙ୍କ ବିରୋଧରେ ପ୍ରଜାମାନେ ପ୍ରକାଶ୍ୟ ବିଦ୍ରୋହ କରିବାକୁ ସାରଙ୍ଗଧର ସଂଗ୍ରାମୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ଗଡଜାତ ଆନ୍ଦୋଳନକୁ ଜାତୀୟ କଂଗ୍ରେସ ସହ ସାମିଲ କରି ଭାରତୀୟ ମୁକ୍ତି ସଂଗ୍ରାମରେ ଯୋଗ ଦେଲେ। ୧୯୪୨ ଓ ୧୯୪୫ ରେ ସେ ଦୁଇ ଥର ବନ୍ଦୀ ହୋଇଥିଲେ। ସ୍ୱାଧୀନତା ପୂର୍ବରୁ ଦେଶୀୟ ରାଜ୍ୟ ମିଶ୍ରଣ ପାଇଁ ଯେଉଁ କେତେ ଜଣ ଜନନେତା ଅପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ସାରଙ୍ଗଧର ଥିଲେ ଅନ୍ୟତମ।



ସମାଜ ସେବା ସାରଙ୍ଗଧରଙ୍କର ରାଜନୈତିକ ଜୀବନର ଲକ୍ଷ୍ୟ ଥିଲା। ୧୯୪୭ ମସିହାରେ ସେ ଜଗତସିଂହପୁରର ତିର୍ତ୍ତୋଲ-ଏରସମା ବିଧାନସଭା ଆସନରୁ ନିର୍ବାଚିତ ହୋଇ ବିଧାନସଭାକୁ ଯାଇଥିଲେ। କେତେକ ମୌଳିକ ନୀତିଗତ ପାର୍ଥକ୍ୟ ଯୋଗୁଁ ସେ କଂଗ୍ରେସ ଦଳ ତ୍ୟାଗ କରିବା ସହ ସ୍ୱତଃ ଭାବେ ବିଧାନସଭା ଓ ପ୍ରତ୍ୟେକ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ ସୋସିଆଲିଷ୍ଟ ଦଳରୁ ପ୍ରାର୍ଥୀ ହୋଇ ସାରଙ୍ଗଧର ୧୯୫୨ ମସିହାରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ସାଂସଦ ଭାବେ ପ୍ରତିନିଧିତ୍ୱ କରିଥିଲେ। ସେତେବେଳେ ସେ ସୋସିଆଲିଷ୍ଟ ଦଳର କେନ୍ଦ୍ରୀୟ ଉପ-ସଭାପତି ଓ ଜଣେ ଦକ୍ଷ ସାଂସଦ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏଥି ପୂର୍ବରୁ ସେ ଭାରତର ସମ୍ବିଧାନ ଶାସନ ବିଧାୟକ ସଭାକୁ ଓଡିଶାର ପ୍ରତିନିଧିତ୍ୱ କରିଥିଲେ। ୧୯୫୬ ମସିହାରେ ଐତିହାସିକ ସୀମା ଆନ୍ଦୋଳନରେ ପଣ୍ଡିତ ଗୋଦାବରୀଶ ମିଶ୍ର, ସୁରେନ୍ଦ୍ରନାଥ ଦ୍ୱିବେଦୀ,ବିଶ୍ୱନାଥ ପଣ୍ଡିତ,ମାଳତୀ ଚୌଧୁରୀ ପ୍ରମୁଖଙ୍କ ସହ ଅଂଶଗ୍ରହଣ କରି ସତ୍ୟାଗ୍ରହୀ ଭାବରେ ବନ୍ଦୀ ହୋଇଥିଲେ। ଓଡିଆ ଜାତିର ଗର୍ବ ଓ ଗୌରବ ସାରଙ୍ଗଧରଙ୍କ ଜୀବନ ଦୀପ ୧୯୫୭ ମସିହା ସେପ୍ଟେମ୍ବର ୧୮ ତାରିଖରେ ଲିଭି ଯାଇଥିଲା। ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସାରଙ୍ଗଧର ସମସ୍ତ ସମ୍ପତ୍ତିକୁ ସର୍ବସାଧାରଣଙ୍କ ହିତ ପାଇଁ ଓ ଗଣତାନ୍ତ୍ରିକ ସମାଜବାଦୀ ଆନ୍ଦୋଳନର ପ୍ରସାର ପାଇଁ ଦାନ କରି ଦେଇଥିଲେ।

*ଭୁବନ,ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

# ବିଣ୍ଟାଏ ସ୍ମୃତିରୁ କେଣ୍ଟାଏ କୃତି

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ଶରୀର ଅନିତ୍ୟ। ଆତ୍ମା ଅମର, ଧନ ମଧ୍ୟ ଚିରସ୍ଥାୟୀ ନୁହେଁ। ମୃତ୍ୟୁର କରାଳ ଦୃଶ୍ୟ ଅହରହ ପ୍ରକଟିତ। ଏହାରି ମଧ୍ୟରେ କିଛି ଧର୍ମ ଓ ପୁଣ୍ୟ କାର୍ଯ୍ୟ କରିପାରିଥିବାରୁ ଖୋରଧା ଭୂଖଣ୍ଡରେ ପ୍ରାତଃ ସ୍ମରଣୀୟ ଓଡ଼ିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର ଚିର ବନ୍ଦିତ। ନିଜର ଈଶ୍ୱରଦତ୍ତ ପ୍ରତିଭା ଦ୍ୱାରା ଅନେକ ପ୍ରବନ୍ଧ ଓ କବିତା ରଚନା କରି ସେ ଓଡ଼ିଆ ଭାଷାକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିଛନ୍ତି। ହେଲେ ଜଣେ ସ୍ୱଧର୍ମାଶ୍ରୟୀ ଭାବେ ସେ ଯେଉଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି, ତାହା ଓଡ଼ିଆ ସାହିତ୍ୟ ପାଇଁ ମାଇଲଖୁଣ୍ଟ ହୋଇ ରହିଛି। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ସାଧୁତା ଓ ନୈତିକତା ସହିତ ସେ କେବେ ସାଲିସ କରି ନଥିଲେ। ଚାକିରି କାଳରେ ଅସତ୍ ଉପାୟରେ ଅର୍ଥ ଉପାର୍ଜନ ନକରି ସମ୍ମାନର ସହ ବଞ୍ଚିବା ପାଇଁ ସେ ଇଚ୍ଛା ପୋଷଣ କରିଥିଲେ।

ସାଧାରଣ ଲୋକଙ୍କ ଧାରଣା ରହିଛି ଯେ ପ୍ରତିଭାବାନ ଲୋକଙ୍କ ପାଖରେ ସାଧାରଣତଃ ଟିକେ ବ୍ୟତିକ୍ରମ ଦେଖିବାକୁ ମିଳେ। ସେମାନେ ସ୍ୱାଭାବିକ ଭାବେ ବଞ୍ଚିବା ପ୍ରାୟ ସେମାନଙ୍କ ଜାତକରେ ନାହିଁ। ସେମାନେ ଯାହା କଲେ ବି ତାଙ୍କୁ ସାତ ଖୁଣ ମାଫ ନ୍ୟାୟରେ ତାଙ୍କର ପ୍ରତିଭା ତାଙ୍କ ଖାମଖିଆଲିକୁ ଘୋଡ଼ାଇ ଦେଇଥାଏ। କିନ୍ତୁ ଯେଉଁ କ୍ୱଚିତ ମଣିଷ ପ୍ରତିଭାବାନ ହୋଇ ମଧ୍ୟ ମହତ ଜୀବନ ବିତାଇଛନ୍ତି ସେମାନଙ୍କ ମଧ୍ୟରୁ ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର ଅନ୍ୟତମ।

ପ୍ରଫେସର ମିଶ୍ର ଖୋରଧା ସହର ଠାରୁ ଦକ୍ଷିଣକୁ ମାତ୍ର ୭କିମି ଦୂର ବାଜପୁର ଗ୍ରାମର ଗୋଟିଏ ସଂଗ୍ରାମୀ ପରିବାରରେ ଜନ୍ମ ନେଇଥିଲେ। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁଁ ଛାତ୍ର ଜୀବନରେ ସେ ଭଲ କୁର୍ତ୍ତା ଖଣ୍ଡିଏ ମଧ୍ୟ ପିନ୍ଧି ପାରି ନଥିଲେ। ଅଭାବବୋଧ କେବେ ବି ତାଙ୍କ ପିଛା ଛାଡ଼ି ନଥିଲା। ଏପରି ଅବସ୍ଥାରେ ଥାଇ ସୁଦ୍ଧା ସେ କେବେ ଅନ୍ୟ ପାଖରେ ନିଜର ଦାରିଦ୍ର୍ୟ ବଖାଣି ସାହାଯ୍ୟ ପାଇବାକୁ ଚେଷ୍ଟା ହିଁ କରିନାହାନ୍ତି। ତାଙ୍କ ପିତା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ଖ୍ୟାତନାମା କବି ଡ଼ଃ ମାୟାଧର ମାନସିଂହଙ୍କ ଅଧୀନରେ କଟକରେ ଓଡ଼ିଆ ଜ୍ଞାନକୋଷ ବିଭାଗରେ କାର୍ଯ୍ୟ କରୁଥିବାବେଳେ ମୁଁ ତାଙ୍କର ସହକର୍ମୀ ଥିଲି। ପଣ୍ଡିତ ମିଶ୍ର ଭାରତ ଛାଡ଼ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ଜଣେ ସଚ୍ଚା ଦେଶସେବୀର ପରିଚୟ ଦେଇଥିଲେ। ଅନ୍ୟପକ୍ଷରେ ପ୍ରଫେସର ମିଶ୍ର ଜଣେ ଯୋଗ୍ୟ ପିତାର ସୁଯୋଗ୍ୟ ସନ୍ତାନ ବୋଲି ମୁଁ ଭାବେ। ଆଦର୍ଶମୟ ପିତା ଓ ସ୍ନେହମୟୀ ଜନନୀ ଉଭୟଙ୍କ ନାମ ବହନ କରି ତାଙ୍କ ନାମ 'ଲକ୍ଷ୍ମୀନାରାୟଣ' ହୋଇଥିଲା।

ପ୍ରଫେସର ମିଶ୍ର ଜୀବନରେ ବହୁ ଦୁଃଖ ଭୋଗିଛନ୍ତି, ଅପମାନ ସହିଛନ୍ତି କିନ୍ତୁ ନିଜର ବିବେକାନୁମୋଦିତ ମାର୍ଗରୁ ତିଳେମାତ୍ର ବିଚ୍ୟୁତ ହୋଇ ନାହାନ୍ତି କି ନୀତିଭ୍ରଷ୍ଟ ହୋଇ ନାହାଁନ୍ତି। ଜୀବନର ଅନେକ ପାହାଚରେ ସେ ନିଜର ସ୍ପଷ୍ଟବାଦିତା, ଅନମନୀୟତା, ଦୃଢ଼ବ୍ୟକ୍ତିତ୍ୱ, ଉଦାରତା ଓ ସାହାଯ୍ୟ ମନୋଭାବର ଉତ୍କୃଷ୍ଟ ନମୁନା ଛାଡ଼ି ଯାଇଛନ୍ତି।

ଏକଦା ନିଶ୍ଚିତତାକୁ ପାଦରେ ଠେଲି ଅନିଶ୍ଚିତତାକୁ ଆପଣାଇ ସେ ଉଚ୍ଚ ଆଦର୍ଶ ସୃଷ୍ଟି କରିଥିଲେ। ବାଜପୁର ହାଇସ୍କୁଲରେ ଶିକ୍ଷକତା କରୁଥିବାବେଳେ ନିଜର ପ୍ରତିଭା ତଥା ଦକ୍ଷତା ବଳରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ



ନାଥଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ତାଙ୍କ ପରାମର୍ଶ କ୍ରମେ ଶ୍ରୀ ମିଶ୍ରଙ୍କୁ ବୋଲଗଡ଼ସ୍ଥିତ ପରମାନନ୍ଦ କଲେଜ ଅଫ ଏଜୁକେଶନରେ ଅଧ୍ୟାପକ ରୂପେ ଯୋଗ ଦେବାକୁ ପଡ଼ିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଗୁରୁଜଙ୍ଗସ୍ଥିତ ଶିକ୍ଷକ ମହାସଂଘ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବାକୁ ପଡ଼ିଲା। ହେଲେ ସରକାରଙ୍କ ବିଚିତ୍ର ନିଷ୍ପତ୍ତି ଯୋଗୁଁ ତାଙ୍କୁ ପରିଣତ ବୟସରେ ପୁଣି ଚାକିରୀ ଖୋଜିବାକୁ ପଡ଼ିଲା। ଶିକ୍ଷକଙ୍କ ସମସ୍ୟା ନେଇ ସର୍ବଦା ଶିକ୍ଷକ ମହାସଂଘ ସରକାରଙ୍କୁ ବିରୋଧ କରୁଥିବାରୁ ସବୁଦିନ ପାଇଁ ଏହି ସଂସ୍ଥାକୁ ହଟାଇଦେଲେ ଏଭଳି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ଭାବି ସରକାର ଏହି ସଂସ୍ଥାକୁ ସବୁଦିନ ପାଇଁ ବନ୍ଦ କରିଦେଲେ। ଫଳରେ ପ୍ରଫେସର ମିଶ୍ର ବାଧ୍ୟହୋଇ ମହିଳା ମହାବିଦ୍ୟାଳୟରେ ଯୋଗ ଦେଇଥିଲେ।

ବ୍ୟକ୍ତିଗତ ଭାବେ ସେ ସରଳ ଥିବାବେଳେ ନିରାଡ଼ମ୍ବର ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ନିଜ ଦ୍ୱାରା ଯେତେ ଦୂର ସମ୍ଭବ ଶାରିରୀକ ଓ ମାନସିକ ପରିଶ୍ରମ କରି ଯାହା ଅର୍ଜନ କରୁଥିଲେ ସେଥିରେ ସନ୍ତୁଷ୍ଟ ରହୁଥିଲେ। କୌଣସି ସ୍ୱାର୍ଥ ହାସଲ ପାଇଁ ଅଯଥାରେ କାହା ସହ ବିବାଦ କରିବାକୁ ସେ କେବେ ବି ଇଚ୍ଛା ପୋଷଣ କରି ନଥିଲେ। ଅନ୍ୟପକ୍ଷରେ ଜନ୍ମମାଟି ବାଜପୁରରେ ପ୍ରତିକୂଳ ପରିସ୍ଥିତିରେ

ସେ ବାଳିକା ବିଦ୍ୟାଳୟଟିଏ ପ୍ରତିଷ୍ଠା କରିଥିଲେ।

କହିବାକୁ ଗଲେ, ସେ ଏକାଧାରରେ ଜଣେ ଶିକ୍ଷାବିତ୍, ସଂଗଠକ, ସାରସ୍ୱତ ସାଧକ ଓ ସମାଜସେବୀ ଥିଲେ। ଜଣେ ସାଧାରଣ ମନୁଷ୍ୟ ଭାବେ ସେ ଯେଉଁ ମହତ ଜୀବନ ବିତାଇଛନ୍ତି ତାହା ତାଙ୍କ ପ୍ରତିଭା ଠାରୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ଦାବି କରେ। କାହିଁକି ନା ଗୋଟିଏ ଭଲ ମଣିଷ ଭାବେ ବଞ୍ଚିବା ଆଜିକାଲି ନୁହେଁ ସବୁ ସମୟରେ ଅତ୍ୟନ୍ତ କଷ୍ଟକର ବ୍ୟାପାର।

ଶ୍ରୀ ମିଶ୍ରଙ୍କ ସମସ୍ତ ସ୍ମୃତି ବିଜଡ଼ିତ ଦିନଗୁଡ଼ିକର ଘଟଣାବଳୀକୁ କ୍ଷୁଦ୍ରାୟତନ ମଧ୍ୟରେ ଲେଖି ହେବ ନାହିଁ। ଫୁଟୁଥିବା ଭାତହାଣ୍ଡିରୁ ଗୋଟିଏ ବା ଦୁଇଟି ଅନ୍ନ ଆଣି ପରୀକ୍ଷା କଲେ, ଭାତର ପରିପକ୍ୱତା ଜଣାପଡ଼େ।

ସେମିତି ଛୋଟ ଘଟଣାଟିଏ। ଯାହା ଏ ପର୍ଯ୍ୟନ୍ତ ମନଛୁଆଁ ହୋଇ ରହିଥିବାରୁ ତାହାର ଅବତାରଣା କରୁଛି। ଆଗକୁ ଥାଏ ମହାଳୟା ଶ୍ରାଦ୍ଧ। ସେ ମଉକାରେ ବ୍ୟବସାୟୀମାନେ ପରିବା ଦର ଟିକେ ଉଚ୍ଚା କରିଦେଇଥାନ୍ତି। ଶ୍ରାଦ୍ଧ ପାଇଁ ନିହାତି ଦରକାର ସାରୁ, କଞ୍ଚାକଦଳୀ, ଖମ୍ବଆଳୁ ଆଦିର ଦର ଢ଼େର ଅଧିକ ହୋଇଥାଏ। ସେଦିନ ଘର ପାଇଁ ତାଙ୍କର ପରିବା କିଣା ସରିଥାଏ। ସାଇକଲ ହ୍ୟାଣ୍ଡଲରେ ବ୍ୟାଗଟି ଓହଳାଇ ଫେରୁଥାନ୍ତି। ଏହି ସମୟରେ ନିହାତି ଗାଉଁଲି ମଳିମୁଣ୍ଡିଆ ଲୋକଟିଏ ପଚାରିଲା ବାବୁ, ସାରୁ କେତେରେ କିଣିଲେ? ଛୋଟ ଉତ୍ତରଟିଏ ଦେଲେ, ଦର ଡ଼ବଲ ହୋଇଯାଇଛି। ଲୋକଟି କହିଲା, ଏଥିରେ ଆମେ ପିତୃପୁରୁଷଙ୍କୁ କି ଶ୍ରାଦ୍ଧ ଦେବୁ? - କେତେ ସାରୁ ଦରକାର ଥିଲା? - ଆପଣ ଯାଆନ୍ତୁ, ଏ ସାଲ ବୋଧେ ଶ୍ରାଦ୍ଧ ଦିଆଯାଇପାରିବନି। - ଟିକେ ଶୁଣନ୍ତୁ, ଆମ ପରିବାରରେ ଲୋକ କମ୍। ଘରେ ପରିବା କିଛି ଥିଲା। ଏଣୁ ମୁଁ ଯେଉଁ ପରିବା ଆଣିଛି, ସେଥିରୁ କିଛି ନିଅନ୍ତୁ। - ନାହିଁ ବାବୁ ଥାଉ। - ଥିବ କାହିଁକି? ତମ ଶ୍ରାଦ୍ଧ ହେବ ଆମ ଶ୍ରାଦ୍ଧ ବି ହେବ। ନିଅ, ମନା କରନାହିଁ। ମୁଣିରୁ କିଣିଥିବା ସବୁ ପରିବା ସେ ଲୋକଟିର ଗାମୁଛା କାନିରେ ଢ଼ାଳି ଦେଲେ ଶ୍ରୀ ମିଶ୍ର। ସେଦିନ ମୁଁ ପାଖରେ ଥିଲି। ପଚାରିଲି - ଆପଣ ପରିବା ନେବେନି? - ହଁ ସେ ଖୁସି ହେଲା ତ। ୨୦/୨୫ ଟଙ୍କାର ପରିବା ମାତ୍ର। ସେତିକି ଟଙ୍କାରେ ତା'ର ଶ୍ରାଦ୍ଧ କାମ ଚଳିଗଲା, ତାହାଲେ ଆମେ ଆଉ କିଣିଦେଲେ ଚଳିବ ନି କି? ବିସ୍ମିତ ହେଲି। ଅଜବ ଏ ମଣିଷ। ଚଢ଼େଇ ପେଟର ଭୋକ ଚିହ୍ନିଲା ବାଲା। ଏମିତି ଅନେକ ଘଟଣା। ସବୁ ଲେଖି ବସିଲେ ଗ୍ରନ୍ଥଟିଏ ହେବ। ଆଜି ସମାଜରେ କାହାଁନ୍ତି, ସେଭଳି ଲୋକ। ଦେହ ସିନା ମାଟିରେ ମିଶିଯାଇଛି। ମୁହଁଟି ଏବେ କିନ୍ତୁ ଜଳଜଳ ହୋଇ ଦେଖାଯାଉଛି।

*ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ*
*ଜେଲ ରୋଡ଼, ଖୋରଧା*

# ଇନ୍ଦ୍ରାବତୀ ପ୍ରକଳ୍ପ ଜଳ ଭଣ୍ଡାର ଅଞ୍ଚଳରେ ସିସିଟିଭି କ୍ୟାମେରା ଲାଗିବ କେବେ ?

**ନବରଙ୍ଗପୁର:** ଅପରାଧିଙ୍କ ଗତିବିଧି ଉପରେ ନଜର ରଖିବା, ଗଞ୍ଜେଇ ଚୋରା କାରବାର ରୋକିବା, ପର୍ଯ୍ୟଟକଙ୍କ ସୁରକ୍ଷା, ନକ୍ସଲଙ୍କ ଗତିବିଧି ଉପରେ ନଜର ପାଇଁ ସିସିଟିଭି କ୍ୟାମେରାର ଆବଶ୍ୟକତା ରହିଛି। ଅପରାଧ ରୋକିବା ଜଳଭଣ୍ଡାରର ସୁରକ୍ଷା ସହ ପର୍ଯ୍ୟଟନ ଋତୁରେବ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୋଲାବ ଜଳଭଣ୍ଡାରରେ ୩୨ଟି ସିସିଟିଭି କ୍ୟାମେରା ଲାଗିଥିବା ବେଳେ ସେହି ଗୋଟିଏ ମୁଖ୍ୟଯନ୍ତ୍ରୀ ଇନ୍ଦ୍ରାବତୀ ଓ କୋଲାବ ବେସିନ ଅଧୀନରେ ଥିବା ଇନ୍ଦ୍ରାବତୀର କୌଣସି ବନ୍ଧ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗା ନ ଯିବାର କାରଣ କ'ଣ? ମୁରାନ ବନ୍ଧ, କପୁର ବନ୍ଧ, ପୋଡ଼ାଗଡ଼ ବନ୍ଧ ତଥା ଦେଓପାଲି ବନ୍ଧ ୪୮ କିମି ବ୍ୟାସାର୍ଦ୍ଧରେ ଥିବା ଚାରି ବନ୍ଧର ସୁରକ୍ଷା କିଛି ଲାଠି ଓ ଅଳ୍ପ ସଂଖ୍ୟକ ଗନ ମ୍ୟାନ ସୁରକ୍ଷା କର୍ମୀଙ୍କ ଭରସାରେ, ତା' ପୁଣି ଘରୋଇ ସୁରକ୍ଷା ସଂସ୍ଥା ପରିଚାଳନାରେ। ଜଳ ଭଣ୍ଡାର ଅଞ୍ଚଳରେ ଆତ୍ମହତ୍ୟା ଠୁଁ ଆରମ୍ଭ କରି ହତ୍ୟା କାଣ୍ଡ ଘଟିଥିବା ନଜିର ରହିଛି। ବନ୍ଧ ପାର୍ଶ୍ୱ ବର୍ତ୍ତୀ ଅଞ୍ଚଳରେ କିଛି ଶବ ମିଳିଛି ଚିହ୍ନଟ କରିବା କଷ୍ଟ ହେବା ସହ ହତ୍ୟା କି ଆତ୍ମହତ୍ୟା ଜଣାପଡିନି। ସହଜରେ ଡ୍ୟାମ ଅଞ୍ଚଳରେ କୌଣସି ମୋବାଇଲ ସେବା ମିଳୁନି, ଉଚ୍ଚ ସ୍ଥାନକୁ ଗଲେ ମୋବାଇଲ ସେବା ମିଳିପାରୁଛି। କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ବନ୍ଧ ଗୁଡିକର ସୁରକ୍ଷା କଣ କିଛି ହାତଗଣତି ସୁରକ୍ଷାକର୍ମୀ କରି ପାରିବେ। ମୁରାନ ବନ୍ଧ, ଦେଓପାଲି ବନ୍ଧ ଅଞ୍ଚଳରେ ଥିବା ପାର୍କକୁ ପର୍ଯ୍ୟଟକ ଆସିଥାନ୍ତି। ସେହିଭଳି ଦେଓପାଲି ବନ୍ଧ ପାର୍ଶ୍ୱ ରାସ୍ତା ତଳନାଗି ଗ୍ରାମବାସୀଙ୍କ ତେନ୍ତୁଳିଖୁଣ୍ଟିକୁ ଯିବା ରାସ୍ତା। ପୋଡ଼ାଗଡ଼



ବନ୍ଧ ଦେଇ ବାହାଡ଼ା ଘାଟ ବାସୀଙ୍କ ତଥା ଜଳବନ୍ଦୀ ଉଭୟ କଳାହାଣ୍ଡି (ପୋଡ଼ାପଦର ଗ୍ରାମ ପଞ୍ଚାୟତ) ଓ ନବରଙ୍ଗପୁର (ମଞ୍ଚଗାଁ) ବାସୀଙ୍କ ଡଙ୍ଗା ଘାଟ ରାସ୍ତା। ପୋଡ଼ାଗଡ଼ ବନ୍ଧ ଜଳଭଣ୍ଡାର ଘାଟରେ ୧୦୮ ବୋଟ ଆମ୍ବୁଲାନ୍ସ ରହୁଛି। ଏଣୁ ସାମଗ୍ରିକ ଭାବେ ସୁରକ୍ଷା ପାଇଁ ଚାରି ବନ୍ଧ ଅଞ୍ଚଳରେ ଅଧିକ ସୁରକ୍ଷା କର୍ମୀ ନିୟୋଜନ ସହ ସିସି କ୍ୟାମେରାର ଆବଶ୍ୟକତା ରହିଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ ଏହି ଅଞ୍ଚଳରେ ନକ୍ସଲଙ୍କ ଗତିବିଧି ରହିଛି। ଏହି ଡ୍ୟାମ ରାସ୍ତା ଚୋରା ଅପରାଧିଙ୍କ କାରବାରର କରିଡର। ଏହି ଜଳ ଭଣ୍ଡାର ଅଞ୍ଚଳ ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଅପରାଧିଙ୍କ ଗତିବିଧି ଉପରେ ନଜର ରଖିବାକୁ ସିସିଟିଭି କ୍ୟାମେରାର ନିହାତି ଆବଶ୍ୟକତା ରହିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଧନ ଜୀବନ ରକ୍ଷା ସହ ଚୋରା ଗଞ୍ଜେଇ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଇବା ପାଇଁ ଏ ଅଞ୍ଚଳ ବାସୀ ଦୃଢ ଦାବି କରିଛନ୍ତି।

# ଜେମ୍ସ ଫିଲ୍ମସର 'ଏ କେମିତି ବନ୍ଧନ'



ଜେମ୍ସ ଫିଲ୍ମସ ବ୍ୟାନରରେ ନିର୍ମାଣ ହେଉଛି ଚଳଚ୍ଚିତ୍ର ଏ କେମିତି ବନ୍ଧନ। ଯାହା ଏକ ପାରିବାରିକ କଥାବସ୍ତୁ ଉପରେ ଆଧାରିତ। ଜୀବନ ସଂଗ୍ରାମରେ ବଞ୍ଚିବାକୁ ହେଲେ ପରିବାରକୁ କେମିତି ବିଭିନ୍ନ ସଂଘର୍ଷର ପଥ ଦେଇ ଗତି କରିବାକୁ ପଡିଛି ଓ କାହାଣୀର ମୁଖ୍ୟ ନାୟକ, ନାୟିକା କେମିତି ତାଙ୍କ ଭାଇ ଭାଉଜଙ୍କ ମୃତ୍ୟୁ ପରେ ତାଙ୍କ ପିଲାଙ୍କୁ ଆପଣେଇ ନେଇ ସଂଘର୍ଷର ସମ୍ମୁଖିନ ହେବାକୁ ପଡିଛି, ଏ କାହାଣୀ ମାଧ୍ୟମରେ ଦର୍ଶକ ଦେଖିବାକୁ ପାଇବେ। ଏହି କଥା ବସ୍ତୁରେ ଅଭିନେତା ଅମନ, ଅଭିନେତ୍ରୀ କୁକିଜ ସ୍ୱାଇଁ, ଦୀପକ ମହାରଣା, ମାନସ ମିଶ୍ର, ପୂର୍ଣ୍ଣ ପାତ୍ର, ତପନ ସାହୁ, ମୁନ୍ନା ମଲ୍ଲିକ, ସ୍ମିତା ଚକ୍ରବର୍ତ୍ତୀ, କୁହୁ, ମଧୁ ବାରିକ, ସୂର୍ଣ୍ଣଲତା, ରାଜଲକ୍ଷ୍ମୀ, ସତ୍ୟେନ୍ଦ୍ର, ରୁଦ୍ର, ଜ୍ୟୋତିଶ୍ରୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ରାକେଶ ସାମଲ ନେଇଥିବା ବେଳେ, ସଙ୍ଗୀତ ନିର୍ଦ୍ଦେଶନା ଭାର ବୈଦନାଥ ଦାଶ ନେଇଛନ୍ତି। ପ୍ରଯୋଜନାରେ ଜେମ୍ସ ଓ ପ୍ରଭାତ ଅଛନ୍ତି। ସହ ପ୍ରଯୋଜକ ଅଛନ୍ତି ସ୍ମିଥ ବାରିକ, ଏ.ଆର .ହାରିସ ବାଦୀ କ୍ରିଏଟିଭ ପ୍ରଯୋଜକ ଅଛନ୍ତି। ସିନେମାଟୋଗ୍ରାଫର ଭାବେ ଦେବବ୍ରତ ନାଥ ଅଛନ୍ତି। ପ୍ରଡକ୍ସନ କଣ୍ଟ୍ରୋଲର ଭାବେ ଚିକୁ କାମ କରୁଛନ୍ତି। ଜେମ୍ସ ଫିଲ୍ମସ ବ୍ୟାନରରେ ନିର୍ମାଣ ହୋଇଥିବା ଚଳଚ୍ଚିତ୍ର 'ଏ କେମିତି ଏ ବନ୍ଧନ'ର ସୁଟିଂ ଶେଷ ହୋଇଛି। ଖୁବ ଶୀଘ୍ର ଏ କଥାଚିତ୍ରଟି ଫ୍ଲୋରକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଚଳେଇଛି। ଦର୍ଶକ ଏକ ନିଖୁଣ ପାରିବାରିକ ଓ ମଣିଷ ଜୀବନର ସଂଘର୍ଷର କାହାଣୀ ପରଦା ଉପରେ ଦେଖିବାକୁ ପାଇବେ।

# ମା'ମାନେ ଆଣିଛନ୍ତି ଓଡିଶା ପାଇଁ ନୂଆ ଗତି, ଶକ୍ତି ଓ ପ୍ରଗତି : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ମା' ମାନଙ୍କୁ କହିଲେ ଯେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଆଜି ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିବ। ମା'ମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ଆଜି ଆମେ ଆଉ ଏକ ପାଦ ଆଗକୁ ଆସିଲୁ। ମିଶନ ଶକ୍ତି ମା' ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛୁ। ସେମାନଙ୍କର ଏହି ଋଣ ବାବଦକୁ ୫୨୮ କୋଟି ଟଙ୍କାର ସୁଧ ରାଜ୍ୟ ସରକାର ଦେବେ। ଏହି ଯୋଜନାରେ ୨ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ମା' ମାନେ ସ୍କୁଟର ପାଇବେ। ଆଜି ଏହି ଯୋଜନାର ଶୁଭାରମ୍ଭରେ ୧୫ ହଜାର ମା'ଙ୍କୁ ସ୍କୁଟର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ, ଗତି ହିଁ ଶକ୍ତି। ଗତି ହିଁ ସଶକ୍ତିକରଣ। ଆମର ସ୍କୁଟର ଯୋଜନା ମା'ମାନଙ୍କ ଯାତାୟତକୁ ସୁବିଧା କରିବ। ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ମୋର ପୁରା ବିଶ୍ୱାସ ମା'ମାନେ ଏବେ ଆହୁରି ଭଲ କାମ କରିବେ। ୭୦ ଲକ୍ଷ ମା'ମାନଙ୍କ ନିଜର ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜବୁତ ହେବ। ମା'ମାନଙ୍କ ଗତିଶୀଳତା ଓଡିଶାର ପ୍ରଗତିକୁ ନୂଆ ବେଗ ଦେବ। ମିଶନ ଶକ୍ତି ମା'ମାନଙ୍କୁ ସରକାରୀ କାମ ଦେବାରେ ଦେଶରେ ଓଡିଶା ଏକମାତ୍ର ରାଜ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ଲକ ଓ ଜିଲ୍ଲା ସ୍ତରୀୟ ମିଶନ ଶକ୍ତି ଫେଡେରେସନ୍‌କୁ ସରକାରୀ କାର୍ଯ୍ୟ ପାଇଁ ଯାନସୁବିଧା ଯୋଗାଇଦେବା ବାବଦରେ ଘୋଷଣା କରିଥିଲେ। ଯାନସୁବିଧା ବଳରେ ସେମାନଙ୍କର ଦକ୍ଷତା ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଲେ ଯେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟୋଗୀଭାବେ ପରିଣତ କରିବା ଆମର ଲକ୍ଷ୍ୟ। ଏଥିପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫୦ କୋଟି ଟଙ୍କାର ସୁଧ ସହାୟତା ସିଧା ସଳଖ ଦିଆ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ମା' ମଙ୍ଗଳା ଏସ୍.ଏଚ୍.ଜି ଓ କଟକ ଜିଲ୍ଲାର ଜୟ ଶ୍ରୀରାମ ଏସ୍. ଏଚ୍.ଜିକୁ ସୁଧ ବାବଦ ଚେକ୍ ହସ୍ତାନ୍ତର କରିଥିଲେ। ମୁଖ୍ୟମନ୍ତ୍ରୀ ଉପସ୍ଥିତ ମା'ମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ ମା'ମାନଙ୍କ ଉପରେ ମୋର ପୂରା ବିଶ୍ୱାସ ଅଛି। ମା'ମାନେ ହିଁ ଆଣିଛନ୍ତି ଓଡିଶା ପାଇଁ ନୂଆ ଗତି, ଶକ୍ତି ଓ ପ୍ରଗତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ ଗତିଶୀଳତା ହିଁ ସଶକ୍ତିକରଣ। ଏହାକୁ ପାଥେୟ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ମିଶନ ଶକ୍ତି ସ୍କୁଟର ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ୨ ଲକ୍ଷ କମ୍ୟୁନିଟ୍ ସପୋର୍ଟ ଷ୍ଟାଫ, ବିଜ୍‌ନେସ କରସପେଣ୍ଡସ୍ ଏଜେଣ୍ଟ, ଏବଂ ଏକ୍‌ଜ୍ୟୁକେଟିଭ୍ କମିଟି ମେମ୍ବର ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇବେ। ଏହି ପଦକ୍ଷେପ ମିଶନ ଶକ୍ତି ଫେଡେରେସନ୍ ସହିତ କାର୍ଯ୍ୟରତ ଓ ଏହା ଅଧିନରେ କାର୍ଯ୍ୟରତ ସଦସ୍ୟାମାନଙ୍କ ଯାତାୟତକୁ ସୁଗମ କରିବା ସହିତ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ।

# ଅପରାଧମୁକ୍ତ ହେବ ପାର୍ବଣ

**ଭୁବନେଶ୍ୱର :** ଆସୁଛି ପୂଜା। ଚଳଚଞ୍ଚଳ ରାଜଧାନୀ। ଏବେଠୁ ରାଜଧାନୀରେ ଡେରା ପକାଇଲେଣି ରାଜ୍ୟ ବାହାର ଛିନତାଇ ଗ୍ୟାଙ୍ଗ। ପୂଜା ପେଣ୍ଡାଲ ନିକଟରେ ଦର୍ଶନ ବାହାନାରେ କରିବେ ହାତ ସଫେଇ। ଗ୍ୟାଙ୍ଗ ମହିଳାଙ୍କୁ ଡାଲ କରି କରିବ ଅପରେସନ। ପୂଜା ପେଣ୍ଡାଲ ଭିତରେ ହେଉକି ବାହାରେ ମୋବାଇଲ, ସୁନା ଚେନ ଓ ଭ୍ୟାନିଟ ଛଡାଇବେ। ପୂର୍ବ ବର୍ଷ ପରି ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ନଜର ରଖିବା ପାଇଁ ଗୁଇନ୍ଦା ନେଟୱର୍କକୁ କଡାକଡି କରିବା ସହିତ ସମସ୍ତ ଥାନାକୁ ଆଲର୍ଟ କରିଛନ୍ତି ଡିସିପି। ପୂଜାରେ କ୍ରାଇମ ରୋକିବାକୁ ପୁଲିସର ମାଷ୍ଟର ପ୍ଲାନ। ପାର୍ବଣ ହେବ କ୍ରାଇମ ଫ୍ରି। ରାଜଧାନୀରେ ଡେରା ପକାଇଲେଣି ଆନ୍ତଃରାଜ୍ୟ ଗ୍ୟାଙ୍ଗ। ପୂଜାରେ ମଉଜ କରିବେ ସହରିଆ। ଏହି ସମୟରେ ମୌକା ଦେଖି ମାତିବେ ଲୁଟେରା। ଲୁଟେରାଙ୍କୁ କାଉଣ୍ଟର କରିବାକୁ ଡିସିପିଙ୍କ ଷ୍ଟ୍ରାଟେଜି। ସମସ୍ତ ଥାନାକୁ କରାଯାଇଛି ଆଲର୍ଟ। ଗ୍ୟାଙ୍ଗ ସ୍କାନରରେ ଗହଳି ସ୍ଥାନ। ପୂଜା ପେଣ୍ଡାଲରେ ମହିଳାଙ୍କୁ ଡାଲ କରି ଲୁଟିବେ ପୁରଷ। ମୋବାଇଲ, ସୁନା ଚେନ ଝାମ୍ପିବା ସହ ହେବ ପକେଟ ମାର। ଆଉ କେଉଁଠି ବନ୍ଦ ଥିବା ଘରୁ ଲୁଟିବେ ଅଭିଯୁକ୍ତ। ଗ୍ୟାଙ୍ଗ ବାବଦରେ ପୁଲିସ ଅବଗତ ଥିବା ବେଳେ ନଜର ରଖିବା ପାଇଁ ପେଣ୍ଡାଲରେ ଅଣ୍ଡର କଭର ଅଫିସର ସାଧା ପୋଷାକରେ ଜଗିବେ। ପୋଲିସର ଆଖି କାନ କୁହାଯାଉଥିବା ସ୍ପେଶାଲ ସ୍କ୍ୱାଡ, ଟିମ-୬୦ ଓ ପିଓପିଡି ଟିମ ଏବେ ଆକ୍ଟିଭ ମୋଡରେ ରହିଛନ୍ତି। ଲୋକଙ୍କୁ ଭେଟି ପୁଲିସ ତାର ଉପସ୍ଥିତ ଜାହିର କରୁଛି। ଗତ ବର୍ଷ ବିଭିନ୍ନ ପୂଜା ପେଣ୍ଡାଲରେ ଏମିତି କିଛି ଘଟଣା ଘଟିଥିଲା। ସେହି ଗ୍ୟାଙ୍ଗ ମାନଙ୍କୁ କମିଟି ସହାୟତାରେ ପୁଲିସ ଧରିଥିଲା। ସେହି ଫଣ୍ଡାକୁ ନେଇ ପୁଲିସ ରଣନିତୀ କରିଛି ବୋଲି ଡିସିପି କହିଛନ୍ତି। ସେପଟେ ଜେଲ ପରେଡକୁ ଜୋରଦାର କରାଯାଉଛି। କେଉଁ ସବୁ ଅପରାଧୀ ଜେଲରେ ଅଛନ୍ତି, କିଏ ଜାମିନରେ ଯାଇଛି। ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର

# କାହା ଛତ୍ରଛାୟାରେ ଉତ୍ପାତ କରୁଛନ୍ତି ବିଇଓ



**ଭଦ୍ରକ, (ବିକାଶ କୁମାର ଧଳ) :** ମାଳମାଳ ଅଭିଯୋଗ ସତ୍ତ୍ୱେ ସୁଧରୁ ନାହାନ୍ତି ବନ୍ତ ବିଇଓ ମଞ୍ଜୁବାଳା ନାୟକ। ଶିକ୍ଷା ବିଭାଗର ସମସ୍ତ ପ୍ରକାର ନୀତିନିୟମକୁ ବେଖାତିର କରି ନିଜ ଇଚ୍ଛାରେ ବ୍ଲକ ଶିକ୍ଷା ବ୍ୟବସ୍ଥାକୁ ବିଗାଡି ଚାଲିଥିବା ବିଇଓଙ୍କ ବିରୁଦ୍ଧରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ମେଳି ବାନ୍ଧିଲେଣି। କୌଣସି ଯୁକ୍ତିଯୁକ୍ତ ପ୍ରମାଣ ନଥାଇ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଟୁନାବାଳା ଦାଶଙ୍କ ଦରମା ବନ୍ଦ କରି ନିଜକୁ ବିଭାଗର ସର୍ବେସର୍ବା ମନେ କରୁଛନ୍ତି ବିଇଓ। କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣେ ଶିକ୍ଷୟିତ୍ରୀ କିଭଳି ଭାବେ ସବୁଦିନ ଆସି ବିଇଓଙ୍କୁ ମୁଣ୍ଡିଆ ମାରିବେ ତାହା ଜଣାପଡୁନାହିଁ। ବିନା କାରଣରେ କାରଣ ଦର୍ଶାଅ ନୋଟିସ ଜାରି କରି ଶ୍ରୀମତୀ ଦାଶଙ୍କୁ ସେ ଯେଉଁଭଳି ଭାବେ ହଇରାଣ ହରକତ କରୁଛନ୍ତି ତାହା କଥାରେ ନକହିବା ଭଲ। ହେଲେ ଶ୍ରୀମତୀ ଦାଶ କାରଣ ଦର୍ଶାଅ ନୋଟିସର ଯଥାର୍ଥ ଉତ୍ତର ଦେଇଥିବା ସତ୍ତ୍ୱେ ବିଇଓ ମହାଶୟା ତାଙ୍କର ଦରମା ବନ୍ଦ କରିବା କେତେ ଯଥାର୍ଥ ! ନିଜ କ୍ଷମତା ବାହାରକୁ ଯାଇ ଶ୍ରୀମତୀ ନାୟକ ଏଭଳି ଅନେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ନୋଟିସ ଜାରି ହୋଇଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ଲାଞ୍ଚ ଖାଇ ତାଙ୍କ ନାମରେ ରଚିଥିବା ମିଛ ମାମଲାକୁ ରଫାଦଫା କରିଦେଉଛନ୍ତି। ତିନିଦିନ ବଦଳରେ ୩୦ଦିନ ତାଲିମ ଶିବିର କରିବାକୁ ନିୟମ ନଥିଲା ବେଳେ ବିଇଓ କିନ୍ତୁ ଏହାକୁ କରି ଦେଖାଇଛନ୍ତି। ଅଫିସରେ ଜଣେ ପିଅନ ରହିବା ବଦଳରେ ସେ ଆଉ ଜଣକୁ ଡେପୁଟେସନରେ ଆଣି ରୋଷେୟା ଭାବେ କାର୍ଯ୍ୟ କରାଉଥିବା ଜଣାପଡିଛି। ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ କୋ-ଅର୍ଡିନେଟରଙ୍କ ଅଜ୍ଞାତସାରରେ ଏଭଳି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଥିଲେ ବି ବିଇଓ କୌଣସି ନିୟମ ଅନୁସରଣ କରୁନଥିବା ଅଭିଯୋଗ ହେଉଛି। ତାଙ୍କର ବ୍ୟବହାର ଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଯୋଜନାବଦ୍ଧ ବୋଲି ସବୁଠି ଚର୍ଚ୍ଚା ହେଉଛି। ହେଲେ ବିଇଓ ମହୋଦୟାଙ୍କ ଉପରେ କାହାର ହାତ ରହିଛି ଯେଉଁଥିପାଇଁ ସେ ଶିକ୍ଷା ବିଭାଗର ସର୍ଭିସ୍ କୋଡ୍ ଉଲ୍ଲଙ୍ଘନ କରି ବିଚିତ୍ର ନିର୍ଦ୍ଦେଶନାମା ଜାରି କରୁଛନ୍ତି। ତାଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ହୋଇଥିଲା ବେଳେ ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଏହାର ଅନୁସନ୍ଧାନ କରି ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଅମିତ ରୋହିଦାସ ଓ ଦୀପଗ୍ରେସ ଏକ୍କାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଏସିଆନ ଗେମ୍ସରେ ସଫଳତା ପାଇଥିବା ହକି ଖେଳାଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ ଅମିତ ରୋହିଦାସ ଓ ଦୀପଗ୍ରେସ ଏକ୍କାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ। ଦୀପଗ୍ରେସଙ୍କୁ ୫୦ ଲକ୍ଷ ଟଙ୍କା ଓ ଅମିତ ରୋହିଦାସଙ୍କୁ ଦେଢ କୋଟି ଟଙ୍କା ପୁରସ୍କାର ଦେଇଥିଲେ। ପୁରୁଷ ହକି ଫାଇନାଲରେ ପୁରୁଷ ଟିମ୍ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦଳ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଲ ଦେଇଥିଲେ ଅମିତ ରୋହିଦାସ। ସେହିଭଳି ମହିଳା ଟିମ୍ ବ୍ରୋଞ୍ଜ ପଦକ ହାତେଇଥିଲା। ସେମାନଙ୍କର କଠିନ ପରିଶ୍ରମ ଓ ସଫଳତା ପାଇଁ ଓଡ଼ିଶା ଆଜି ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଆଗକୁ ଏଭଳି ପ୍ରୟାସ ଜାରି ରହୁ ବୋଲି ସେ କହିଛନ୍ତି।



## ବୁଣାକାରଙ୍କୁ ରାଜ୍ୟ ସରକାରଙ୍କ ଭେଟି

# ବଳିଆ ଯୋଜନାରେ ଋଣ ସହାୟତା ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି



**ଭୁବନେଶ୍ୱର :** ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ ବଞ୍ଚାଇ ରଖିବାରେ ହସ୍ତତନ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ କୁଟୀର ଶିଳ୍ପ ହୋଇଥିବା ବେଳେ ଲକ୍ଷ ଲକ୍ଷ ଲୋକଙ୍କର ଜୀବିକାର ମାଧ୍ୟମ ହୋଇଛି। ଅତ୍ୟନ୍ତ କଳାତ୍ମକ ଡିଜାଇନ, ନିଖୁଣ ଏବଂ ସୁନ୍ଦର ରୁପରେଖ ପାଇଁ ଓଡ଼ିଶାର ହସ୍ତତନ୍ତ ଦେଶବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟରେ ବୁଣାକାର ମାନଙ୍କ ସାମାଜିକ-ଅର୍ଥନୈତିକ ସଶକ୍ତିକରଣକୁ ସୁଗମ କରିବା ସହିତ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହକୁ ସଂରକ୍ଷିତ ରଖିବା ପାଇଁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ ବିଭିନ୍ନ ବିକାଶମୂଳକ ଏବଂ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକ୍ରମ କରାଯାଇଛି। ବୁଣାକାରମାନଙ୍କୁ ରାଜ୍ୟସରକାରଙ୍କର ଭେଟି। ବୁଣାକାର ଓ ହସ୍ତତନ୍ତ କାରିଗରଙ୍କ ପାଇଁ ଖୁସି ଖବର। ବଳିଆ ଯୋଜନାରେ ଋଣ ସହାୟତା ରାଶି ବୃଦ୍ଧି କରିଛନ୍ତି ରାଜ୍ୟସରକାର। ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ସରକାର। ରାଜ୍ୟରେ ୬୬, ୧୪୧ ବୁଣାକାର ପରିବାର ରହିଛନ୍ତି। ୧ ଲକ୍ଷ ୨୪ ହଜାର ୮୪ ଜଣ ବୁଣାକାର ଅଛନ୍ତି ସେହିପରି ୫୬ ହଜାର ୫୬୯ ସଂଖ୍ୟକ ତନ୍ତ ରହିଛି। ଆଗରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଦିଆଯାଉଥିଲା। ଏବେ ଏହାକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୧ ଲକ୍ଷ ବୃଦ୍ଧିକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି। ବୁଣାକାର ମାନଙ୍କ ରୋଜଗାର ସୁନିଶ୍ଚିତ କରିବା, ଅର୍ଥନୈତିକ ଅବସ୍ଥାକୁ ସୁଦୃଢ କରିବା ଓ ସୁରକ୍ଷିତ କରିବା ଏହି ଯୋଜନା ଗୁଡ଼ିକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ପ୍ରୟାସ ଏବଂ ହସ୍ତକ୍ଷେପ ଫଳରେ ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ ଅଭିବୃଦ୍ଧି ହେବ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


# କଥା ରଖିଲେ ୫-ଟି ସଚିବ; ବେଗୁନିଆରେ ହେବ ମେଡିକାଲ

**ଭୁବନେଶ୍ୱର :** ବେଗୁନିଆରେ ନିର୍ମାଣ ହେବ ୧୦୦ ଶଯ୍ୟା ବିଶିଷ୍ଟ ଉପ ଜିଲ୍ଲାସ୍ତରୀୟ ଡାକ୍ତରଖାନା। ଦାବି ଉପସ୍ଥାପନର ମାତ୍ର ଦୁଇ ମାସ ମଧ୍ୟରେ ସମାଧାନ। ବୋଲଗଡ-ବେଦୁନିଆ ବାସିନ୍ଦାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦେଇଛନ୍ତି ଦଶହରା ଭେଟି। କଥା ଦେଇ କଥା ରଖିଛନ୍ତି ୫ଟି ସଚିବ ଭି କେ ପାଣ୍ଡିଆନ୍। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବେଗୁନିଆରେ ୧୦୦ଶଯ୍ୟା ବିଶିଷ୍ଟ ଉପଖଣ୍ଡ ସ୍ତରୀୟ ମେଡିକାଲ୍ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଖୁସିରେ ବିଭୋର ବୋଲଗଡ-ବେଗୁନିଆ ବାସିନ୍ଦା। ବୁଧବାର ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମହିଳା, ଯୁବ, ଛାତ୍ର, ମିଶନ ଶକ୍ତି, ବରିଷ୍ଠ ନାଗରିକଙ୍କ ସମେତ ବୋଲଗଡ ବାସିନ୍ଦା ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ବେଗୁନିଆରେ ଉପଖଣ୍ଡ ସ୍ତରୀୟ ମେଡିକାଲ୍ ପାଇଁ କିଛି ମାସ ହେବ ଦାବି ହୋଇ ଆସୁଥିଲା। ଏପିରକି ମୁଖ୍ୟମନ୍ତ୍ରୀଙ୍କ ପାଖକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଦାବି ଜଣାଇଥିଲେ। ଉପଖଣ୍ଡ ସ୍ତରୀୟ ମେଡିକାଲ୍ ନିର୍ମାଣ ଲାଗି ଖୁସି ଖବର



ପାଇବା ପରେ କ୍ରିୟାନୁଷ୍ଠାନ କମିଟି ୫ଟି ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଗଷ୍ଟ ୨୨ ତାରିଖରେ ବେଗୁନିଆଗସ୍ତରେ ଜନ ଶୁଣାଣି ସମୟରେ ୫ଟି ସଚିବ ଭି କେ ପାଣ୍ଡିଆନ ଗସ୍ତ କରିଥିଲେ। ବେଗୁନିଆରେ ସିଏଚସି ପାଇଁ ଅନୁରୋଧ କରିଥିଲେ ସ୍ଥାନୀୟ ବାସିନ୍ଦା। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନ କରି ଖୁସି ଖବର ପାଇବେ ବୋଲି ୫ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କଥା ଦେଇ କଥା ରଖିଛନ୍ତି ୫ଟି ସଚିବ।




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455


# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



**ପଡ଼ିଆ :** ମାଲକାନଗିରି ଜିଲ୍ଲା ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୁଲ୍ୟରେ ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟ ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ପଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରାଯାଇଥିଲା। କୌଣସି ପ୍ରକାର ଚାପ ଗ୍ରସ୍ତ ହୋଇ କାର୍ଯ୍ୟ କରିବା, ନିଶାଦ୍ରବ୍ୟ, ମାଦକ ଦ୍ରବ୍ୟ, ସେବନରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦିଆଗଲା। ଚଳିତ ବର୍ଷର ବାର୍ତା ମାନସିକ ସ୍ୱାସ୍ଥ୍ୟ ଏକ ସର୍ବଭାରତୀୟ ମାନବ ଅଧିକାର। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଶୋଭାଯାତ୍ରା ପରିକ୍ରମା କରାଯାଇଥିଲା। ଏହି ଏହି କାର୍ଯ୍ୟକ୍ରମକୁ ବିପିଏମ୍ ମହାନନ୍ଦ ମିସ୍ତ୍ରୀ, ପିଏଚଇଓ ନବୀନ ଚନ୍ଦ୍ର ସମରଥ ଏବଂ ବିଡିଏମ୍ ସୁରଜ୍ କୁମାର ଦେ ପରିଚାଳନା କରିଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**